READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୪ ସଂଖ୍ୟା-୩୦ ୧୦ - ୧୬ ଅଗଷ୍ଟ, ୨୦୨୦ ଭୁବନେଶ୍ୱର Monday Weekly VOL-4 ISSUE-30 10th - 16th AUGUST, 2020 BHUBANESWAR ₹ 5/- (8 Pages)

# ବେକାବୁ କରୋନା, ପଜିଟିଭ ସଂଖ୍ୟା ବଢୁଛି

**ଭୁବନେଶ୍ୱର :** ଓଡ଼ିଶାରେ ହୁ ହୁ ହୋଇ ବଢ଼ିଚାଲିଛି କରୋନା ସଂକ୍ରମଣ। ପୂର୍ବରୁ ଆକଳନ କରାଯାଉଥିଲା ଯେ, ଅଗଷ୍ଟ ମାସରେ ସଂକ୍ରମଣ ସଂଖ୍ୟା ୭୫ ହଜାର ଟପିଯିବ। ବର୍ତ୍ତମାନ ପରିସ୍ଥିତିକୁ ଦେଖିଲେ ଏହି ଆକଳନ ସତ୍ୟ ହେବାକୁ ଯାଉଛି। ପ୍ରତିଦିନ ଭୁବନେଶ୍ୱରରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିଚାଲିଥିଲା ବେଳେ ସଂକ୍ରମଣର ଧାରା ଭୟଙ୍କର ଦିଗ ଆଡକୁ ଗତି କରୁଛି। ଗତ ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ମହାମାରୀ କୋଭିଡ୍ ୨୫୯ଜଣଙ୍କ ଜୀବନ ନେଇସାରିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥ୍ୟ ଅନୁଯାୟୀ ୨୭ଟି ଜିଲ୍ଲାରେ କେବଳ ଶନିବାର ଦିନ ୧୬୪୩ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗଞ୍ଜାମ ଓ



ଖୋର୍ଦ୍ଧାରେ ସମାନ ସଂଖ୍ୟକ ୨୭୪ଜଣ ଲେଖାଏଁ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ରାୟଗଡା ୧୩୬, ସୁନ୍ଦରଗଡ ୧୧୮, ସମ୍ବଲପୁର ୧୧୨, କଟକ ୯୮, ପୁରୀ ୯୨, ବାଲେଶ୍ୱର ୭୩, କନ୍ଧମାଳ ୫୨, କୋରାପୁଟ ୫୦, ବଲାଙ୍ଗିରା ୪୩, ନୟାଗଡ ୪୦, ମୟୂରଭଞ୍ଜ ୩୯, ଢେଙ୍କାନାଳ, ଯାଜପୁରରେ ୩୬ ଜଣ ଲେଖାଏଁ, ଗଜପତି ୩୫, କଳାହାଣ୍ଡି ୩୦, ମାଲକାନଗିରି ୨୭, ଜଗତସିଂହପୁର ୨୧, ଅନୁଗୁଳ ୧୬, କେନ୍ଦ୍ରାପଡା ୧୪, ବୌଦ୍ଧ, ବରଗଡରେ ୭ଜଣ ଲେଖାଏଁ, ନବରଙ୍ଗପୁର ୫, କେନ୍ଦୁଝର ୩, ଝାରସୁଗୁଡା, ଭଦ୍ରକରେ ୨ଜଣ ଲେଖାଏଁ, ନୂଆପଡାରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଶନିବାର ଦିନ ଚିହ୍ନଟ ହୋଇଥିବା ୧୬୪୩ଜଣଙ୍କ ମଧ୍ୟରୁ ସଙ୍ଗରୋଧ କେନ୍ଦ୍ରରୁ ୧୦୧୮ ଓ ୬୨୫ଜଣ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ସେହିଭଳି ୧୬୪୩ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ୨୮ ଜିଲ୍ଲାରୁ ୧୫୪୪ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଶନିବାର ଦିନ ପର୍ଯ୍ୟନ୍ତ ରାଜ୍ୟରେ ମୋଟ କୋଭିଡ୍ ଆକ୍ରାନ୍ତଙ୍କ ସଂଖ୍ୟା ୪୪,୧୯୩ରେ ପହଞ୍ଚିଥିବା ବେଳେ ୩୦,୨୪୧ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ସୂଚନା ଦେଇଛି ସ୍ୱାସ୍ଥ୍ୟ ବିଭାଗ। ରାଜ୍ୟରେ କୋଭିଡ୍ ଜନିତ ମୃତ୍ୟୁସଂଖ୍ୟା ୨୫୯ରେ ପହଞ୍ଚିଥିଲା ବେଳେ ଅଣକୋଭିଡ୍‌ରେ ୫୦ରୁ ଅଧିକ ଆକ୍ରାନ୍ତଙ୍କ ଜୀବନ ଯାଇଥିବା ସ୍ୱାସ୍ଥ୍ୟ ବିଭାଗର ସୂଚନାରୁ ଜଣାପଡିଛି। ଅଗଷ୍ଟ ମାସରେ କରୋନା ଭୂତାଣୁ ରାଜ୍ୟରେ ଭୟାନକ ପରିସ୍ଥିତି ସୃଷ୍ଟି କରିଥିଲା ବେଳେ ପୀଡିତ ଉପଯୁକ୍ତ ଚିକିତ୍ସା ପାଉନଥିବା ନେଇ ବିଭିନ୍ନ ଖବର ପ୍ରକାଶ ପାଉଛି। ସରକାର କିନ୍ତୁ ଦୃଢ଼ତାର ସହ କହୁଛନ୍ତି ଯେ, କରୋନା ଟେଷ୍ଟିଂ ଓ ଚିକିତ୍ସା କେଉଁଥିରେ ଅସୁବିଧା ହେଉନାହିଁ। ତେବେ ବର୍ତ୍ତମାନ ସମୟରେ କରୋନାର ସ୍ଥିତିକୁ ଦେଖିଲେ ଜଣାପଡୁଛି ଆଗକୁ ଏହା ଭୟାନକ ପରିସ୍ଥିତି ସୃଷ୍ଟି କରିବ। ଆରମ୍ଭରୁ ସରକାର ଲୋକଙ୍କୁ ସଚେତନ ➤ ପୃ-୬

## ‘ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି’

**ଭୁବନେଶ୍ୱର :** ରାଜଧାନୀରେ କରୋନା ସଂକ୍ରମଣ ଜାରି ରହିବ। ଫଳରେ ବିଏମ୍‌ସି ଟେଷ୍ଟିଂ କ୍ଷମତା ବୃଦ୍ଧି କରିଛି। ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ, ରୋଗୀଙ୍କୁ ହସ୍ପିଟାଲ୍ ସ୍ଥାନାନ୍ତରଣ ସହିତ ଉପଯୁକ୍ତ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ବିଏମ୍‌ସି କମିଶନର ପ୍ରେମ ଚନ୍ଦ୍ର ଚୌଧୁରୀ କହିଛନ୍ତି। ସେ କହିଛନ୍ତି ଯେ ଗତ ୧୦ ଦିନରେ ବିଏମ୍‌ସି ଅଞ୍ଚଳରେ ସଂକ୍ରମିତଙ୍କ ହାର ଯଥେଷ୍ଟ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ହାର ୫୦ ପ୍ରତିଶତରୁ ବୃଦ୍ଧି ପାଇ ୬୩%ରୁ ଉର୍ଦ୍ଧ୍ୱ ହୋଇଛି। ଭୁବନେଶ୍ୱରରେ ଅଧିକ ଟେଷ୍ଟିଂ ହେଉଥିବାରୁ ଅଧିକ ସଂଖ୍ୟକ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇପାରିଛି। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉଛି। ୧୦ ଦିନରେ ୧୭୬୩୪ ଲୋକଙ୍କ ନମୁନା ପରୀକ୍ଷା ହୋଇଥିଲା। ସେମାନଙ୍କ ମଧ୍ୟରୁ ୧୨୬୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଏବେ ୧୧୨୬ ଚିକିତ୍ସାଧୀନ ଅଛନ୍ତି। ଅନ୍ୟମାନେ ସୁସ୍ଥ ହୋଇସାରିଲେଣି। ଭୁବନେଶ୍ୱରରେ ବର୍ତ୍ତମାନ ଚିକିତ୍ସାଧୀନ କରୋନା ରୋଗୀଙ୍କ ମଧ୍ୟରୁ ୧୨୩ ବରିଷ୍ଠ ନାଗରିକ ରହିଛନ୍ତି। କେବଳ ବସ୍ତି ଅଞ୍ଚଳର ୨୦୪ ରହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ପୂର୍ବରୁ ବିଭିନ୍ନ ➤ ପୃ-୬

### ମହାନଦୀ ଜଳବିବାଦ ମାମଲା

## ଘୁଞ୍ଚିଲା ଶୁଣାଣି

**ଭୁବନେଶ୍ୱର :** ମହାନଦୀ ଜଳ ବିବାଦ ମାମଲାରେ ଶନିବାର ଟ୍ରିବ୍ୟୁନାଲରେ ଶୁଣାଣି କରିବା ସହ ଓଡ଼ିଶା ସରକାରଙ୍କ ଆବେଦନ ଆଧାରରେ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ପୂର୍ବରୁ ଚୂଡ଼ାନ୍ତ ହୋଇଥିବା ୩୬ଟି ପ୍ରସଙ୍ଗ ଉପରେ ଆଜି ଟ୍ରିବ୍ୟୁନାଲରେ ଶୁଣାଣି ହୋଇଥିଲା। ଭିଡିଓ କନଫରେନ୍ସିଂ ଜରିଆରେ ଜଷ୍ଟିସ ଖାନଓ୍ୱିଲକରଙ୍କ ଏହି ଶୁଣାଣୀ କରିଥିବା ବେଳେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୯ ତାରିଖରେ ହେବାକୁ ଧାର୍ଯ୍ୟ ହୋଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶା ପକ୍ଷରୁ କେନ୍ଦ୍ରୀୟ ଜଳ ଆୟୋଗ(ସିଡବ୍ଲ୍ୟୁସି), ଭାରତ ପାଣିପାଗ



ବିଭାଗ(ଆଇଏମ୍‌ଡି) ଏବଂ କନ୍ଦ୍ରୀୟ ଭୂତଳ ଜଳ ବୋର୍ଡ ଆଦି ୩ଟି ସଂସ୍ଥାରୁ କିଛି ତଥ୍ୟ ପାଇଁ ଆବେଦନ କରାଯାଇଥିବାରୁ ଟ୍ରିବ୍ୟୁନାଲ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଥିବା ଜଣାପଡ଼ିଛି। ସେହିପରି କାବେରୀ ଓ କ୍ରୀଷ୍ଣା ଜଳ ବିବାଦକୁ ଆଧାର କରି ମହାନଦୀ ➤ ପୃ-୬

## ପ୍ରଶିକ୍ଷଣ ନେବେ ୭୪ ହଜାର ଶିକ୍ଷକ

**ଭୁବନେଶ୍ୱର :** ୨୦୨୦-୨୧ ଶିକ୍ଷାବର୍ଷ ଲାଗି ରାଜ୍ୟରେ ମାର୍ଚ୍ଚରୁ ଆରମ୍ଭ ହେବାକୁ ଥିବା ନିଷ୍ଠା (ନ୍ୟାସନାଲ ଇନିସିଏଟିଭ ଫର୍ ସ୍କୁଲସ୍ ହେଡ୍ ଆଣ୍ଡ୍ ଟିଚର୍ସ ହଲିଷ୍ଟିକ୍ସ ଆଡଭାନ୍ସମେଣ୍ଟ) ଯୋଜନା ଖୁବଶୀଘ୍ର ଆରମ୍ଭ ହେବ। ଏଥିରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଶିକ୍ଷକଙ୍କୁ ମିଳିବ ସ୍ୱତନ୍ତ୍ର ପ୍ରଶିକ୍ଷଣ। ତେବେ ପ୍ରଥମ ପର୍ଯ୍ୟାୟରେ ପ୍ରଥମରୁ ଷଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷକଙ୍କୁ ଏଥିରେ ସାମିଲ କରାଯିବ। ପୂର୍ବରୁ ଏହି ଯୋଜନାରେ ଦେଢ଼ ଲକ୍ଷ ଶିକ୍ଷକଙ୍କୁ ସାମିଲ କରାଯାଇଥିବା ବେଳେ ଏବେ ୭୪ହଜାର ଶିକ୍ଷକଙ୍କୁ ସାମିଲ କରାଯାଇଛି। ରାଜ୍ୟର ୩୦ଟି ଜିଲ୍ଲାରେ ପର୍ଯ୍ୟାୟକ୍ରମେ ସାମାଜିକ ବ୍ୟବଧାନ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ପ୍ରଶିକ୍ଷଣରେ ସବୁ ଶିକ୍ଷକଙ୍କୁ ଶିକ୍ଷା ସମ୍ପର୍କିତ ଏବଂ ବିଷୟଭିତ୍ତିକ ପ୍ରଶିକ୍ଷଣ ଦିଆଯିବ। ଏଥିପାଇଁ ପ୍ରାୟ ୧୫କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ଏହି ସମସ୍ତ ଟଙ୍କା କେନ୍ଦ୍ର ସରକାର ବହନ କରିବେ। ୨୦୨୦-୨୧ ଶିକ୍ଷାବର୍ଷ ଲାଗି ସର୍ବଭାରତୀୟସ୍ତରରେ ଏହି ‘ନିଷ୍ଠା’ ଯୋଜନା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ଦେଶର ମୋଟ୍ ୪୨ଲକ୍ଷ ଶିକ୍ଷକଙ୍କୁ ଟ୍ରେନ୍‌ଡ କରାଯିବ। ତେବେ ରାଜ୍ୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ୬୭ହଜାର ୬୦୫ଟି ସ୍କୁଲ ରହିଛି। ତେବେ ସେହିପରି ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ଶିକ୍ଷକଙ୍କ ସଂଖ୍ୟା ୧ଲକ୍ଷ ୯୭ହଜାର ୩୨୬ଜଣ। ସେଥିରୁ କେବଳ ପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ଲକ୍ଷେ ୩୦ହଜାର ୫୧୬ ଏବଂ ପ୍ରାଥମିକ ଶିକ୍ଷକଙ୍କ ସଂଖ୍ୟା ୬୬ହଜାର ୮୧୦ଜଣ। ତେବେ ଏହି ଯୋଜନାରେ ଓଡ଼ିଶାରେ ଅଢ଼େଇ ଲକ୍ଷ ଶିକ୍ଷକଙ୍କ ପ୍ରଶିକ୍ଷଣ ଲାଗି ଯୋଜନା ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧ଲକ୍ଷ ୯୮ହଜାର ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ରିପୋର୍ଟ ପ୍ରସ୍ତୁତ କରାଯାଇଥିଲା। ସମଗ୍ରଶିକ୍ଷା ଯୋଜନାରେ ମିଳିଥିବା ଅନୁଦାନରେ ଏହି ଖର୍ଚ୍ଚ କରାଯିବ। ଆବଶ୍ୟକସ୍ଥଳେ ଯୋଜନା ଲାଗି ଅନୁଦାନ ରାଶି କେନ୍ଦ୍ର ବଢ଼ାଇବେ। ତେବେ ସର୍ବଭାରତୀୟ ସ୍ତରରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସଂସ୍କାର ଆଣିବାରେ ରାଜ୍ୟ ସରକାର ଆଗୁଆ ଥିବା ବେଳେ ବିଭିନ୍ନ ଅଭିନବ ଯୋଜନା କାର୍ଯ୍ୟକାରୀ କରିବାରେ ଓଡ଼ିଶା ଆଗୁଆ ରହିଛି। ➤ ପୃ-୬

## ଗିରୀଶ ମୁର୍ମୁ ନୂଆ ସିଏଜି



**ନୂଆଦିଲ୍ଲୀ :** ଦେଶର ନୂଆ ସିଏଜି ଭାବେ ଶନିବାର ଶପଥ ନେଇଛନ୍ତି ଗିରୀଶ ଚନ୍ଦ୍ର ମୁର୍ମୁ। ରାଷ୍ଟ୍ରପତି ଭବନରେ ଆୟୋଜିତ ଶପଥ ଗ୍ରହଣ ଉତ୍ସବରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶ୍ରୀ ମୁର୍ମୁଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି। ଏହି ଉତ୍ସବରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ କେନ୍ଦ୍ର କ୍ୟାବିନେଟ୍‌ର ➤ ପୃ-୬

### ବକ୍ରବାଣୀ



ପେଟ ପୂଜା ପାଇଁ ମାମୁଁଙ୍କ ନାଟ
ଥନ୍ତଲା ପେଟକୁ ବାଜିଲା ଛାଟ
ପେଟ ବଢ଼େଇଲେ ପେଟୁଆ ହବ
ମାସକରେ ପେଟ କମେଇ ଦବ
ପେଟ ନ କମିଲେ ଯିବ ଚାକିରୀ
କହିଥିଲେ ଛାମୁଁ ତାଗିଦ୍ କରି
ପେଟ ମାମୁଁଙ୍କର ମାପିବା ପାଇଁ
ନୀରବ ପ୍ରାର୍ଥନା କରିଲେ ସାଇଁ
ପେଟକୁ ଖଙ୍କାଳି ମେନେଜ୍ କଲେ
କେମେରା ଆଗରେ ପୋଅଜ ଦେଲେ।

——— ଟୁଟୁ

### ଡିସିପି ଅଫିସ୍‌ରେ ଲାଗୁ ହେଉନି ବଦଳି ନିୟମ !

# କାହିଁକି ଏତେ ଅନୁକମ୍ପା

**ଭୁବନେଶ୍ୱର :** ଶାସନରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ ସରକାର ୫-ଟି’ ଓ ମୋ ସରକାର ଭଳି ଯୋଜନା କରିଥିଲେ ବି ଏହାର ବାସ୍ତବ ସ୍ଥିତି ପରଖା ଯାଉଥିବା ଜଣାପଡୁନି। କାରଣ ପୋଲିସ ବିଭାଗରେ କାର୍ଯ୍ୟ କରିବା ପାଇଁ ଯେଉଁ ନୀତିନିୟମ ରହିଛି ଭୁବନେଶ୍ୱର ଡିସିପି ଅଫିସରେ ତାହାର ଖୋଲାଖୋଲି ଉଲ୍ଲଙ୍ଘନ ହେଉଥିବା ସୂଚନା ମିଳୁଛି। ସୂଚନା ଅନୁସାରେ ଡିସିପି ଅଫିସରେ ଦୀର୍ଘବର୍ଷ ହେବ କିଛି କନଷ୍ଟେବଲ କାର୍ଯ୍ୟ କରୁଥିଲେ ବି ସେମାନଙ୍କର ବଦଳି କରାଯାଉନାହିଁ। ଜଣେ ପରେ ଜଣେ ଡିସିପି କମିଶନରେଟ୍ ପୋଲିସକୁ ଆସୁଥିଲା ବେଳେ ସେମାନଙ୍କର ବଦଳି ହେଉଥିବା ସତ୍ତ୍ୱେ କନଷ୍ଟେବଳଙ୍କ କ୍ଷେତ୍ରରେ ନିୟମ ଲାଗୁ ନ ହେବା ପଛରେ କ’ଣ କାରଣ ରହିଛି ତାହା ପଦାକୁ ଆସୁନି। ଦୀର୍ଘବର୍ଷ ଧରି ଗୋଟିଏ ସ୍ଥାନରେ କାମ କରିବା ଫଳରେ ଏହି କନଷ୍ଟେବଳମାନେ ଲାଞ୍ଚଖୋର ହେବା ସହିତ ମନମୁଖୀ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ସବୁବେଳେ ଆଲୋଚନା ହେଉଛି। ହେଲେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହି ଘଟଣାକୁ କିଭଳି ଜାଣିପାରୁ ନାହାନ୍ତି ତାହା ସନ୍ଦେହ ସୃଷ୍ଟି କରୁଛି। କେଉଁ ଦକ୍ଷତା ବଦଳରେ ବର୍ଷ ବର୍ଷ ଧରି କିଛି କନଷ୍ଟେବଳ ଏଠାରେ ଗାଦି ମାଡି ବସିଛନ୍ତି ତାହାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ପୋଲିସ ମାନୁଆଲରେ ଏଭଳି ନିୟମ ନଥିଲା ବେଳେ ନିୟମ ଖିଲାପକାରୀ ଏହି କନଷ୍ଟେବଳମାନେ କାହା ଆଶୀର୍ବାଦରେ ଗୋଟିଏ ସ୍ଥାନରେ ରହିପାରୁଛନ୍ତି ତାହା ମଧ୍ୟ ସନ୍ଦେହ ସୃଷ୍ଟି କରୁଛି। ଏହାକୁ ନେଇ ବିଭିନ୍ନ ସମୟରେ ଡିସିପି ଅଫିସ କର୍ମଚାରୀଙ୍କ ମଧ୍ୟରେ ଚାପା ଗୁଞ୍ଜରଣ ସୃଷ୍ଟି ହେଉଥିଲା ବେଳେ ମୁହଁ ଖୋଲି କେହି କହିପାରୁ ନାହାନ୍ତି। ହେଲେ ବାସ୍ତବ ତଥ୍ୟ କ’ଣ ତାହା ପଦାକୁ ଆସୁନଥିବାରୁ ସତ୍ୟାସତ୍ୟ ଜଣାପଡିନାହିଁ। ଆଶା ଥିଲା, ନୂଆ ଡିସିପି କାର୍ଯ୍ୟରେ ଯୋଗଦେବା ପରେ କନଷ୍ଟେବଳଙ୍କ ବଦଳି ଫାଇଲ ଖୋଲିବ। ଖବର ଅନୁସାରେ ଫାଇଲ ଖୋଲିଛି ହେଲେ ଆଗକୁ ଯାଇପାରିନାହିଁ। କେଉଁ କାରଣ ନେଇ ଫାଇଲ ବନ୍ଦ ରହିଛି ତାହା ଆଗାମୀ ଦିନରେ ହୁଏତ ଜଣାପଡିବ। କିନ୍ତୁ ଯେଉଁ ତିନିଜଣ କନଷ୍ଟେବଳଙ୍କ ➤ ପୃ-୬

**ଚିତ୍ତରଞ୍ଜନ ଦାସ**
**ବରିଷ୍ଠ ଆଇନଜୀବୀ, ପୂର୍ବତନ ସମ୍ପାଦକ**
**ଭୁବନେଶ୍ୱର ବାର୍ ଆସୋସିଏସନ**



ଆରକ୍ଷୀ ବାହିନୀର ସୁ-ସେବା ଯୋଗାଇ ଦେବା ପାଇଁ ଓଡ଼ିଶା ପୋଲିସ ମାନୁଆଲ ରୁଲ୍-୭୭୮ ଅନୁସାରେ କନଷ୍ଟେବଲମାନେ ଅତି ବେଶୀରେ ଗୋଟିଏ ସ୍ଥାନରେ ୨ ବର୍ଷ ରହିପାରିବେ। କିନ୍ତୁ କମିଶନରେଟ୍ ପୋଲିସ ହେବା ଦିନଠାରୁ ଅରୁପ ଦାସ ସେହି ଗୋଟିଏ କୋର୍ଟରେ ଦୀର୍ଘ ୧୨ ବର୍ଷ ହେବ ଅଛନ୍ତି। ତାଙ୍କର ମଝିରେ ବଦଳି ହୋଇଥିଲେ ବି ସେ ଜାଗାରୁ ସିଏ ଅନ୍ୟତ୍ର ଯାଇନାହାନ୍ତି। କାରଣ ସେ ନିଜେ ବା ଏହା ପଛରେ କାହାର ସ୍ୱାର୍ଥନିହିତ ଅଛି ତାହା ଅନୁସନ୍ଧାନ ସାପେକ୍ଷ। ତାଙ୍କ ଭଳି ଭୁବନେଶ୍ୱରର ପ୍ରତ୍ୟେକ ଥାନାରେ ଏମିତି ଅନେକ କନଷ୍ଟେବଳ କାର୍ଯ୍ୟ କରୁଥିଲେ ବି ଏଥିପ୍ରତି ପୋଲିସ ବିଭାଗ ଧ୍ୟାନ ଦେଇନାହିଁ।




### ବାଲେଶ୍ୱର ରାଜନୀତି ଇତିହାସ

# ଚର୍ଚ୍ଚାରେ ତିନି କେନ୍ଦ୍ରମନ୍ତ୍ରୀ !

**ବାଲେଶ୍ୱର, (କୈଳାସ ଚନ୍ଦ୍ର ବେହେରା) :** ପୂର୍ବତନ ଦଇ କେନ୍ଦ୍ରମନ୍ତ୍ରୀଙ୍କ ସମୟର ବିଭିନ୍ନ ପ୍ରକଳ୍ପକୁ ନେଇ ଚର୍ଚ୍ଚା ରହିଥିବା ବେଳେ ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀଙ୍କ ପାଇଁ ରହିଛି ବଡ ଆହ୍ୱାନ। ବାଲେଶ୍ୱରବାସୀଙ୍କ ସ୍ୱପନ୍ନ ସାର୍ଥକର ପ୍ରତୀକ ଓଡ଼ିଶାର ‘ପ୍ରଥମ ଉଡନ୍ତା ପୋଲ’ କହିଲେ ବାଲେଶ୍ୱରର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସମରେନ୍ଦ୍ର କୁଣ୍ଡୁଙ୍କ ଦୃଢ଼ ଇଚ୍ଛାଶକ୍ତି ତଥା ତାଙ୍କ ପରିଚୟର ପରିପ୍ରକାଶ କହିଲେ ଅତ୍ୟୁକ୍ତି ହେବନାହିଁ। ସେତେବେଳେ ଓଡ଼ିଶାର ଏହା ପ୍ରଥମ ଉଡନ୍ତା ପୋଲ କହିଲେ ଅତ୍ୟୁକ୍ତି ହେବନାହିଁ। କିନ୍ତୁ ଦୁଃଖର କଥା ଏହି ପୋଲଟି ଜରାଜୀର୍ଣ୍ଣ ଅବସ୍ଥାରେ ବହୁ ଦାବି ଧାରଣା ପରେ ବି ମରାମତି ହୋଇନପାରି ବିପଦପୂର୍ଣ୍ଣ ଭାବେ ଠିଆ ହୋଇଛି କଂଗ୍ରେସ ଶାସନ କାଳରେ। ଏମ୍ସ, ସିପେଟ, ତାମୁଳିଆ ଓଭରବ୍ରିଜ୍, ବାଲେଶ୍ୱର ମେଡିକାଲ କଲେଜ ଭଳି ଅନେକ ପ୍ରକଳ୍ପ ଗୁଡିକ ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ସ୍ୱତନ୍ତ୍ର ସମନ୍ୱୟ ଯୋଗୁଁ ହିଁ ବାଲେଶ୍ୱରକୁ ଆସିପାରିଥିବା ନଜିର ରହିଛି। ଶ୍ରୀଯୁକ୍ତ ଜେନା ଜଣେ ପାରଦର୍ଶୀ ଏବେ ଓଡ଼ିଶା ରାଜନୀତିର ଅଭିଜ୍ଞ ନେତା ହୋଇଥିବାରୁ ସେ ଖାଲି ବାଲେଶ୍ୱର ନୁହେଁ ସାରା ଓଡ଼ିଶାରେ ବିଭିନ୍ନ ପ୍ରକଳ୍ପ, ରେଲଓ୍ୱେ ଡିଭିଜନ ଅପିସ ପ୍ରତିଷ୍ଠା କରାଇ ପାରିଥିଲେ। ଗତ ନିର୍ବାଚନରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରୁ ପ୍ରଥମଥର ଦୁଇ ଦୁଇ ଜଣ ହେବିଓ୍ୱେଟ୍ ନେତାଙ୍କୁ ପରାଜିତ କରି ବାଲେଶ୍ୱର ସାଂସଦ



ପ୍ରତାପ ଚନ୍ଦ୍ର ଷଡଙ୍ଗୀ କେନ୍ଦ୍ରରେ ମନ୍ତ୍ରୀ ରହିଥିବା ବେଳେ ବାଲେଶ୍ୱରବସୀ ତାଙ୍କ ଠାରୁ କିଛି ବୃହତ ପ୍ରକଳ୍ପ ଆଶା କରିବା ସ୍ୱାଭାବିକ କଥା। ଏହାରି ଭିତରେ ବାଲେଶ୍ୱରର ବିକାଶ କ୍ଷେତ୍ରରେ ଗତ ପାଞ୍ଚବର୍ଷରେ ବାଲେଶ୍ୱରକୁ ଆସିଥିବା ୪ଟି ରେଲଓ୍ୱେ ଓଭରବ୍ରିଜ ତଥା ସୁବର୍ଣ୍ଣରେଖା ଗଭୀରତମ ବନ୍ଦର, ହଳଦିଆ ପେଟ୍ରୋକେମିକାଲସ ଭଳି ଦୁଇଟି ବଡ ପ୍ରକଳ୍ପ ରହିଥିବା ବେଳେ ଏହାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ସ୍ଥାନୀୟ ସାଂସଦ ଭାବେ ➤ ପୃ-୬

## କେମିତି କଟିବ ଏ ସପ୍ତାହ

**ମେଷ** — ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ। ବ୍ୟବସାୟରେ ଉନ୍ନତି କରିବେ।

**ବୃଷ** — ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ। ଗୃହରେ ଶାନ୍ତି ବଜାୟ ରହିବ।

**ମିଥୁନ** — ନୂତନ ଯାନ କ୍ରୟ କରିବେ। ବନ୍ଧୁଙ୍କଠାରୁ ସାହାଯ୍ୟ ମିଳିପାରେ। କର୍ମକ୍ଷେତ୍ରରେ ଆଶା କରିଥିବା ଇଚ୍ଛା ପୂରଣ ହେବ। ବ୍ୟବସାୟୀମାନେ ଲାଭରୁ ବଞ୍ଚିତ ରହିବେ। ରାଜନୈତିକ କ୍ଷେତ୍ରରେ ସଫଳ ହେବେ।

**କର୍କଟ** — କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ସିଂହ** — ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**କନ୍ୟା** — ଧର୍ମାନୁଷ୍ଠାନରେ ସମୟ ଅତିବାହିତ କରିବେ। ବିଦେଶ ଯାତ୍ରା କରିପାରନ୍ତି। ଛାତ୍ରଛାତ୍ରୀମାନେ ଶିକ୍ଷାକ୍ଷେତ୍ରରେ ବିଦେଶଯାତ୍ରା କରିବେ। ମହିଳାମାନେ ଆନନ୍ଦରେ ସମୟ କାଟିବେ। ସନ୍ତାନଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା** — କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସା ପାଇବେ। ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ରହିବ। ତୀର୍ଥସ୍ଥାନ ଭ୍ରମଣ କରି ଆନନ୍ଦିତ ହେବେ। ଶାରୀରିକ ଅସୁସ୍ଥତା ଦୂର ହେବ। ବ୍ୟବସାୟରେ ଲାଭବାନ୍ ହେବେ।

**ବିଛା** — ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ।

**ଧନୁ** — ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ଯାନବାହନ ପ୍ରତି ସତର୍କ ରହିବେ।

**ମକର** — ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କୁମ୍ଭ** — କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମୀନ** — ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।




ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧


# ‘ଏନ୍‌ଇପି ଭାରତର ମୂଳଦୂଆ ପକାଇବ’

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ନୂତନ ରାଷ୍ଟ୍ରୀୟ ଶିକ୍ଷାନୀତି (ଏନଇପି)କୁ ନେଇ ଆଭିମୁଖ୍ୟ ରଖିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏକ ସମ୍ମିଳନରେ ପ୍ରଧାନମନ୍ତ୍ରୀ ଏନେଇ ଦେଶବାସୀଙ୍କୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ମୋଦି ଏନ୍‌ଇପି ଏବଂ କାର୍ଯ୍ୟକାରିତାକୁ ନେଇ ସମସ୍ତ ତଥ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ୩-୪ ବର୍ଷ ଧରି ବିଚାରବିମର୍ଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଆଜି ସାରା ଦେଶରେ ଏହାକୁ ନେଇ ଚର୍ଚ୍ଚା ହେଉଛି। ଏହା ଏକ ଭଲ ଚର୍ଚ୍ଚା। ଏହାର ଲାଭ ଦେଶର ଶିକ୍ଷା ବ୍ୟବସ୍ଥାକୁ ନିଶ୍ଚିତ ମିଳିବ ବୋଲି ମୋଦି କହିଛନ୍ତି। ଆଜି ଦେଶର ପ୍ରତ୍ୟେକ ବିଚାରଧାରାର ଲୋକ ଏହି ପ୍ରସଙ୍ଗରେ ଆଲୋଚନା କରୁଛନ୍ତି। ହେଲେ କେହି ଏହାକୁ ବିରୋଧ କରୁନାହାନ୍ତି। କାରଣ ଏଥିରେ କିଛି ବି ଏକତରଫା ନାହିଁ। ଏବେ ଲୋକେ ଚିନ୍ତା କରୁଛନ୍ତି ଯେ, ଏତେ ବଡ ସଂସ୍କାରକୁ କାର୍ଯ୍ୟକାରୀ କିଭଳି କରାଯାଇପାରିବ? ଏହାଏକ ମହାଯଜ୍ଞ, ଯାହା ଭାରତର ମୂଳଦୂଆ ପକାଇବ ଏବଂ ଏକ ନୂତନ ଯୁଗ ଆରମ୍ଭ କରିବ ବୋଲି ମୋଦି କହିଛନ୍ତି। ମୋଦି ପୁଣି କହିଛନ୍ତି, ନୂତନ ଶିକ୍ଷାନୀତିକୁ କାର୍ଯ୍ୟକାରୀ କରିବାକୁ ଯାହା କିଛି ଆବଶ୍ୟକ, ସେ ସବୁ କରାଯିବ। ଏହାର କାର୍ଯ୍ୟକାରିତା ଲାଗି ଯେକୌଣସି ସହାୟତା ଆବଶ୍ୟକ,ମୁଁ ସବୁ ଯୋଗାଇବାକୁ ପ୍ରସ୍ତୁତ ରହିଛି। ପଲିଟିକାଲ ବିଲ୍ କଥା ଯଦି କହୁଛନ୍ତି, ମୁଁ ଆପଣମାନଙ୍କ ସହିତ ଅଛି। ଶିକ୍ଷାନୀତିରେ ଦେଶର ଲକ୍ଷ ସବୁକୁ ଧ୍ୟାନ ଦେବା ମଧ୍ୟ ଜରୁରୀ। ଏପରି ହେଲେ ଭବିଷ୍ୟତ ପାଇଁ ନୂତନ ପିଢ଼ିକୁ ପ୍ରସ୍ତୁତ କରାଯାଇପାରିବ। ଏହି ନୀତି ନୂଆ ଭାରତର ମୂଳଦୂଆ। ଭାରତକୁ ଶକ୍ତିଶାଳୀ କରିବାକୁ, ନାଗରିକମାନଙ୍କୁ ସାକ୍ତ କରିବାକୁ ଭଲ ଶିକ୍ଷା ନିହାତି ଜରୁରୀ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ,



ଦୀର୍ଘ ସମୟରୁ ଦେଶର ଶିକ୍ଷାନୀତିରେ କୌଣସି ପରିବର୍ତ୍ତନ କରାଯାଇ ନଥିଲା, ଯାହାର ପରିଣାମ ସ୍ୱରୂପ ଯୁବପିଢ଼ି ମଧ୍ୟରେ ଜିଜ୍ଞାସା ଆଉ କଳ୍ପନାଶିଳତା କ୍ଷୀଣ ହୋଇଗଲା ଏବଂ ଡାକ୍ତର, ଇଞ୍ଜିନିୟର ହେବା ଲାଗୁ ସବୁ ଚାହୁଁଥିଲେ। ଏଭଳି ସ୍ଥିତିରେ ଇଣ୍ଟ୍ରେଷ୍ଟ, ଆବିଲିଟି ଏବଂ ଡିମାଣ୍ଡ ଅର୍ଥାତ୍ ଆଗ୍ରହ, ଦକ୍ଷତା ଏବଂ ଚାହିଦା ମ୍ୟାପିଂ ନ କରି ପ୍ରତିଦ୍ୱନ୍ଦ୍ୱିତା କରିବାର ପ୍ରବୃତ୍ତିରୁ ମୁକ୍ତ ହେବାକୁ ପଡିଲା। ସମାଜରେ କ୍ରିଟିକାଲ ଏବଂ ଇନୋଭେଟିଭ ଥିଙ୍କିଂ କିଭଳି ବିକଶିତ ହେବ, ଏନେଇ ବିଚାର କରିବାର ଆବଶ୍ୟକତା ଥିଲା। ଫିଲୋସଫି ଅଫ୍ ଏଜୁକେଶନ ଏବଂ ପରପୋଜ ଅଫ୍ ଏଜୁକେଶନ କିଭଳି ବିକଶିତ ହେବ ଚିନ୍ତା କରିବାର ଆବଶ୍ୟକତା ଥିଲା। ମୋଦି କହିଛନ୍ତି, ଏନଇପି ପ୍ରସ୍ତୁତ କରିବା ବେଳେ ହୋଲିଷ୍ଟିକ୍ ଆପ୍ରୋଚ୍ ଅର୍ଥାତ୍ ସମ୍ପୂର୍ଣ୍ଣ ଦୃଷ୍ଟିକୋଣ ଆବଶ୍ୟକ ଥିଲା। ଆଉ ଏହା କରିବାରେ ଏନଇପି ସଫଳ ହୋଇଛି। ତେବେ ଏ ଦିଗରେ ଅନେକ ପ୍ରଶ୍ନବାଚୀ ମଧ୍ୟ ସୃଷ୍ଟି ହୋଇଥିଲା ବୋଲି ସେ କହିଛନ୍ତି। ହେଲେ ପ୍ରତ୍ୟେକ ଦୃଷ୍ଟିକୋଣକୁ ନୂଆ ଶିକ୍ଷାନୀତିରେ ଗମ୍ଭୀରତାର ସହ ବିଚାର କରାଯାଇଛି ବୋଲି ମୋଦି କହିଛନ୍ତି। ପ୍ରାରମ୍ଭିକ ପାଠ୍ୟକ୍ରମ ଏବଂ କଥା କହିବା ଭାଷା ଗୋଟିଏ ହେଲେ ପିଲାଙ୍କ ମୂଳଦୂଆ ମଜବୁତ ହେବ। ଏହାସହ ଆଗକୁ ପଢ଼ିବା ଲାଗି ଆଧାର ମଧ୍ୟ ସଶକ୍ତ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥାରେ ‘ହ୍ୱାଟ୍ ଟୁ ଥିଙ୍କ୍’ ଥିଲା ଏବଂ ‘ହାଓ ଟୁ ଥିଙ୍କ୍’ ଫୋକସରେ ରହିଛି। ଏଥର ପିଲାମାନଙ୍କୁ ନିଜ କୋର୍ସରେ ଫୋକସ କରିବା, ମନ ହେଲେ କୋର୍ସ ଅଧାରୁ ଛାଡି ଦେବା ଭଳି ସୁଯୋଗ ମିଳିବା ଆବଶ୍ୟକ ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି, କୌଣସି ବ୍ୟକ୍ତି ସାରା ଜୀବନ ଗୋଟିଏ ବୃତ୍ତିରେ ରହିପାରିବ ନାହିଁ। ଏଭଳି ସ୍ଥିତିରେ ଲଗାତର କିଛି ଶିଖିବାକୁ ସୁଯୋଗ ଦିଆଯିବା ଆବଶ୍ୟକ। ଦେଶରେ ଉଚ୍ଚ-ନୀଚ୍ଚ ଭେଦଭାବ, ଶ୍ରମିକଙ୍କ ପ୍ରତି ହୀନ ମନ୍ୟତା କାହିଁକି ସୃଷ୍ଟି ହେଲା। ଆଜି ପିଲାମାନଙ୍କୁ ପାଠ ପଢ଼ିବା ସହ ଦେଶର ବାସ୍ତବତା ବିଷୟରେ ଅବଗତ ହେବା ଜରୁରୀ ଅଟେ। ଭାରତ ଆଜି ଟ୍ୟାଲେଣ୍ଟ ଟେକ୍ନୋଲୋଜିର ସମାଧାନ ସାରା ଦୁନିଆକୁ ଦେବାର ସମର୍ଥ ରଖିଛି। ଟେକ୍ନୋଲୋଜି କାରଣରୁ ଗରିବ ବ୍ୟକ୍ତିଙ୍କୁ ପଢ଼ିବାର ସୁଯୋଗ ମଧ୍ୟ ମିଳୁଛି।

# କରୋନା ମୃତ୍ୟୁହାର ହ୍ରାସରେ ପ୍ଲାଜମା ପ୍ରଭାବଶାଳୀ ନୁହେଁ : ଏମ୍ସ

**ନୂଆଦିଲ୍ଲୀ :** କରୋନା ଭୂତାଣୁର ମୁକାବିଲା ପାଇଁ ଟୀକା ପୂର୍ବରୁ ପ୍ଲାଜମା ଥେରାପିର ସାହାରା ନେଉଥିଲେ ଡାକ୍ତର। କରୋନାରୁ ମୁକ୍ତ ହେଉଥିବା ଲୋକେ ନିଜ ପ୍ଲାଜମା ଦାନ କରୁଥିଲେ, ଯାହାକୁ ପରେ କରୋନା ଆକ୍ରାନ୍ତଙ୍କୁ ଦିଆଯାଉଥିଲା। ପ୍ରଥମେ ପ୍ଲାଜମା ଥେରାପି ଲୋକଙ୍କୁ କରୋନା ମୁକ୍ତ କରୁଥିବା ନେଇ କୁହାଯାଉଥିବା ବେଳେ ଏବେ ଦିଲ୍ଲୀ ସ୍ଥିତ ଏମ୍ସ ଡାକ୍ତରଖାନା ଭିନ୍ନ ମତ ରଖିଛି। କରୋନା ମୃତ୍ୟୁହାର ହ୍ରାସ କରିବାରେ ପ୍ଲାଜମା ଥେରାପି ପ୍ରଭାବଶାଳୀ ନୁହେଁ ବୋଲି କହିଛି ଏମ୍ସ। ୩୦ଜଣ ରୋଗୀଙ୍କ ଉପରେ କରାଯାଇଥିବା ପରୀକ୍ଷା ଆଧାରରେ ଏମ୍ସ ଏହି ଆକଳନ କରିଛି। ଆଜିକାଲି କରୋନାରୁ



ଆରୋଗ୍ୟ ହୋଇଥିବା ଲୋକଙ୍କ ଶରୀରରୁ ପ୍ଲାଜମା ନେଇ ସଂକ୍ରମିତ ଲୋକଙ୍କ ଚିକିତ୍ସା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। କିନ୍ତୁ ବର୍ତ୍ତମାନ ଏମ୍ସର ଏହି ଅଧ୍ୟୟନ ଲୋକଙ୍କ ଆଶାକୁ ଦୁର୍ବଳ କରିପାରେ ବୋଲି ଚର୍ଚ୍ଚା ହେଉଛି। ଏମ୍ସର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ କହିଛନ୍ତି ଯେ, ଏହା ଏକ ପ୍ରାଥମିକ ବିଶ୍ଳେଷଣ। ୧୫ଜଣ ରୋଗୀଙ୍କ ଦୁଇଟି ଗୋଷ୍ଠୀଙ୍କୁ ନେଇ ପ୍ଲାଜମା ଥେରାପିର ଫଳପ୍ରଦତା ଜାଣିବା ପାଇଁ ଏକ ପରୀକ୍ଷା କରାଯାଇଥିଲା। ଗୋଟିଏ ଗୋଷ୍ଠୀକୁ ସାଧାରଣ ଚିକିତ୍ସା ଦିଆଯାଇଥିବା ବେଳେ ଅନ୍ୟ ଗୋଷ୍ଠୀକୁ ସାଧାରଣ ଚିକିତ୍ସା ବ୍ୟତୀତ ପ୍ଲାଜମା ଦିଆଯାଇଥିଲା। ପରୀକ୍ଷଣରେ ଆମେ ଜାଣିବାକୁ ପାଇଲୁ ଯେ, ଉଭୟ ଗୋଷ୍ଠୀରେ ମୃତ୍ୟୁହାର ସମାନ। ସେ ଆହୁରି ମଧ୍ୟ କହିଛନ୍ତି ଯେ, କିଛି ବି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଆମକୁ ଅଧିକ ପ୍ରମାଣ ଦରକାର। ବର୍ତ୍ତମାନ ପରୀକ୍ଷଣରୁ ଜଣାପଡିଛି ଯେ, ପ୍ଲାଜମା ଥେରାପି ସୁରକ୍ଷିତ ଅଟେ। କିନ୍ତୁ ଏହା ମୃତ୍ୟୁହାର କମ କରିବାରେ ଅତ୍ୟନ୍ତ ପ୍ରଭାବଶାଳୀ ନୁହେଁ।

# ଭାରତ ମହାକାଶ ପଠାଇବ ୬ କୃତ୍ରିମ ଉପଗ୍ରହ

**ନୂଆଦିଲ୍ଲୀ :** ଚୀନ୍ ସେନାର ଗତିବିଧି ସହ ବାସ୍ତବିକ ନିୟନ୍ତ୍ରଣ ରେଖା (ଏଲ୍‌ଏସି) ଉପରେ ନଜର ରଖିବା ପାଇଁ ଭାରତ ମହାକାଶରେ ସ୍ଥାପନ କରି ଆଉ ୬ଟି କୃତ୍ରିମ ଉପଗ୍ରହ। ଭାରତୀୟ ସୁରକ୍ଷା ସଂସ୍ଥାର ଆବଶ୍ୟକତା ଅନୁସାରେ ଏହି କୃତ୍ରିମ ଉପଗ୍ରହ ଖୁବ୍‌ଶୀଘ୍ର ମହାକାଶରେ ସ୍ଥାପନ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି ଉପଗ୍ରହ ଜରିଆରେ ଭାରତୀୟ ସେନା ଚୀନ୍ ସାମରିକ କାର୍ଯ୍ୟକ୍ରମ ଓ କାର୍ଯ୍ୟକଳାପ ଉପରେ ନଜର ରଖିପାରିବ। ଭାରତୀୟ ସୁରକ୍ଷା କର୍ତ୍ତୃପକ୍ଷଙ୍କୁ ଏହି କୃତ୍ରିମ ଉପଗ୍ରହର ଆବଶ୍ୟକତା ଅନୁଭୂତ ହୋଇଛି। ଚୀନ୍ ସେନା ଏଲ୍‌ଏସି ନିକଟସ୍ଥ ସିନଜିଆଙ୍କ କ୍ଷେତ୍ରରେ ଅଭ୍ୟାସ ନାମରେ ଅସ୍ତ୍ରଶସ୍ତ୍ର ଠୁଳ କରିବା ସହ ୪୦ ହଜାରରୁ ଅଧିକ ସେନା ଏକାଠି କରିବା ସୂଚନା ମିଳିବା ପରେ ଭାରତୀୟ ସୁରକ୍ଷା କର୍ତ୍ତୃପକ୍ଷ କୃତ୍ରିମ ଉପଗ୍ରହର ଆବଶ୍ୟକତା ଅନୁଭବ କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଭାରତୀୟ ଅଞ୍ଚଳ ଓ ଏଲ୍‌ଏସିରେ ଚୀନ୍ ସେନାର ଗତିବିଧି ଉପରେ ନଜର ରଖିବା ପାଇଁ ସାଟେଲାଇଟ୍ ବା କୃତ୍ରିମ ଉପଗ୍ରହର ଆବଶ୍ୟକତା ଥିବା ଜଣେ ପ୍ରତିରକ୍ଷା ବିଶେଷଜ୍ଞ ମତ ଦେଇଛନ୍ତି। ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ସାଟେଲାଇଟରୁ ହାଇ ରେଜୁଲେସନ କ୍ଷମତା ସମ୍ପନ୍ନ ସେନ୍ସର ଓ କ୍ୟାମେରା ଜରିଆରେ ଅତି ଛୋଟଛୋଟ ଗତିବିଧିକୁ ମଧ୍ୟ ରେକର୍ଡ କରାଯାଇ ପାରିବ ଓ ଏପରିକି ଜଣେ ବ୍ୟକ୍ତିର ଯାତାୟତ ଉପରେ ଦୃଷ୍ଟି ରଖିବାକୁ ସକ୍ଷମ ହୋଇପାରିବ। ସୂଚନା ଅନୁସାରେ ଏହି ଭାରତୀୟ ସୁରକ୍ଷା କର୍ତ୍ତୃପକ୍ଷଙ୍କ ନିକଟରେ ପୂର୍ବରୁ ଏପରି କିଛି ଉପଗ୍ରହ ରହିଛି ଯାହା ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ତୀକ୍ଷ୍ଣ ନଜର ରଖିବାର କ୍ଷମତା ରଖିଛି। ମାତ୍ର ଏହି କ୍ଷମତାକୁ ଅଧିକ ତୀବ୍ର ଓ ଅଧିକ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ଚୀନ୍ ଯବାନଙ୍କ ଗତିବିଧି ସ୍ପଷ୍ଟ ଆକଳନ କରାଯାଇ ନପାରିବା ଦ୍ୱାରା ଲଦାଖରେ ଭାରତ ନିଜର ସୈନ୍ୟ ସଂଖ୍ୟା ବୃଦ୍ଧି କରିବାରେ ବିଳମ୍ବିତ ହୋଇଛି।

### ତୁର୍କୀକୁ ଭାରତର ଚେତାବନୀ

# ମନ୍ତବ୍ୟ ଦେବା ବେଳେ ସଞ୍ଜତ ରୁହ

**ନୂଆଦିଲ୍ଲୀ,୬।୮ :** କୌଣସି ମନ୍ତବ୍ୟ ଦେବା ବେଳେ ସଞ୍ଜତ ଓ ସତର୍କ ରହିବାକୁ ତୁର୍କୀକୁ ଚେତାବନୀ ଦେଇଛି ଭାରତ। ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ପ୍ରସଙ୍ଗରେ ତୁର୍କୀ ପକ୍ଷରୁ ଦିଆଯାଇଥିବା ମନ୍ତବ୍ୟ ଆଧାରରେଭ ଭାରତ ଏପରି



ଚେତାବନୀ ଦେଇଛି। ଭାରତ ପକ୍ଷରୁ କୁହାଯାଇଛି ଯେ, ତୁର୍କୀ ଜାମ୍ମୁ-କାଶ୍ମୀର ପ୍ରସଙ୍ଗରେ ଦେଇଥିବା ମନ୍ତବ୍ୟ ଅନାବଶ୍ୟକ, ତଥ୍ୟଗତ ଭ୍ରମପୂର୍ଣ୍ଣ ଓ ପକ୍ଷପାତପୂର୍ଣ୍ଣ। ଭାରତୀୟ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ଭାରତର ଆଭ୍ୟନ୍ତରୀଣ ପ୍ରସଙ୍ଗ, ଭୂମିଗତ ସ୍ଥିତି ସମ୍ପର୍କରେ ନ ଜାଣି ତୁର୍କୀ କୌଣସି ମନ୍ତବ୍ୟ ଦେବା ଅନୁଚିତ। ଏଠାରେ ସ୍ଥିତି ସମ୍ପର୍କରେ ଜାଣିବା ପରେ କୌଣସି ମନ୍ତବ୍ୟ ଦେବା ଉଚିତ ହେବ ବୋଲି ଭାରତ ତୁର୍କୀକୁ ଚେତାଇ ଦେଇଛି। କିଛିଦିନ ତଳେ ତୁର୍କୀ ରାଷ୍ଟ୍ରପତି ରେସେପ ଏର୍ଦୋଆନ କାଶ୍ମୀର ଘଟଣାକୁ ପାଲେଷ୍ଟାଇନ ସହ ତୁଳନା କରି ଏଠାରେ କରୋନା ସଙ୍କଟ କାଳରେ ଅତ୍ୟାଚାର ଚାଲିଥିବା ଅଭିଯୋଗ କରିଥିଲେ। ଇଦ୍ ଅବସରରେ ଏର୍ଦୋଆନ ପାକ୍ ରାଷ୍ଟ୍ରପତି ଆରିଫ ଅଲ୍ଲି ଓ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାଁଙ୍କ ସହ କଥାବର୍ତ୍ତା କରିବା ଅବସରରେ କାଶ୍ମୀର ପ୍ରସଙ୍ଗରେ ପାକିସ୍ତାନର ଆଭିମୁଖ୍ୟକୁ ସମର୍ଥନ କରିଥିବା ଚର୍ଚ୍ଚା ହୋଇଥିଲା। କେବଳ ସେତିକି ନୁହେଁ କାଶ୍ମୀରକୁ ନେଇ ପାକିସ୍ତାନ ସହ ତୁର୍କୀ ଠିଆ ହୋଇଥିବା ଆଶ୍ୱାସନା ଦେଇଥିବା ପାକିସ୍ନାନର ପ୍ରମୁଖ ଖବରକାଗଜ ‘ଡନ୍’ରେ ପ୍ରକାଶିତ ହୋଇଥିଲା।

# କାଶ୍ମୀର ପ୍ରସଙ୍ଗରେ ପୁଣି ପାକିସ୍ତାନ ନିରାଶ

**ୱାଶିଂଟନ :** ଜାମ୍ମୁ-କାଶ୍ମୀର ପ୍ରସଙ୍ଗରେ ପୁଣିଥରେ ପାକିସ୍ତାନକୁ ଲାଗିଛି ବଡ୍ ଝଟକା। ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ସାମିଲ ଦେଶଗୁଡିକ କାଶ୍ମୀରକୁ ଦ୍ୱିପାକ୍ଷିକ ପ୍ରସଙ୍ଗ ଉଲ୍ଲେଖ କରିବା ପରେ ପାକିସ୍ତାନ ପୁଣିଥରେ ନିରାଶ ହୋଇଛି। ନିରାପତ୍ତା ପରିଷଦର ସଦସ୍ୟ ରାଷ୍ଟ୍ର ଗୁଡିକ କାଶ୍ମୀର ପ୍ରସଙ୍ଗରେ ବର୍ତ୍ତମାନ ସମୟ ଓ ଧ୍ୟାନ ଦିଆଯିବାର ଆବଶ୍ୟକତା ନାହିଁ ବୋଲି ମତ ଦେବା ପରେ ପାକିସ୍ତାନର ଉଦ୍ୟମ ପୁଣି ବିଫଳ ହୋଇଛି। ରୁଦ୍ଧ କୋଠରୀରେ ଜାତିସଂଘ ନିରାପତ୍ତା ପରିଷଦର ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି ଏବଂ ଚୀନ ସହଯୋଗରେ ଏହି ପ୍ରସଙ୍ଗକୁ ଆନ୍ତର୍ଜାତିକସ୍ତରରେ ପୁଣିଥରେ ଉଠାଇବାକୁ ପାକିସ୍ତାନର ଯୋଜନା ଫସରଫାଟି ଯାଇଛି। ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଟି.ଏସ୍.ତିରୁମୂର୍ତ୍ତି କହିଛନ୍ତି ଯେ, କିଛି ସଦସ୍ୟ ରାଷ୍ଟ୍ର କହିଛନ୍ତି ଯେ, ଜାମ୍ମୁ-କାଶ୍ମୀର ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିପାକ୍ଷିକ ପ୍ରସଙ୍ଗ। ପାକିସ୍ତାନ ପକ୍ଷରୁ ଚୀନ୍ ଏହି ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ଅନ୍ୟ ରାଷ୍ଟ୍ର ଗୁଡିକର ସମର୍ଥନ ଅଭାବରୁ ତାହା ବିଫଳ ହୋଇଯାଇଛି। ମିଳିଥିବା ସୂଚନା ଅନୁସାରେ ପ୍ରଥମେ ଆମେରିକା ଏହି ପ୍ରସଙ୍ଗ ସମ୍ପର୍କରେ



କୌଣସି ଆଲୋଚନା ପ୍ରସ୍ତାବକୁ ଖାରଜ କରି ଦେଇଥିଲା। ଏହାପରେ ଅନ୍ୟ ଦେଶ ଗୁଡିକ ମିଳିତ ଜାତିସଂଘରେ ଏହି ପ୍ରସଙ୍ଗ ଉଠାଇବାର କୌଣସି ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହା ଏକ ଅନୌପଚାରିକ ବୈଠକ ଏବଂ ଏହି ପ୍ରସଙ୍ଗରେ କୌଣସି ଆଲୋଚନା ରେକର୍ଡଭୁକ୍ତ ହୁଏ ନାହିଁ କିମ୍ବା ଗଣମାଧ୍ୟମକୁ ଏ ସମ୍ପର୍କରେ କୌଣସି ବିବୃତି ପ୍ରଦାନ କରାଯାଇଥାଏ। ତିରୁମୂର୍ତ୍ତି ଏ କଥା ମଧ୍ୟ କହିଥିଲେ ଯେ, ୧୯୬୫ ମସିହା ନଭେମ୍ବର ପରେ ସୁରକ୍ଷା ପରିଷଦର କୌଣସି ଔପଚାରିକ ବୈଠକରେ ଏହି ପ୍ରସଙ୍ଗରେ ଆଲୋଚନା ହୋଇନାହିଁ। ୨୦୧୯ ଅଗଷ୍ଟ ଓ ୨୦୨୦ ଜାନୁଆରୀରେ କାଶ୍ମୀର ପ୍ରସଙ୍ଗରେ ଦୁଇଥର ଅନୌପଚାରିକ ଆଲୋଚନା ହୋଇଛି। ଯାହାର କୌଣସି ମୂଲ୍ୟ ନାହିଁ କିମ୍ବା ଏହାର କୌଣସି ବିବରଣୀ ପ୍ରକାଶ କରାଯାଇନାହିଁ। ଆନ୍ତର୍ଜାତିକ ସମୁଦାୟକୁ ଭାରତ କାଶ୍ମୀର ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରି ସାରିଛି। ଏଥିରେ ଜାମ୍ମୁ-କାଶ୍ମୀରରୁ ୩୭୦ ଧାରା ଉଚ୍ଛେଦକୁ ଦେଶର ଆଭ୍ୟନ୍ତରୀଣ ପ୍ରସଙ୍ଗ ବୋଲି ଉଲ୍ଲେଖ କରି ଏଥିରେ ପାକିସ୍ତାନ ଅନାବଶ୍ୟକ ମୁଣ୍ଡ ଖେଳାଉଛି ବୋଲି ବୁଝାଇବାରେ ସକ୍ଷମ ହୋଇଛି ବୋଲି ତିରୁମୂର୍ତ୍ତି କହିଛନ୍ତି।

# ଭାରତୀୟ ସେନା ନଜରରେ ଏଲ୍‌ଏସି

**ନୂଆଦିଲ୍ଲୀ :** ବେଶ ଲମ୍ବାସମୟ ଧରି ଭାରତୀୟ ସେନାକୁ ଏଲ୍‌ଏସିର ପ୍ରତିଟି ଘାଟି ନିକଟରେ ଜଗି ରହିବାକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଏଲ୍‌ଏସି ନିକଟରୁ ଚୀନସେନା ସମ୍ପୂର୍ଣ୍ଣ ଭାବେ ନହଟିବା ପର୍ଯ୍ୟନ୍ତ ଭାରତୀୟ ସେନା ଜଗି ରହିବାକୁ ନିଷ୍ପତ୍ତି ନେଇଛି। ପୂର୍ବ ଲଦାଖ ଅନ୍ତର୍ଗତ ଭାରତ-ଚୀନ ସୀମାନ୍ତ ପ୍ରାୟ ୧,୫୯୭ କିମି ଲମ୍ବବିଶିଷ୍ଟ। ଚୀନର ପିପୁଲ୍ସ ଲିବରେସନ୍ ଆର୍ମି (ପିଏଲ୍‌ଏ) ଏଲ୍‌ଏସି ନିକଟରୁ ହଟିବାର ନାଁ ଧରୁନାହାନ୍ତି। ଏଲ୍‌ଏସିର ଏପରି କିଛି ସମ୍ବେଦନଶୀଳ ଅଞ୍ଚଳ ଅଛି, ଯେଉଁଠାରେ ଚୀନସେନା ପକ୍ଷରୁ ସ୍ଥାୟୀ ଶିବିର ପ୍ରତିଷ୍ଠା କରାଯାଇଛି। ଭାରତ-ଚୀନ ମଧ୍ୟରେ କମାଣ୍ଡରସ୍ତରରେ ଏକାଧିକବାର ଆଲୋଚନା ହୋଇଯାଇଛି। ସବୁ ଆଲୋଚନାରେ ପିଏଲ୍‌ଏ ସେନା ପଛକୁ ହଟିଯିବାର ଆଶ୍ୱାସନା ଦିଆଯାଉଥିଲେ ମଧ୍ୟ ତାହା ପାଳନ କରାଯାଉନି। ଏବେ ଏଲ୍‌ଏସି ମାମଲାକୁ ନେଇ ବେଜିଂ ଆଉ ଗୋଟିଏ ଚାଲ ଖେଳିବାକୁ ଚକ୍ରାନ୍ତ ଚଳାଇଛି। ମାତ୍ର ବେଜିଂ କଥାରେ ଆଉ ମାତିବାକୁ ଭାରତୀୟ ସେନା ପ୍ରସ୍ତୁତ ନାହାନ୍ତି। ଏଲ୍‌ଏସି ନିକଟରୁ ଚୀନସେନା ନହଟିବା ପର୍ଯ୍ୟନ୍ତ ଆଉ କୌଣସି ଆଲୋଚନାର ପ୍ରଶ୍ନ ଉଠୁନି ବୋଲି ଶୁକ୍ରବାର ନୂଆଦିଲ୍ଲୀ ଚରମବାଣୀ ଶୁଣାଇଛି। ଚୀନର ବେପାର ବଣିଜ ଉପରେ ନୂଆଦିଲ୍ଲୀ ପକ୍ଷରୁ ନାନା କଟକଣା ଜାରି କରାଯାଇଛି। ଇତିମଧ୍ୟରେ ୧୦୦ରୁ ଅଧିକ ଚାଇନା ଆପ୍‌ଗୁଡ଼ିକର ପ୍ରସାରଣ ବନ୍ଦ କରି ଦିଆଯାଇଛି। ତା’ ସହିତ ଭାରତରେ ପାଦ ଦେଇଥିବା ଚାଇନା କମ୍ପାନୀର ଉତ୍ପାଦନ ଓ ବିତରଣ ପ୍ରକ୍ରିୟା ଉପରେ କଟକଣା ଜାରି କରାଯାଇଛି। ଏପରିକି



ଚୀନର କିଛି ବିଶ୍ୱବିଦ୍ୟାଳୟ ସହିତ ଭାରତୀୟ ଶିକ୍ଷାନୁଷ୍ଠାନର ରାଜିନାମା ବାତିଲ କରିବା ପାଇଁ ନୂଆଦିଲ୍ଲୀ ବିଚାର କରୁଛି। ପିଏଲ୍‌ଏର ସର୍ବୋଚ୍ଚ କମାଣ୍ଡର ତଥା ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍ ନୂଆଦିଲ୍ଲୀକୁ ମନାଇ ଏଲ୍‌ଏସି ନିକଟରେ ଅବସ୍ଥାନ କରିବାକୁ ଉପାୟ ଖୋଜୁଛନ୍ତି। ଖାସ୍ ସେଇଥିପାଇଁ ଚୀନସେନା ହଟିବାକୁ ବିଳମ୍ବ କରୁଛନ୍ତି। ମାତ୍ର ବେଜିଂର କୌଣସି ଛଳନାପୂର୍ଣ୍ଣ ଆଚରଣକୁ ଗ୍ରହଣ କରିବାକୁ ନୂଆଦିଲ୍ଲୀ ସଫା ମନା କରିଦେଇଛି। ପୂର୍ବ ଲଦାଖ ସୀମା ନିକଟରେ ଚୀନସେନା କୌଣସି ବିବାଦ ସୃଷ୍ଟି କରୁନଥିଲେ ମଧ୍ୟ ସେମାନଙ୍କ ନିରବତା ଭାରତୀୟ ସେନାକୁ ଚିନ୍ତାରେ ପକାଇଦେଇଛି। ଗୁରୁବାର ଭାରତର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଉକ୍ତ ବିଜ୍ଞପ୍ତିରେ ଭାରତ-ଚୀନ ସୀମା ବିବାଦ ସଂକ୍ରାନ୍ତ ଦ୍ୱିପାକ୍ଷିକ ନିଷ୍ପତ୍ତିରେ ଚୀନ୍‌ସେନା ହଟିବା ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲା। ମାତ୍ର ଚୀନର ପିଏଲ୍‌ଏ ହଟିବା ପରିବର୍ତ୍ତେ ଗୋଗ୍ରା ଅଞ୍ଚଳର ପଏଣ୍ଟ ୧୭ ଓ ୧୭ଏ ନିକଟରେ ଶିବିର ନିର୍ମାଣ କଲାଣି। ଜଣେ ଆର୍ମି ଅଫିସରଙ୍କ ମତରେ ଚୀନସେନା ଏବେ ଭାରତୀୟ ସେନା ସହିତ ହାତ ମିଶାଇ ଏଲ୍‌ଏସି ନିକଟରେ ରହିବାକୁ ହୀନ ଉଦ୍ୟମ ଆରମ୍ଭ କରିଛି।

# ଅକ୍ଟୋବର ୨ ପୂର୍ବରୁ ୪ ବିଭାଗରେ ଅନଲାଇନ୍ ସେବା

**ଭୁବନେଶ୍ୱର :** ଅକ୍ଟୋବର ୨ ପୂର୍ବରୁ ୪ ବିଭାଗରେ ଆରମ୍ଭ ହେବ ଅନ୍‌ଲାଇନ୍ ସେବା। ଅର୍ଥ, କ୍ରୀଡା ଓ ଯୁବସେବା, ଓଡ଼ିଆ ଭାଷା ଓ ସଂସ୍କୃତି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ଆଦି ବିଭାଗର ସାଧାରଣ ସେବା କାର୍ଯ୍ୟ ଗୁଡିକୁ ଅନଲାଇନରେ କରାଯିବ। ମୁଖ୍ୟ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନଲାଇନ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାର ୫-ଟି' ଅଧୀନରେ ବିଭିନ୍ନ ବିଭାଗକୁ ଅନ୍ତର୍ଭୁକ୍ତ କରିଛନ୍ତି। ସାଧାରଣ ଲୋକଙ୍କୁ ସେବା ଯୋଗାଇବାରେ ଏହା ଅତ୍ୟନ୍ତ ସହାୟକ ହୋଇପାରିଛି। ସମନ୍ୱିତ ଅର୍ଥନୈତିକ ପରିଚାଳନା ବ୍ୟବସ୍ଥା ଜରିଆରେ ଅନେକ କାର୍ଯ୍ୟ ସମ୍ପାଦନ ହୋଇପାରୁଛି। ଏବେ ଏହି ବିଭାଗ




ଗୁଡିକ ମଧ୍ୟ ଏଥିରେ ସାମିଲ ହୋଇପାରିବ। ବିଶେଷ ଭାବରେ ଟିକସଦାତା ସରକାରୀ ଟିକସ ଓ ଅନ୍ୟାନ୍ୟ ଦେୟ ଅନଲାଇନ ପଇଠ କରିପାରିବେ ବୋଲି ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ପେନସନ, ସ୍ଥାୟୀ ଅବସର ଖାତା ଓ ଅନ୍ୟାନ୍ୟ ସରକାରୀ ସୁବିଧା ସହ ଇ-ଜିପିଏଫ୍ ପରି ବ୍ୟବସ୍ଥା ଗୁଡିକୁ ଅର୍ଥ ବିଭାଗ ଅନଲାଇନ୍ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ଅନୁରୂପ ଭାବରେ କ୍ରୀଡା ଓ ଯୁବସେବା ବିଭାଗ ଅଧିନରେ କ୍ରୀଡାବିତ୍‌ଙ୍କ ପେନସନ, ପରିଚୟପତ୍ର, ବୟସ ପ୍ରମାଣପତ୍ର ଆଦି ଅନଲାଇନରେ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଓଡ଼ିଆ ଭାଷା ଏବଂ ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧିନରେ ମଣ୍ଡପ ବୁକିଂ ଅନଲାଇନ କରାଯାଇପାରୁଛି। ବର୍ତ୍ତମାନ ବିଭାଗ ପକ୍ଷରୁ କଳାକାର, ଲେଖକ, କବି, ଗାୟକମାନଙ୍କର ଅନଲାଇନ୍ ବିବରଣୀ ଡାଟା ପ୍ରସ୍ତୁତ କରାଯାଉଛି। ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ପକ୍ଷରୁ 'ଓରସାକ୍' ବିକଶିତ କରାଯାଇଛି। ଏହା ପ୍ରଶାସନିକ ଓ ଥିମେଟିକ୍ ମାନଚିତ୍ର ଗୁଡିକୁ ଅନଲାଇନ ସେବା ଯୋଗାଇ ଦେବାକୁ ସକ୍ଷମ। ଓଡ଼ିଶା ସ୍ପେଶ୍ ଆବେଦନ କେନ୍ଦ୍ର ଦ୍ୱାରା ସୃଷ୍ଟି ବିଭିନ୍ନ ସମ୍ଭାବନାକୁ ଦୃଷ୍ଟିରେ ରଖି ଏହାକୁ ଅଧିକ ଲୋକାଭିମୁଖୀ କରିବା ନିମନ୍ତେ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବୟନ ଓ ହସ୍ତତନ୍ତ ବିଭାଗ ପକ୍ଷରୁ ବିଭିନ୍ନ ତାଲିମ ପ୍ରମାଣପତ୍ର ଅଂଶଗ୍ରହଣକାରୀଙ୍କୁ ଅନଲାଇନ ପ୍ରଦାନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ଏବଂ ଏହାକୁ ଆସନ୍ତା ୧୫ ତାରିଖ ମଧ୍ୟରେ ଶେଷ କରିବାକୁ ଯୋଜନା ରହିଥିବା ସୂଚନା ମିଳିଛି। ବୈଠକରେ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ଅଶୋକ କୁମାର ମିନା, ବିଷ୍ଣୁପଦ ସେଠୀ, ସନ୍ତୋଷ ଷଡଙ୍ଗୀ, ବିଶାଲ ଦେବ, ଶୁଭା ଶର୍ମା ପ୍ରମୁଖ ଅନଲାଇନରେ ଯୋଗ ଦେଇଥିଲେ।

# ଓଡ଼ିଶାର ୨ ଗାଁକୁ ୟୁନେସ୍କୋ ସାର୍ଟିଫିକେଟ୍



**ଭୁବନେଶ୍ୱର :** ସୁନାମି ମୁକାବିଲା ନିମନ୍ତେ ପ୍ରସ୍ତୁତ ଗୋଷ୍ଠୀ ଭାବେ ଓଡ଼ିଶାର ଦୁଇଟି ଗାଁକୁ ମିଳିଛି ୟୁନେସ୍କୋର ଇଣ୍ଟରଗଭର୍ଣ୍ଣମେଣ୍ଟାଲ ଓସେନ୍‌ଗ୍ରାଫିକ୍ କମିଶନ (ଆଇଓସି) ମାନ୍ୟତା। ଗଞ୍ଜାମ ଜିଲ୍ଲାର ଭେଙ୍କଟରାୟପୁର ଓ ଜଗତସିଂହପୁର ଜିଲ୍ଲାର ନୋଳିଆସାହି ଏ କ୍ଷେତ୍ରରେ ଦେଶରେ ପ୍ରଥମ ମାନ୍ୟତା ହାସଲ କରିଛି। ଇଣ୍ଡିଆନ ନ୍ୟାସ୍‌ନାଲ ସେଣ୍ଟର ଫର୍ ଓସେନ୍ ଇନ୍‌ଫର୍ମେସନ୍ ସର୍ଭିସେସ୍ (ଆଇଏନ୍‌ସିଓଆଇଏସ୍) ଆଇସିଜି/ ଆଇଓଟିଡବ୍ଲ୍ୟୁଏମ୍‌ଏସ୍ ସଚିବାଳୟ ଏବଂ ୟୁନେସ୍କୋ-ଆଇଓସିର ଇଣ୍ଡିଆନ୍ ଓସେନ୍ ସୁନାମି ଇନ୍‌ଫର୍ମେସନ ସେଣ୍ଟର ପକ୍ଷରୁ ଏକ ଭର୍ଚୁଆଲ ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଓସ୍‌ଡମା ଏମ୍‌ଡି ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ସହିତ ଭେଙ୍କଟରାୟପୁର ଏବଂ ନୋଳିଆସାହିର ଗୋଷ୍ଠୀ ଅଧିକାରୀମାନେ ଏଥିରେ ଯୋଗଦେଇ ସାର୍ଟିଫିକେଟ୍ ଗ୍ରହଣ କରିଥିବା ଜଣାପଡ଼ିଛି। ଭୂ-ବିଜ୍ଞାନ ମନ୍ତ୍ରାଳୟ ସଚିବ ଏମ୍.ରାଜୀବନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏନ୍‌ଡିଏମ୍‌ଏ)ର ସଦସ୍ୟ ସଚିବ ଜିଭିଭି ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନନ୍ଦ ପ୍ରକାଶ କରିଛନ୍ତି। ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଏହି ସଫଳତା ଅର୍ଜନ କରିବାରେ ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ବୋଲି ସେ କହିଛନ୍ତି।

# ବଢ଼ିଲା ସରକାରୀ କର୍ମଚାରୀଙ୍କ ସମ୍ପତ୍ତି ତାଲିକା ଦାଖଲ ଅବଧି

**ଭୁବନେଶ୍ୱର :** ରାଜ୍ୟ ସରକାର ସରକାରୀ କର୍ମଚାରୀଙ୍କ ସମ୍ପତ୍ତି ତାଲିକା ଦାଖଲ ଅବଧିକୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ସଚିବ ଜିସି ପାତ୍ର ସବୁ ବିଭାଗୀୟ ମୁଖ୍ୟ ଏବଂ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ନୂଆ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ଲାଗି କହିଛନ୍ତି। ସରକାରୀ କର୍ମଚାରୀମାନେ ପ୍ରତିବର୍ଷ ନିଜର ସମ୍ପତ୍ତି ସମ୍ପର୍କିତ ବିସ୍ତୃତ ସୂଚନା ସରକାରଙ୍କୁ ପ୍ରଦାନ କରିବା ଲାଗି ନିୟମ ରହିଛି। ହେଲେ କରୋନା ବିରୋଧରେ ଜାରି ରହିଥିବା ଲଢ଼େଇରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ବହୁ କର୍ମଚାରୀ ସମ୍ପତ୍ତି ସମ୍ପର୍କିତ ସୂଚନା ଦାଖଲ କରିପାରିନଥିବାରୁ ସେହି ସମୟସୀମାକୁ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ସରକାରୀ ଚାକିରିଆଙ୍କ ଲାଗି ରହିଥିବା ନିୟମ ୧୯୫୯ ଅନୁସାରେ, ସରକାରୀ ଚାକିରିଆମାନେ ନିଜର ସମ୍ପତ୍ତି ସମ୍ପର୍କିତ ବିସ୍ତୃତ ସୂଚନା ପ୍ରତିବର୍ଷ ମାର୍ଚ୍ଚ ମାସରେ ପ୍ରଦାନ କରିବା କଥା। ହେଲେ ବର୍ତ୍ତମାନ ରାଜ୍ୟରେ କରୋନା ସଂକ୍ରମଣ ବ୍ୟାପିଥିବାରୁ ଏହାର ନିୟନ୍ତ୍ରଣ ଲାଗି ସରକାରୀ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ବିଭିନ୍ନ ପରିଚାଳନା ଦାୟିତ୍ୱ ସହିତ ଅତ୍ୟାବଶ୍ୟକୀୟ ସେବାରେ ନିୟୋଜିତ କରାଯାଇଛି। ଏଥିଲାଗି ବହୁ ସରକାରୀ କର୍ମଚାରୀ ନିଜର ସମ୍ପତ୍ତି ସମ୍ପର୍କିତ ସୂଚନା ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ଦାଖଲ କରିପାରିନାହାନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଏହି ସମୟ ଅବଧିକୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ଲାଗି ସମସ୍ତ ବିଭାଗ ଏବଂ ଅଧିନସ୍ଥ କାର୍ଯ୍ୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି।

# 'ଖୋର୍ଦ୍ଧା ଜିଲ୍ଲାର ୮୦ ଭାଗ ଗ୍ରାମ ସଂକ୍ରମଣ ହୋଇନି'

**ଭୁବନେଶ୍ୱର :** ଖୋର୍ଦ୍ଧା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୭୦୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହେଇଛନ୍ତି। ସେମାନଙ୍କ ଭିତରୁ ୯୦୧ ସକ୍ରିୟ ରହିଛନ୍ତି। ୭୮୪ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୮ଜଣଙ୍କ ପ୍ରାଣ ଯାଇଛି। ଜିଲ୍ଲାର ୪ଟି ବ୍ଲକ୍ ଟାଙ୍ଗୀ, ବାଣପୁର, ବୋଲଗଡ଼ ଓ ବେଗୁନିଆରେ ବେଶୀ ସଂକ୍ରମିତ ଚିହ୍ନଟ ହେଉଛନ୍ତି। କୋଭିଡ୍ ସମୟରେ ଖୋର୍ଦ୍ଧା ଜିଲ୍ଲାକୁ ପ୍ରାୟ ୧୭,୫୦୦ ପ୍ରବାସୀ ଫେରିଛନ୍ତି। ସେମାନଙ୍କ ଭିତରୁ ୪୭୦ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସୁସ୍ଥହୋଇ ଘରକୁ ଫେରିଛନ୍ତି ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ସନତ କୁମାର ମହାନ୍ତି କହିଛନ୍ତି। ସେ କହିଛନ୍ତି ଯେ ଖୋର୍ଦ୍ଧା ଜିଲ୍ଲାରେ ୭୬ଜଣ କୋଭିଡ୍ ଯୋଦ୍ଧା ସଂକ୍ରମିତ ହୋଇଥିଲେ। ସେମାନଙ୍କ ଭିତରୁ ୩୩ ବିଭିନ୍ନ କୋଭିଡ୍ କେୟାର ସେଣ୍ଟରରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସହିତ ମଧ୍ୟ ନିୟମିତ ଭାବରେ ଜିଲ୍ଲା ପ୍ରଶାସନିକ ଅଧିକାରୀ ଯୋଗାଯୋଗରେ ଅଛନ୍ତି। ସେହିପରି ଜଣେ ଜିଲ୍ଲାପାଳ ହିସାବରେ ସେ ସେମାନଙ୍କ ସହିତ ସମ୍ପର୍କରେ ରହିଛନ୍ତି। ଯେହେତୁ ଆଗକୁ ସଂକ୍ରମଣ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ତେଣୁ ଆଗକୁ ବଡ଼ ବଡ଼ ପଦକ୍ଷେପ ଗ୍ରହଣ କରାଯିବ। ସର୍ଭେଲାନ୍ସ, ଚିହ୍ନଟ ଓ ଟେଷ୍ଟିଂ ଉପରେ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ଟ୍ରୁନାଟ୍, ଆର୍ଟିଫିସିଆଲ୍ ଓ ର୍‍ୟାପିଡ୍ ମେଥଡ୍‌ରେ ଟେଷ୍ଟିଂ ଜାରି ରହିଛି। ଆଗକୁ ଏହି ଟେଷ୍ଟିଂ ସଂଖ୍ୟାରେ ବୃଦ୍ଧି କରାଯିବ। ଜିଲ୍ଲାରେ ୨ଲକ୍ଷ ୭୧ ହଜାର ପରିବାର ରହିଛନ୍ତି। ଏହି ପରିବାର ଭିତରେ ଦ୍ୱିତୀୟ ପର୍ଯ୍ୟାୟ ଟେଷ୍ଟିଂ ସରିଯାଇଛି। ବର୍ତ୍ତମାନ ତୃତୀୟ ପର୍ଯ୍ୟାୟ ଟେଷ୍ଟିଂ ଆରମ୍ଭ ହୋଇଛି। ବର୍ତ୍ତମାନ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦେଇ ଜାମୁଝରି, ଜଟଣୀ ଓ ପ୍ରାଣନାଥ କଲେଜରେ ବ୍ୟବସ୍ଥା କରାଯାଇଛି। ଏହି କଲେଜରେ ୧୦୭୭ ବେଡ୍ ରହିଛି। ଆଗକୁ ଏହି ବେଡ୍ ସଂଖ୍ୟା ବୃଦ୍ଧି କରାଯିବ। ଆଗକୁ ଆହୁରି ଘରୋଇ ହସ୍ପିଟାଲ୍‌ରେ ମଧ୍ୟ ଚିକିତ୍ସା ବ୍ୟବସ୍ଥା କରାଯିବ। ଜିଲ୍ଲାରେ ବର୍ତ୍ତମାନ ୧୩୫୮ଟି ଗ୍ରାମ ରହିଛି। ସେଥିରୁ ପ୍ରାୟ ୮୦ ଭାଗ ଗ୍ରାମରେ କୌଣସି ରୋଗୀ ଚିହ୍ନଟ ହୋଇନାହାନ୍ତି। କେବଳ ୨୭୬ ଗ୍ରାମରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

### ଆଦିବାସୀ ନାବାଳିକା ସହ ଗଣଦୁଷ୍କର୍ମ ଏବଂ ହତ୍ୟା ଘଟଣା

# ଇଜ୍ଜତ ସହ ଖେଳ ଖେଳୁଛନ୍ତି ରାଜ୍ୟ ସରକାର : ବିଜେପି

**ଭୁବନେଶ୍ୱର :** ଜୁଲାଇ ୨୦ ତାରିଖରେ କିଛି ଦୁର୍ବୃତ୍ତ କୋରାପୁଟ ଜିଲ୍ଲା କୋଟପାଡ ବ୍ଲକ ଚିତ୍ରା ପଂଚାୟତ ବାଗଚୁଆଁ ଗାଁର ଜଣେ ଆଦିବାସୀ ନାବାଳିକା ସହ ଗଣଦୁଷ୍କର୍ମ କରି ହତ୍ୟା କରି ପରେ ତାଙ୍କୁ ଏକ ତେନ୍ତୁଳି ଗଛରେ ଓହଳାଇ ଦେଇଥିଲେ। ମୃତା ନାବାଳିକାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ଜାଗାରେ କ୍ଷତ ଚିହ୍ନ ଥିବା ସହ ତାର ଆଭ୍ୟନ୍ତରୀଣ ଅଙ୍ଗରୁ ରକ୍ତ ବାହରୁଥିବାର ଦୃଶ୍ୟ ସ୍ଥାନୀୟ ବାସିନ୍ଦାଙ୍କ ସମେତ ପୋଲିସ ଦେଖିବାକୁ ପାଇଥିଲା। ଏହା ସତ୍ୱେ ଶାସକ ଦଳ ଓ ପୋଲିସର ଚାପରେ ଡାକ୍ତର ବାବୁ ଶବ ବ୍ୟବଚ୍ଛେଦ ରିପୋର୍ଟରେ ଏହି ଘଟଣାକୁ ଆତ୍ମହତ୍ୟା ଦର୍ଶାଇଲେ। ଶାସକ ଦଳ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟିକା ପଦ୍ମିନୀ ଦିଆନଙ୍କ ଇଙ୍ଗିତରେ ପୋଲିସ ଅପରାଧୀଙ୍କୁ ଗିରଫ କରିବା ପରିବର୍ତ୍ତେ ସେମାନଙ୍କୁ ଘଂଟ ଘୋଡାଇ ଚାଲିଛି। ଆଦିବାସୀ ନାବାଳିକାଙ୍କ ଇଜ୍ଜତ ସହ ଖେଳ ଖେଳୁଛନ୍ତି ରାଜ୍ୟସରକାର। ଏହାକୁ ଦୃଢ ପ୍ରତିବାଦ କରିବା ସହ ପୋଲିସର ନିଷ୍କ୍ରିୟତା ଓ ପାଡିତାକୁ ନ୍ୟାୟ ଦେବା ପାଇଁ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ଏବଂ ରାଜ୍ୟ ଉପସଭାପତି ତଥା ପୂର୍ବତନ ସାଂସଦ ବଳଭଦ୍ର ମାଝୀଙ୍କ ନେତୃତ୍ୱରେ ଏକ ପ୍ରତିନିଧୀ ଦଳ ପୋଲିସ ମହାନିର୍ଦ୍ଦେଶକଙ୍କ ହସ୍ତକ୍ଷେପ ଲୋଡିଛି। ଶ୍ରୀମତୀ ପଟ୍ଟନାୟକ କହିଛନ୍ତି ଯେ, ଏଭଳି ଅଭାବନୀୟ ଘଟଣାକୁ ୧୯ ଦିନ ବିତିଥିଲେ ବି ପୋଲିସ ଅପରାଧୀଙ୍କୁ ଗିରଫ କରିନାହିଁ। ଆଦିବାସୀ ନାବାଳିକା ସହ ପ୍ରଥମେ ଗଣଦୁଷ୍କର୍ମ ଏବଂ ପରେ ତାଙ୍କୁ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଛି। ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତିରୁ ସ୍ପଷ୍ଟ ଜଣାପଡୁଥିଲା କି, ଏହି ଘଟଣାରେ ୫/୬ ଜଣଙ୍କର ସଂପୃକ୍ତି ରହିଛି। ଏହି ଘଟଣାକୁ ଅତି ଗୁରୁତର ଭାବେ ନେଇ ତଦନ୍ତ କରିବା ପାଇଁ କୋରାପୁଟ ଜିଲ୍ଲା ବିଜେପି ପକ୍ଷରୁ ବାରମ୍ବାର ଦାବୀ କରାଯାଇଥିଲେ ମଧ୍ୟ ସ୍ଥାନୀୟ ବିଧାୟିକାଙ୍କ ଚାପରେ ପୋଲିସ ଚୁପ୍ ରହିଛି। କେବଳ ଲୋକଦେଖାଣିଆ ପାଇଁ ଗୋଟିଏ ଯୁବକକୁ ଉଠାଇ ତା ନାଁରେ ୩୦୬ ଦଫା ( ଆତ୍ମହତ୍ୟା କରିବା ପାଇଁ ପ୍ରବର୍ତ୍ତାଇବା ) ଲଗାଇ ଗିରଫ କରି ଚୁପ୍ ବସିଛି। ନା ତଦନ୍ତ ହେଉଛି ନା ଅପରାଧୀଙ୍କୁ ଧରିବା ପାଇଁ ପୋଲିସ କୌଣସି ରଣନୀତି ଆପଣାଇଛି। ଏସସି ଏସଟି ଏଟ୍ରୋସିଟି ଏବଂ ପୋକସୋ ଆକ୍ଟ ପରିବର୍ତ୍ତେ ୩୦୬ ଦଫା ଲଗାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କୋଟପାଡର ବିଧାୟିକା ତଥା ହସ୍ତତନ୍ତ ବିଭାଗର ମନ୍ତ୍ରୀ ପଦ୍ମିନୀ ଦିଆନ ଜଣେ ମହିଳା ହୋଇ ମଧ୍ୟ ନିଜ ଅଂଚଳରେ ଘଟିଥିବା ଏପରି ଏକ ଅମାନବୀୟ ଘଟଣାରେ ନା ମୁହଁ ଖୋଲିଲେ ନା ମୃତା ପରିବାର ଲୋକଙ୍କୁ ସମବେଦନା ଦେବାକୁ ପହଂଚିଥିଲେ। ତାଙ୍କ ସ୍ୱାମୀ ପୋଲିସ ବିଭାଗର କର୍ମଚାରୀ ହୋଇଥିବାରୁ ଅପରାଧୀମାନଙ୍କୁ ଗିରଫ କରାଯାଉ ନାହିଁ।

### ରାଜ୍ୟ ପୋଲିସରେ ୯୦୫ ନୂଆ ପଦବୀକୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

# ସଶକ୍ତ ହେବ ୨୨୦ ଥାନା, ୬ ଫାଣ୍ଡି

**ଭୁବନେଶ୍ୱର :** ରାଜ୍ୟ ପୋଲିସରେ ୯୦୫ଟି ପଦବୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଏହାଦ୍ୱାରା ୨୧ଟି ଜିଲ୍ଲାର ୨୨୦ ଥାନା ଓ ୬ଟି ଫାଣ୍ଡିରେ ପୋଲିସ କର୍ମଚାରୀ ଆବଶ୍ୟକତା ପୂରଣ କରାଯାଇପାରିବ। ଲୋକଙ୍କୁ ଉତ୍ତମ ସେବା ମିଳିବାରେ ମଧ୍ୟ ଏହା

## ଓଡ଼ିଶାରେ ହେବ ୬ ନୂଆ ଥାନା

ସହାୟକ ହେବ। ରାଜ୍ୟ ସରକାରଙ୍କ ଦୃଢ଼ ପଦପେ ଓ ବିକାଶ କାର୍ଯ୍ୟକ୍ରମ ଯୋଗୁ ରାଜ୍ୟରେ ବାମପନ୍ଥୀ ଉଗ୍ରବାଦ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ହ୍ରାସ ଘଟିଛି। ତେଣୁ ପରିବର୍ତ୍ତିତ ପରିସ୍ଥିତିରେ ଆବଶ୍ୟକତା ଭିତ୍ତିରେ ପୋଲିସ ବିଭାଗର ନିଯୁକ୍ତି କରି ଥାନା ଓ ଫାଣ୍ଡି ଗୁଡିକୁ ଶକ୍ତିଶାଳୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିକଟରେ ଏକ ସମୀକ୍ଷା ବୈଠକରେ ପୋଲିସ ମହାନିର୍ଦ୍ଦେଶକଙ୍କୁ ଆଦେଶ ଦେଇଥିଲେ। ସେହିପରି ରାଜ୍ୟର ବିଭିନ୍ନ ଜିଲ୍ଲାର ୬ଟି ଥାନାକୁ ଭାଗ କରି ୬ଟି ନୂଆ ଥାନା ସୃଷ୍ଟି କରିବା ପାଇଁ ମଧ୍ୟ ଏହି ନୂତନ ନିଯୁକ୍ତି ସହାୟକ ହେବ। ଏହି ଥାନା ଗୁଡିକ ହେଉଛି ଅନୁଗୁଳ, ଝାରସୁଗୁଡା, ଭଞ୍ଜନଗର, ଭଦ୍ରକ ଗ୍ରାମାଞ୍ଚଳ ଥାନା ଓ ତିହିଡି ଥାନାର ପରିସୀମାକୁ ଭଙ୍ଗାଯାଇ ଦୁଇ ଭାଗ କରାଯିବ। ଏହାଦ୍ୱାରା ସେହି ଅଞ୍ଚଳର ଲୋକଙ୍କୁ



ପୋଲିସ ଅଧିକ ଦକ୍ଷତାର ସହ ସେବା ଯୋଗାଇବା ସହିତ ଅପରାଧ ନିୟନ୍ତ୍ରଣ ଦିଗରେ ମଧ୍ୟ ସଫଳତାର ସହ ଦାୟିତ୍ୱ ନିର୍ବାହ କରିପାରିବ। ରାଜ୍ୟ ପୋଲିସର ୯୦୫ ନୂଆ ପଦବୀକୁ ଅନୁମୋଦନ ମିଳିବା ପରେ ପୋଲିସ ମହାନିର୍ଦ୍ଦେଶକ ଅଭୟ ଟୁଇଟ୍ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ନିଜର ଟୁଇଟ୍‌ରେ ଲେଖିଛନ୍ତି, 'ଓଡ଼ିଶାର ୨୨୦ ପୋଲିସ ଷ୍ଟେସନରେ ୯୦୫ ପଦବୀ ମଞ୍ଜୁର ପାଇଁ ଆମେ ଗଭୀର ଭାବେ କୃତଜ୍ଞ। ଏହା ଆମକୁ ଅପରାଧ ନିୟନ୍ତ୍ରଣ କରିବାରେ ଏବଂ ଓଡ଼ିଶାର ଅଧିବାସୀଙ୍କୁ ସେବା ପ୍ରଦାନରେ ଉନ୍ନତି ଆଣିବାରେ ସାହାଯ୍ୟ କରିବ।

# ଆରଓବି ପକ୍ଷରୁ 'ଜାତୀୟ ଶିକ୍ଷା ନୀତି-୨୦୨୦' ଶୀର୍ଷକ ୱେବିନାର

**ଭୁବନେଶ୍ୱର, (ପିଆଇବି) :** ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ଆଂଚଳିକ ଜନ ସମ୍ପର୍କ କାର୍ଯ୍ୟାଳୟ (ଆରଓବି) ପକ୍ଷରୁ ଜାତୀୟ ଶିକ୍ଷା ନୀତି ୨୦୨୦ ସମ୍ପର୍କିତ ଏକ ୱେବିନାର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିବା ଅତିଥି ବକ୍ତାମାନଙ୍କ ମଧ୍ୟରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଖଣ୍ଡପଡାର ବିଧାୟକ ତଥା ଦୈନିକ ସମ୍ବାଦର ସମ୍ପାଦକ ସୌମ୍ୟ ରଞ୍ଜନ ପଟ୍ଟନାୟକ, ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ସହକାରୀ ପ୍ରାଧ୍ୟାପକ ନେତାଜୀ ଅଭିନନ୍ଦନ, ନୂଆଦିଲ୍ଲୀସ୍ଥିତ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ମୁଖ୍ୟ ଡଃ ଅଜିତାଭ ସିଂ, ଅଷ୍ଟ୍ରେଲିଆର ସିଡନିଠାରେ କାର୍ଯ୍ୟରତ ଶିକ୍ଷା ଗବେଷକ ଓ ସୁଚିନ୍ତକ ଡଃ ପ୍ରିୟବ୍ରତଙ୍କ ସମେତ ଆରଓବି ଓ ପିଆଇବି, ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ଏବଂ ଆରଓବି ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ନୂତନ ଜାତୀୟ ଶିକ୍ଷା ନୀତି ୨୦୨୦ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ବକ୍ତାଭାବେ ଯୋଗଦେଇ ମାନ୍ୟବର ବିଧାୟକ ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ ଆଂଚଳିକ ଭାଷାରେ ଶିକ୍ଷା, ମାତୃଭାଷାର ଉନ୍ନତି, ରୋଜଗାର ଭିତିକ ଶିକ୍ଷା ପ୍ରଦାନ ଇତ୍ୟାଦି ଉପରେ ଗୁରୁତ୍ୱାରୋପ କରିଥିଲେ ଏଥିରେ ଶିକ୍ଷା ଗ୍ରହଣ କରିବାର ନମନୀୟତା, ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷା ଉପରେ ଆଲୋକପାତ କରାଯାଇଛି। ଏଥିରେ ଘରୋଇ ଓ ସରକାରୀ ମିଳିତ ଉଦ୍ୟମ ଉପରେ ଜୋର

**ନୂତନ ଶିକ୍ଷା ନୀତିରେ ପ୍ରତ୍ୟେକ ବର୍ଗର ଛାତ୍ରଛାତ୍ରୀଙ୍କ ପ୍ରତି ଧ୍ୟାନ ଦିଆଯାଇଛି**

**ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇବ**

**ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତାକୁ ଦେଖି ପ୍ରସ୍ତୁତ ହୋଇଛି ନୂଆ ଶିକ୍ଷାନୀତି**

**ଶିକ୍ଷା ସହିତ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି**

**ଛାତ୍ରଛାତ୍ରୀଙ୍କ ପାଇଁ ରହିବ ପାଠପଢ଼ିବାର ଅଧିକ ବିକଳ୍ପ ଓ ନମନୀୟତା**

। ସେ ଆହୁରି କହିଥିଲେ ଯେ, ସମାଜର ସବୁ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷାର ସମାନ ସୁଯୋଗ ରହିବା ଦରକାର ଯାହାଫଳରେ କି ଶିକ୍ଷାର ବାସ୍ତବିକ ସ୍ୱରୂପକୁ ସମସ୍ତେ ବୁଝିପାରିବେ। ଏହି ୱେବିନାରରେ ଅଂଶଗ୍ରହଣ କରି ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ କହିଲେ ଯେ, ଏହି ନୂତନ ଜାତୀୟ ଶିକ୍ଷା ନୀତି ପ୍ରସ୍ତୁତ ଏବଂ ଉପସ୍ଥାପନ ହେବା ପୂର୍ବର ସମାଜର ସମସ୍ତ ବର୍ଗର ନେତୃତ୍ୱମାନଙ୍କଠାରୁ ପରାମର୍ଶ ଗ୍ରହଣ କରାଯାଇଛି। ଦିଆଯାଇଛି । କେନ୍ଦ୍ର ସରକାର ନୂତନ ଶିକ୍ଷା ନୀତିରେ ଶିକ୍ଷାବ୍ୟବସ୍ଥା ପାଇଁ ମୋଟ ଘରୋଇ ଉତ୍ପାଦର ଶତକଡା ୬ ଭାଗ ଅର୍ଥ ଖର୍ଚ୍ଚ କରିବା ଲାଗି ପ୍ରତିଶ୍ରୁତି ଦେଇଥିବାରୁ ସେ କୃତଜ୍ଞତା ଜଣାଇଥିଲେ। ଏହାବ୍ୟତୀତ ପ୍ରାଥମିକ ଶିକ୍ଷା ଓ ମାଧ୍ୟମିକ ଶିକ୍ଷା ସହିତ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିବାରୁ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ହ୍ରାସ ପାଇବ।

କାର୍ଯ୍ୟକ୍ରମକୁ ସଂଚାଳନ କରି ସହକାରୀ




ପ୍ରାଧ୍ୟାପକ ନେତାଜୀ ଅଭିନନ୍ଦନ ପ୍ରାରମ୍ଭରେ କହିଲେ ଯେ, ପ୍ରାୟ ୩୪ ବର୍ଷ ପରେ ଆମେ ଏକ ନୂତନ ଜାତୀୟ ଶିକ୍ଷା ନୀତିକୁ ଗ୍ରହଣ କରିବାକୁ ଯାଉଛୁ। ଏଥିରେ ଭାରତର ଆଂଚଳିକ, ସାଂସ୍କୃତିକ ମହତ୍ୱ, ମୂଲ୍ୟବୋଧ, ବିବିଧତା ଏବଂ ସାମଗ୍ରୀକ ଉଦ୍ୟମ ସମାହିତ ହୋଇ ରହିଛି ବୋଲି ସେ କହିଥିଲେ। ପରେ ନିଜ ଉପସ୍ଥାପନା ରଖି ନୂଆଦିଲ୍ଲୀସ୍ଥିତ ଇନ୍ଦ୍ରପ୍ରସ୍ଥ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ମୁଖ୍ୟ ଡଃ ଅଜିତାଭ ସିଂହ କହିଥିଲେ ଯେ, ଏହି ନୂତନ ଶିକ୍ଷା ନୀତି ପୂର୍ବ ଅନୁଭୂତି, ବର୍ତମାନର ଆହ୍ୱାନ ଏବଂ ଭବିଷ୍ୟତର କାର୍ଯ୍ୟପନ୍ଥାକୁ ନେଇ ପ୍ରସ୍ତୁତ କରାଯାଇଛି। ଏହି ଶିକ୍ଷା ନୀତି ଦ୍ୱାରା ଭାରତ ବିଶ୍ୱରେ ଏକ ଜ୍ଞାନଭିତିକ ସମାଜ ଭାବେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିବ। ସେ କହିଥିଲେ ଯେ, ଜାତୀୟ ଶିକ୍ଷା ନୀତି ୨୦୨୦ ଅଧିକ ରୋଜଗାର ସୃଷ୍ଟି କରିପାରିବ। ଷଷ୍ଠ ଶ୍ରେଣୀରୁ ଧନ୍ଦାମୂଳକ ବୃତିଗତ ଶିକ୍ଷା ପ୍ରଦାନ କରାଯିବ। ଫଳରେ ଏହା ଭବିଷ୍ୟତରେ ଛାତ୍ରଛାତ୍ରୀଙ୍କ ଚାକିରିଭିତିକ ଦକ୍ଷତା ବୃଦ୍ଧି କରିବ। ଶେଷରେ ଅଷ୍ଟ୍ରେଲିଆର ସିଡନିରେ ଅବସ୍ଥାପିତ ଓଡିଆ ଶିକ୍ଷା ଗବେଷକ ଓ ସୁଚିନ୍ତକ ଡଃ ପ୍ରିୟବ୍ରତ କହିଲେ ଯେ, ଏହି ନୂତନ ଶିକ୍ଷା ନୀତିରେ ବିଶ୍ୱର ବିଭିନ୍ନ ଦେଶର ଶିକ୍ଷା ବ୍ୟବସ୍ଥାର ଶ୍ରେଷ୍ଠ ବୈଶିଷ୍ଟ୍ୟଗୁଡିକୁ ସ୍ଥାନିତ କରାଯାଇଛି। ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଗବେଷଣାମୂଳକ, ଧନ୍ଦାମୂଳକ ଶିକ୍ଷା ପ୍ରଦାନ, ମୁକ୍ତ ବିଦ୍ୟାଳୟ, ଦକ୍ଷତା ଭିତିକ ଶିକ୍ଷା ବ୍ୟବସ୍ଥା ଏଥିରେ ସ୍ଥାନିତ କରାଯାଇଛି ବୋଲି ସେ କହିଥିଲେ। ଏହି ନୂତନ ଶିକ୍ଷା ନୀତିରେ କୌଣସି ବିଷୟଗତ କଟକଣା ନାହିଁ। ସ୍ନାତକ ସ୍ତରର କଳାଛାତ୍ରମାନେ ବିଜ୍ଞାନ ଓ ବାଣିଜ୍ୟ ବିଷୟ ମଧ୍ୟ ପଢ଼ିପାରିବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ମାଲବ୍ୟ ସମସ୍ତ ଅତିଥି, ବକ୍ତା ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ। ପରେ ନିର୍ଦ୍ଦେଶକ ଶ୍ରୀ ମିଶ୍ର କହିଥିଲେ ଯେ ନୂତନ ଶିକ୍ଷା ନୀତିରେ ଛାତ୍ରଛାତ୍ରୀଙ୍କ ସଶକ୍ତିକରଣ ଏବଂ ଦକ୍ଷତା ବିକାଶ ପରିସରକୁ ବୃଦ୍ଧି କରାଯାଇଛି। ସେହିପରି ରୁଚି ଅନୁଯାଇ ବିଷୟ ବାଛି ପାଠ ପଢ଼ିବାର ବିକଳ୍ପ ଏହି ନୂତନ ଶିକ୍ଷା ନୀତିରେ ଥିବା କଥା ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ବିଭାଗୀୟ ଅଧିକାରୀ, ଶିକ୍ଷାବିତ, ଗବେଷକ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୧୦ - ୧୬ ଅଗଷ୍ଟ, ୨୦୨୦

# ସମୟ ବଦଳିବା ପଛରେ ସଂଘର୍ଷ

ସମ୍ବାଦକୀୟ



ତାରକ ମହାନ୍ତି

ଗତ ବୁଧବାର ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ ପାଇଁ ଭାରତର ପ୍ରଧାନମନ୍ତ୍ରୀ ଭୂମି ପୂଜନ କଲେ। ଏହା ଐତିହାସିକ, ମର୍ଯ୍ୟାଦାଜନକ ଓ ଗୋଟେ ନୂଆ ଯୁଗର ଆରମ୍ଭ। କାରଣ ରାମଲାଲାଙ୍କ ଜନ୍ମପୀଠରେ ମନ୍ଦିର ଭାଙ୍ଗି ମସ୍‌ଜିଦ କରାଯିବାକୁ ଆରମ୍ଭରୁ ବିରୋଧ କରାଯାଇ ଆସୁଥିଲେ ବି ଏଥିରେ ସକାରାତ୍ମକ ପରିବର୍ତ୍ତନ ହୋଇପାରି ନଥିଲା। ଅଧିକନ୍ତୁ ଏହାକୁ ବିବାଦୀୟ କହି ଗୋଟିଏ ପକ୍ଷ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ମାମଲା ନେଇଥିଲେ। ପରିଶେଷରେ ତଥ୍ୟ, ଯୁକ୍ତି ଓ ଉପଯୁକ୍ତ ଐତିହାସିକ ଦସ୍ତାବିଜ ଆଧାରରେ ନ୍ୟାୟ ସମ୍ପୂର୍ଣ୍ଣ ଭାବେ ରାମ ଲାଲାଙ୍କ ସପକ୍ଷରେ ଯାଇଥିଲା। ସେବେଠାରୁ ରାମଙ୍କ ଜନ୍ମଭୂମିରେ ରାମ ମନ୍ଦିର ନିର୍ମାଣ ପାଇଁ ଯେଉଁ ସଂକଳ୍ପ ହୋଇଥିଲା, ତାହାର ସ୍ମାରକୀ ଭାବେ ଭୂମି ପୂଜନ। ସେମିତି ଜୀବନରେ ଅନେକ ଘଟଣା ସମୟ ଅନୁସାରେ ପରିବର୍ତ୍ତନ ଦିଗକୁ ଗତି କରେ। ହେଲେ ଏହା ପଛର ଗତି, ପୃଷ୍ଠଭୂମି ଅନୁସାରେ ନିର୍ଦ୍ଧାରିତ ହେଲେ ସୁଦ୍ଧା ଏଥିପାଇଁ ଯଥେଷ୍ଟ ସମୟ ଲାଗିଯାଏ। ହୁଏତ ଯେଉଁ କଥା ଜଣଙ୍କ ଜୀବଦଶାରେ ହେବା କଥା ତାହା ହୋଇନାରେ। ବର୍ଷ ପରେ ବର୍ଷ ହୁଏତ ସମୟ ଅତିକ୍ରାନ୍ତ ହୋଇଥାଏ। ଯେଉଁ କାହାଣୀ ଅତୀତର ନିଆଁ ଲିଭା ପାଉଁଶ ମନେକରି ଆମେ ଭୁଲିଯାଇଥିଲେ, ହେଲେ ତା ଭିତରେ ଛୋଟିଆ ଅଗ୍ନିକଣା ଦେଖିପାରିଥିବା ବ୍ୟକ୍ତି, ସଂଗଠନ କିନ୍ତୁ ଅହରହ ନିଜର କିଞ୍ଚିତ କାର୍ଯ୍ୟ ମାଧ୍ୟମରେ ଏହାକୁ ଆଗକୁ ନେଇଥାନ୍ତି। ଏହା ସେଭଳି ଦିବ୍ୟଦ୍ରଷ୍ଟାଙ୍କ କାର୍ଯ୍ୟ ବୋଲି ସାଧାରଣ ମଣିଷ ଅନୁଭବ କରିପାରନ୍ତି ନାହିଁ। ହେଲେ ପରିବର୍ତ୍ତନର ସମୟ ନିକଟତର ହେଲେ କାହାଣୀ ପଛରେ ଅନେକ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତି ଯୋଡି ହୋଇଯାଆନ୍ତି। ଅନେକ ସମୟରେ ଜିତିବ ଜିତିବ ସ୍ଥିର ନିଶ୍ଚିତ ଥିବା ଘଟଣାରେ ମଣିଷ ହାରିଯାଇ ଥାଏ। ଯେଉଁ କାର୍ଯ୍ୟକୁ ସହଜ ମନେକରି ଆରମ୍ଭ ହୋଇଥିଲା, ସେଥିରେ ଲୁଚି ରହିଥିବା ବାଧା ବନ୍ଧନ ସାମ୍ନାକୁ ଆସିବ ପରେ ଏହାକୁ ଅତିକ୍ରମ କରିବାର ଯେଉଁ ଧୈର୍ଯ୍ୟ ଓ ସାହସର ଆବଶ୍ୟକତା ତାହା ଯଦି ଅଭାବ ରହେ କାହାଣୀରେ ପୂର୍ଣ୍ଣଛେଦ ପଡିପାରେ ନାହିଁ। ଗୋଟେ ଅଧଲେଖା କାହାଣୀ ପଢ଼ି ଏହା ପଛରେ ଥିବା ବାସ୍ତବ ଦୃଶ୍ୟକୁ ପୁଣିଥରେ ଠୁଳ କରିବା ଆଦୌ ସହଜ ହୋଇନଥାଏ। ହେଲେ ସମୟ ନିଜ ଗତିରେ ବ୍ୟକ୍ତି ଅଗୋଚରରେ ସେସବୁକୁ ଏକାଠି କରି ଆଗକୁ ବଢ଼ିବାର ପ୍ରେରଣା ଦିଏ। ଏଥିରେ ଅନୁପ୍ରାଣିତ ହୋଇ ବାସ୍ତବ ଆକଳନ କରି ସ୍ୱର୍ଦ୍ଧିତ ଭାବେ ଆଗକୁ ପାଦ ମଜବୁତ କରି ପକାଇବା ହେଉଛି ପୌରୁଷର ଲକ୍ଷଣ। ଉତ୍ତମ ପୁରୁଷ ମର୍ଯ୍ୟାଦାଜନକ ଭାବେ ସ୍ଥିର ହୋଇଯାଇଥିବା ଘଟଣାକୁ ପୁନଃ ଗତିଶୀଳ କରାଇବା ପଛରେ ଦୈବିକୃତା ଥିବାର ଅନୁଭବ ହୁଏ। ତେଣୁ ପ୍ରତି ହାରଜିତ ପଛରେ ଏଭଳି ଅନେକ କିଛି କଥା ଗୋପନ ଦୁଃ ଅବା ଲୁକ୍କାୟିତ ଘଟଣା ଭଳି ଦୀର୍ଘବର୍ଷ ପଡିରହିଥାଏ। ଆଧ୍ୟାତ୍ମବାଦ ଓ ତତ୍ତ୍ୱ ଆଧାରରେ ଅନେକ ପୁରାତନ ଘଟଣାର ନୂଆ ସ୍ୱରୂପ ସାମ୍ନାକୁ ଆସିବା ପରେ ଚର୍ଚ୍ଚାର ପରିଧି ବ୍ୟାପକ ହୋଇ ଘଟଣାକୁ ବିଶ୍ୱ ଦରବାରରେ ରଖିଦିଏ। ଏଥିପାଇଁ ତ୍ୟାଗ ଓ ତପସ୍ୟାର କଠୋର ମୁହୂର୍ତ୍ତମାନ ସାମ୍ନା କରିବାକୁ ପଡେ। ତେଣୁ ସମୟ ଅନୁସାରେ ମଣିଷ ପରିବର୍ତ୍ତନ ସହ ନିଜକୁ ଖାପ ଖୁଆଇ ନନେଲେ ଭବିଷ୍ୟତରେ ଆକସ୍ମିକ ଘଟିବାକୁ ଥିବା ଘଟଣାର ସାମ୍ନା କରିବା ପାଇଁ ସକ୍ଷମ ହେବନାହିଁ। ତାହା ଜୀବନ ଜୀବିକାର ହେଉ କିମ୍ବା ସ୍ୱାସ୍ଥ୍ୟ ସମ୍ପର୍କିତ ଘଟଣା। ପର୍ଯ୍ୟାବରଣ, ପରିବେଶ, ଜଳବାୟୁ ପରିବର୍ତ୍ତନ ଭଳି ଅନେକ ସମସ୍ୟା କିଭଳି ସମାଧାନ କରିହେବ ତାହା ଆଜିର ଦିନରେ ସବୁଠୁ ବଡ ଆହ୍ୱାନ ବୋଲି କୁହାଯାଇପାରିବ। କାରଣ ଏଭଳି ସମସ୍ୟା ମାନବ ସଭ୍ୟତା ପାଇଁ ଯେଭଳି ସଙ୍କଟ ସୃଷ୍ଟି କରୁଛି, ଆଗାମୀ ଦିନରେ ତାହାଭୟଙ୍କର ରୂପ ନେବାର ଯଥେଷ୍ଟ ଆଶଙ୍କା ରହିଛି। ବର୍ତ୍ତମାନ ଦେଖାଯାଉଥିବା ବିପର୍ଯ୍ୟୟକୁ ଆକଳନ କଲେ ବା ଏହାକୁ ସଠିକ ଭାବେ ଅନୁଶୀଳନ କଲେ ସିଦ୍ଧାନ୍ତ ଉପଯୁକ୍ତ ଦିଗ ନିର୍ଦ୍ଧାରଣ କରିବାରେ ନିଶ୍ଚୟ ସହାୟକ ହୋଇପାରିବ। ଜଙ୍ଗଲ କ୍ଷୟ, ମୃର୍ତ୍ତିକ ଅବକ୍ଷୟ, ବରଫ ପାହାଡ ତରଳିବା ଭଳି ଘଟଣା ଏହାର ଗୋଟିଏ ଗୋଟିଏ ଉଦାହରଣ ମାତ୍ର। ତେଣୁ ପରିବେଶ ନଷ୍ଟ ଦ୍ୱାରା ମଣିଷ ସମାଜ କିଭଳି ପ୍ରଭାବିତ ହେଉଛି ଓ ଭବିଷ୍ୟତରେ ଏହାର ଚିତ୍ର କିଭଳି ରହିବ ତାହାକୁ ନେଇ ଅଧିକରୁ ଅଧିକ ଗବେଷଣା ହେବାଦରକାର। କେବଳ କଳକାରଖାନା ସ୍ଥାପନ କରି ବିକାଶର ଚିତ୍ର ଆଙ୍କିଦେଲେ ପ୍ରକୃତି ଶାନ୍ତ ହୋଇପାରିବନି। ତେଣୁ ପରିବେଶ ଅନୁକୂଳ ଯୋଜନା ଜରିଆରେ ଆମକୁ ଆଗକୁ ବଢ଼ିବାକୁ ପଡିବ। ମହାକାଶ ଉପରେ ଗବେଷଣା ହେଉ କି ପରମାଣୁ ପରୀକ୍ଷା ବେଳେ ଚିନ୍ତା କରିବାକୁ ହେବ ଯେ, ଏହାଦ୍ୱାରା ଆମେ ପରିବେଶର କିଛି କ୍ଷତି କରୁନେ ତ!

ନିଜକୁ ଶ୍ରେଷ୍ଠ ଓ ବିତ୍ତଶୀଳ ବୋଲାଇବାକୁ ଯାଇ କେତେକ ରାଷ୍ଟ୍ର ନିଜର କାର୍ଯ୍ୟକ୍ରମ ଜରିଆରେ ପରିବେଶର ପ୍ରଭୂତି କ୍ଷତି କରିଚାଲିଛନ୍ତି। ଯାହା କି ଭବିଷ୍ୟତ ବିଶ୍ୱ ପାଇଁ ନୂଆ ସଙ୍କଟ ସୃଷ୍ଟି କରିବ। ଯୁଦ୍ଧ କେବେ ଶାନ୍ତି ଦେଇପାରେନି କଥାକୁ ହୃଦୟଙ୍ଗମ କରି କାର୍ଯ୍ୟଧାରାରେ ପରିବର୍ତ୍ତନ ଆଣି ମଣିଷକୁ ଭଲ ପାଇବା ଓ ସମାଜ ବ୍ୟବସ୍ଥାରେ ସୁଧାର ଆଣିବା ଗୁରୁତ୍ୱପୂର୍ଣ୍ଣ। ବ୍ୟବସ୍ଥାରେ ପରିବର୍ତ୍ତନ ଦେଖାଦେଲେ ଧୀରେ ଧୀରେ ପରିବେଶ ସୁରକ୍ଷିତ ହୋଇଚାଲିବ। ଯଦ୍ୱାରା ମଣିଷ ସମାଜ ତିଷ୍ଠି ରହିବା ସହ ସଙ୍କଟ ଓ ବ୍ୟାଧି ଅଧିକ କ୍ଷତି କରିପାରିବ ନାହିଁ। ସେହି ଅନୁସାରେ ମଣିଷର କାର୍ଯ୍ୟଧାରା, ଆନ୍ତରିକ ନିଷ୍ଠା ପ୍ରକଟିତ ହେଲେ ଯେକୌଣସି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସହଜ ସମାଧାନ ହୋଇପାରିବ। ରାମାୟଣ ଅନୁସାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଜୀବନ ଦର୍ଶନ ଆଦର୍ଶ ଓ ନୀତିଯୁକ୍ତ ଧାରା ଅନୁସାରେ ସମୟ ସହ ତାଳ ଦେଇ ଆଗକୁ ଗତି କରିଥିଲା। ଶାସନ ଓ ପ୍ରଶାସନରେ ଏଭଳି ଆଦର୍ଶର ଆବଶ୍ୟକତା ରହିଥିଲା ବେଳେ ନୀତିଭ୍ରଷ୍ଟ ହେବା ଫଳରେ ପରିସ୍ଥିତି ଅଣାୟତ୍ତ ହୋଇଯାଉଛି। ଯେଉଁଥିପାଇଁ ବିକାଶର ପ୍ରାରମ୍ଭିକ ଅବସ୍ଥା ବିନାଶରେ ଶେଷ ବୋଲି ପ୍ରତିପାଦିତ ହେବା ପାଇଁ ଖୁବ୍ କମ ସମୟ ଲାଗୁଛି। ଯାହାଫଳରେ ଲୋକେ ଉପଯୁକ୍ତ ନ୍ୟାୟରୁ ବଞ୍ଚିତ ହେବା ସହିତ ନାନାଦି ଦୁଃଖ କଷ୍ଟରେ ଜୀବନ ଅତିବାହିତ କରୁଥିଲେ ବି ସେମାନଙ୍କ କଥା ଶୁଣିବାକୁ ରାମଙ୍କ ପରି ରାଜା ନାହାନ୍ତି। ଯେଉଁ ଦର୍ଶନ ଉପରେ ଗଣତନ୍ତ୍ର ପ୍ରତିଷ୍ଠା କରାଯାଇଥିଲା ତାହାର ମୂଳରେ ପ୍ରଜାନୁରକ୍ତ ରାଜାଙ୍କର ଆଦର୍ଶ, ନୀତିବାଣୀ ଓ କାର୍ଯ୍ୟଧାରା ସଂଲଗ୍ନ ରହିଥିଲେ ବି ବର୍ତ୍ତମାନ ପରିସ୍ଥିତିରେ ଶାସକମାନେ ଏହାକୁ ଅନୁସରଣ ବା ଅନୁକରଣ କରୁନାହାନ୍ତି। ଯେଉଁଥିପାଇଁ ଦିନକୁ ଦିନ ଦୁର୍ନୀତି ଓ ଭ୍ରଷ୍ଟାଚାର ବଢ଼ିଚାଲିଛି। ରାଷ୍ଟ୍ରର ଅର୍ଥ ବ୍ୟକ୍ତିର ପକେଟକୁ ଯାଉଛି ସିନା, ସାଧାରଣ ଲୋକଙ୍କର କଲ୍ୟାଣ ହୋଇପାରୁନାହିଁ। ଏ ସମସ୍ତ ଦିଗ ପ୍ରତି ଧ୍ୟାନ ନଦେଇ ଏକଚାଟିଆ ଭାବେ ବ୍ୟକ୍ତିବାଦ ବଢ଼ାଇବା ଅହଂକାର ନେଇ ଶାସନ କ୍ଷମତାରେ ରହୁଥିବା ରାଜନେତାମାନେ ଦେଶ ପାଇଁ, ଜାତି ପାଇଁ ତଥା ବିଶ୍ୱ ପାଇଁ ଗୋଟେ ଗୋଟେ ବିଷ ବୃକ୍ଷ ସଦୃଶ। ସେମାନଙ୍କ କଳଙ୍କ ଓ ବିଷ ଜ୍ୱାଳାରେ ସାଧାରଣ ଲୋକ ଅତିଷ୍ଠ ହେବାକୁ ବାଧ ହୋଇପଡୁଛନ୍ତି। ତେଣୁ ଏଥିରେ ପରିବର୍ତ୍ତନ ଆସିବା ଦରକାର ଓ ରାମରାଜ୍ୟ ଫେରିବା ଦରକାର।

ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ଟ୍ରମ୍ପଙ୍କ ପାଇଁ ଅଗ୍ନିପରୀକ୍ଷା



ସୌମେନ୍ଦ୍ର ଜେନା

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ଡୋ଼ନାଲଡ଼ ଟ୍ରମ୍ପଙ୍କ ପାଇଁ ଏକ ପରୀକ୍ଷାର ସମୟ। ଏମିତି ଅନେକ ପୂର୍ବତନ ରାଷ୍ଟ୍ରପତି ଦୁଇଥର ବିଜୟୀ ହେବାର ନଜିର ଥିଲାବେଳେ ଟ୍ରମ୍ପ ପୁଣିଥରେ ଚଳିତ ବର୍ଷ ହେବାକୁଥିବା ନିର୍ବାଚନରେ ପ୍ରାର୍ଥୀ ହେଉଛନ୍ତି। କନ୍‌ଜରଭେଟିଭ ଦଳର ଟ୍ରମ୍ପଙ୍କ ବିରୋଧରେ ଡେମୋକ୍ରାଟିକ୍ ଦଳ ପକ୍ଷରୁ ଜୋ ବିଡ଼େନଙ୍କୁ ପ୍ରାର୍ଥୀ କରାଯାଇଛି। ତେବେ ଚଳିତ ବର୍ଷ ବୁହାନ ଭୂତାଣୁର ବିଧ୍ୱଂସକାରୀ ଆକ୍ରମଣ ଯୋଗୁଁ ଆମେରିକାର ଲକ୍ଷ ଲକ୍ଷ ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ପୃଥିବୀରେ ସର୍ବାଧିକ ରୋଗୀଙ୍କ ମୃତ୍ୟୁ ଏହି କରୋନା ଯୋଗୁଁ ଆମେରିକାରେ ଅଧିକ ହୋଇଛି। ସେମିତି ରୋଗଗ୍ରସ୍ତଙ୍କ ସଂଖ୍ୟା ମଧ୍ୟ ଆମେରିକାରେ ସର୍ବାଧିକ ରହିଛି। ପ୍ରାୟ ୩୧ଲକ୍ଷ ଲୋକ ରୋଗଗ୍ରସ୍ତ ହୋଇଛନ୍ତି। ଆମେରିକାର ୫୦ଟି ରାଜ୍ୟ ମଧ୍ୟରୁ ୩୯ଟିରେ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ସପ୍ତାହରେ ଅଢ଼େଇଲକ୍ଷ ଲୋକ ସଂକ୍ରମିତ ହୋଉଛନ୍ତି। ଆମେରିକାରେ ଅଦ୍ୟାବଧି ୧ଲକ୍ଷ ୩୨ହଜାର ଲୋକଙ୍କ ମୃତ୍ୟୁ ଘଟିଲାଣି। ଠିକ୍ ଏହି ସମୟରେ ଟ୍ରମ୍ପଙ୍କ ଚିନ୍ତା ବଢ଼ାଇଛି ଚୀନ। ଅତି ଯୋଜନାବଦ୍ଧ ଭାବେ ଆମେରିକାକୁ ସଂକ୍ରମିତମାନଙ୍କୁ ପଠାଇ ଚୀନ ଲୋକମାନଙ୍କ ମୃତ୍ୟୁର କାରଣ ହୋଇଛି ବୋଲି ସେ ଚୀନକୁ ଦାୟୀ କରିଛନ୍ତି। ମାର୍ଚ୍ଚ ମାସରୁ ଟ୍ରମ୍ପ ଚୀନ ପ୍ରତି ଯେତେ କଠୋର ହୋଇଛନ୍ତି ସେତେଟା ପୃଥିବୀର ଅନ୍ୟ କୌଣସି ରାଷ୍ଟ୍ରର ମୁଖ୍ୟ ହୋଇନାହାନ୍ତି। ଚୀନ ବିରୋଧରେ ଆର୍ଥିକ କଟକଣା ପାଇଁ ଚୀନ କମ୍ପାନୀମାନଙ୍କୁ ପୁଞ୍ଜିନିବେଶ ବଜାରରୁ ହଟାଇବା, ଆମେରିକାରେ ଚୀନର କମ୍ପାନୀମାନଙ୍କ କାର୍ଯ୍ୟକୁ ସୀମିତ କରିବା, ଚୀନ ଗବେଷକଙ୍କୁ ଗିରଫ କଲା ପରି ଅନେକଗୁଡ଼ିଏ ପଦକ୍ଷେପ ସେ ଗ୍ରହଣ କରିଛନ୍ତି। ଚୀନ ପ୍ରତି ନରମ ଆଭିମୁଖ୍ୟ ନେଇ କାର୍ଯ୍ୟ କରୁଥିବା ଇଉରୋପର ରାଷ୍ଟ୍ରଗୁଡ଼ିକୁ ସେ ସମାଲୋଚନା କରିବା ସହ ସେଠାରେ ନିୟୁକ୍ତ ନାଟୋ ସେନାଙ୍କ ସଂଖ୍ୟା ହ୍ରାସ କରି ଏସିଆକୁ ପଠାଇବାରେ ଲାଗିଛନ୍ତି। ସମଗ୍ର ବିଶ୍ୱରେ କୋରୋନା ଯୋଗୁଁ ଅନେକ ଦେଶ ଲକ୍‌ଡାଉନ୍ - ସଟ୍‌ଡାଉନ୍ ସମସ୍ୟାରେ ଗତି କଲାବେଳେ ଚୀନ ସମସ୍ତଙ୍କୁ ନାଲିଆଖି ଦେଖାଇ ସାମ୍ରାଜ୍ୟ ବିସ୍ତାର କରିବା ପାଇଁ ଯେଉଁ ପଞ୍ଝା ଖୋଲିଛି ତାକୁ ନଷ୍ଟ କରିବା ଲାଗି ଟ୍ରମ୍ପ ଅତ୍ୟନ୍ତ କଠୋର ହୋଇଛନ୍ତି। ଭାରତ, ଭୁଟାନ, ରୁଷିଆ, ଦକ୍ଷିଣ କୋରିଆ, ଫିଲିଫାଇନ୍ସ, ଭିଏତନାମ, ମଙ୍ଗୋଲିଆ, କାଜାଖସ୍ଥାନ, ଥାଇଲାଣ୍ଡ, ଅଷ୍ଟ୍ରେଲିଆ, ମାଲେସିଆ, ଇଣ୍ଡୋନେସିଆ, ତାଇୱାନ ଆଦି ଦେଶର ସୀମାକୁ ଗ୍ରହଣ କରୁନାହିଁ ଚୀନ। ସବୁ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର ଅଞ୍ଚଳଗୁଡ଼ିକୁ ନିଜର ବୋଲି କହି ଚୀନ ଯୁଦ୍ଧର ଭୟ ଦେଖାଉଛି। ମ୍ୟାନମାର, ଆଫଗାନିସ୍ଥାନ ପରି ଦେଶକୁ ନିଜର ସଡ଼କ ଯୋଜନାରେ ସାମିଲ କରିବାକୁ ଚାପ ପ୍ରୟୋଗ କରୁଛି। ସେମାନେ କଥା ଗ୍ରହଣ ନକଲେ ସନ୍ତ୍ରାସବାଦୀଙ୍କୁ ସାହାଯ୍ୟ କରୁଛି, ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଛି। ଚୀନ ଏବେ ଟ୍ରମ୍ପଙ୍କ ଚିନ୍ତା ବଢ଼ାଇଥିଲା ବେଳେ ଜଣେ କଳା ଲୋକର ପୋଲିସ ହାତରେ ମୃତ୍ୟୁ ହେବା ଘଟଣାକୁ କେନ୍ଦ୍ରକରି ମିନିଆପଲିସଠାରୁ ନ୍ୟୁୟର୍କ, ବ୍ରିଟେନ୍, ଇଉରୋପ, କାନାଡ଼ା ଯାଏ ବିକ୍ଷୋଭ ଆକାରରେ ଯେପରି ଜଳାପୋଡ଼ା, ମୂର୍ତ୍ତିଭଙ୍ଗା ପରି ଘଟଣାମାନ ବାମପନ୍ଥୀ ଏବଂ ମୁସଲିମ୍ ମୌଳବାଦୀଙ୍କ ପ୍ରୋତ୍ସାହନରେ ଚାଲିଛି ତାହା ମଧ୍ୟ ଆମେରିକାକୁ ଅସ୍ଥିର କରିଛି। ତଥାକଥିତ ଲିବେରାଲମାନଙ୍କୁ ଟ୍ରମ୍ପ ଏଥିପାଇଁ ଚେତାବନୀ ମଧ୍ୟ ଶୁଣାଇ ସାରିଲେଣି।

ଏକଥା ମଧ୍ୟ ସତ୍ୟ ଯେ ଆମେରିକାରେ ଥିବା ଆଫ୍ରିକୀୟ କଳାଲୋକଙ୍କ ବିରୋଧରେ ହେଉଥିବା ହିଂସା ଓ ନିର୍ଯାତନାର ପ୍ରତିବାଦ କରିବାକୁ ବ୍ଲାକ୍ ଲାଇଭ୍‌ସ ମ୍ୟାଟର (ବିଏଲ୍ଏସ୍) ସଂଗଠନ ଦ୍ୱାରା ଆମେରିକାର ଭିନ୍ନ ଭିନ୍ନ ରାଜ୍ୟରେ ଆନ୍ଦୋଳନ ଜାରି ରହିଛି। ଡେରେ ମାରିକ୍ସନ, ଜୋନେଟା ଏଲଜି, ଟେଫ୍ ପୋ, ଇଛିକା ଗାର୍ନର ପ୍ରମୁଖ ଏହାର ନେତୃତ୍ୱ ନେବାବେଳେ ଏହାକୁ ଏକ ବିଶ୍ୱବ୍ୟାପୀ ଆନ୍ଦୋଳନ କରିବା ପାଇଁ ଗୋଟିଏ ଗୋଟିଏ ଟି-ସାର୍ଟକୁ ଦୁଇ ହଜାର ଟଙ୍କାରେ ବିକ୍ରି କରାଯାଇ ଅର୍ଥ ସଂଗ୍ରହ କରାଯାଉଛି। ଜୁଲାଇ ମାସର ଆରମ୍ଭ ସୁଦ୍ଧା ଆମେରିକାରେ ଥିବା ୨୬ ମିଲିଅନ୍ ଲୋକେ ଏହି ଆନ୍ଦୋଳନରେ ଅଂଶ ଗ୍ରହଣ କରିଥିବା କଥା ନ୍ୟୁୟର୍କ ଟାଇମ୍ସ ସୂତ୍ରରୁ ପ୍ରକାଶ। ଏହି ଆନ୍ଦୋଳନ ପଛରେ ବିରୋଧୀ ଡେମୋକ୍ରାଟିକ୍ ଦଳର ସମର୍ଥନ ରହିଥିଲାବେଳେ ବାମପନ୍ଥୀ ଏବଂ ଇସ୍‌ଲାମିକ ଜିହାଦି ଗୋଷ୍ଠୀର ମଧ୍ୟ ସହଯୋଗ ରହିଥିବା କଥା କୁହାଯାଉଛି। ଭାରତର ନୂଆଦିଲ୍ଲୀରେ ଜେ.ଏନ୍.ୟୁ. ଆନ୍ଦୋଳନ କାଳରେ ଯେପରି ଜିହାଦି ଏବଂ ବାମପନ୍ଥୀ ଗୋଷ୍ଠୀଗୁଡ଼ିକ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିକୁ ଅସମ୍ମାନ କରି ଲେଖିଥିଲେ ଠିକ୍ ସେମିତି ଆମେରିକାର ଭିନ୍ନ ଭିନ୍ନ ସହରଗୁଡ଼ିକରେ ଥିବା ପ୍ରତିମୂର୍ତ୍ତିକୁ ମଧ୍ୟ ଅସମ୍ମାନିତ କରାଯାଉଛି। ସେଠାରେ ଥିବା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ କାଳି ବୋଳାଯାଇ ତାଙ୍କୁ ବର୍ଣ୍ଣବିଦ୍ୱେଷୀ ଭାବେ ପ୍ରଚାର କରାଯାଇଛି। କଲମ୍ବସଙ୍କ ପରି ବ୍ୟକ୍ତିବିଶେଷଙ୍କୁ ବର୍ଣ୍ଣବିଦ୍ୱେଷୀ ଭାବେ ଚିତ୍ରିତ କରାଯାଇ ତାଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାଯାଇଛି। ତେବେ ପ୍ରତିମୂର୍ତ୍ତିକୁ ଭାଙ୍ଗିବାପରି କାର୍ଯ୍ୟ ସାଧାରଣତଃ ଜିହାଦି ଏବଂ ବାମପନ୍ଥୀମାନେ ସମଗ୍ର ବିଶ୍ୱରେ କରିଥାନ୍ତି।

ଚଳିତବର୍ଷ ଆମେରିକାରେ ହେବାକୁ ଥିବା ନିର୍ବାଚନରେ ଟ୍ରମ୍ପଙ୍କୁ ହରାଇବା ଲାଗି ଚୀନର ସରକାର ଆମେରିକା ଗଣମାଧ୍ୟମ ଏବଂ ଏଜେନ୍ସିଗୁଡ଼ିକର ସହାୟତା ନେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଗତ ଦିନଗୁଡ଼ିକରେ ତଥ୍ୟ ଚୋରାଉଥିବା ଚୀନା ଗବେଷକଙ୍କୁ ଆମେରିକାରେ ଗିରଫ କରାଯିବା, ହୁଏୱେଇ ସଂସ୍ଥାର ଅଧିକାରୀଙ୍କ ବିରୋଧରେ ଆମେରିକା ଚାପରେ କାନାଡ଼ା ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଚୀନର ଛାତ୍ର ଏବଂ ନାଗରିକଙ୍କ ଉପରେ ଗୁପ୍ତଚର ସଂସ୍ଥା ନଜର ରଖିବା ଲାଗି କୁହାଯିବା, ଚୀନା ଦ୍ରବ୍ୟକୁ ବଜାରରୁ ହଟାଇବା ପାଇଁ ଚାପ ବଢ଼ିବା ଯୋଗୁଁ ଚୀନ କର୍ତ୍ତୃପକ୍ଷ ଆମେରିକା ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଏହାଛଡ଼ା ତାଇୱାନ୍ ଓ ଜାପାନକୁ ଧମକ ଦେଇ ଚୀନ ସରକାର ଭାରତର ସୀମାରେ ସେନା ଠୁଳ କରିବା ପରେ ଟ୍ରମ୍ପ ତିନୋଟି ପରମାଣୁ ଅସ୍ତ୍ରସଂପନ୍ନ ଯୁଦ୍ଧ ବିମାନବାହୀ ପୋତକୁ ଦକ୍ଷିଣ-ଚୀନ ସାଗର ଓ ଭାରତ ମହାସାଗରରେ ମୁତୟନ କରିବା ଦ୍ୱାରା ଚୀନ ସରକାର ଏକପ୍ରକାର ଚାପରେ ରହିଛନ୍ତି। ଏକଦା ଅନେକ ଫ୍ରଣ୍ଟରେ ଲଢ଼ି ଇସ୍ରାଏଲ ପରି ବିଜୟୀହେବା ଲକ୍ଷ୍ୟ ରଖିଥିବା ଚୀନ କିନ୍ତୁ ଟ୍ରମ୍ପଙ୍କ ଏହି ଚାଲ ପାଖରେ ଏବେ ହାର ମାନିଛି।

ଟ୍ରମ୍ପ ଚୀନ ବିରୋଧରେ ପଦକ୍ଷେପ ନେବାକୁ ପୂର୍ବରୁ କହି ଆସୁଥିଲେ ମଧ୍ୟ ତାକୁ ଇଉରୋପ ୟୁନିୟନରୁ ସମର୍ଥନ ମିଳିନଥିଲା। କିନ୍ତୁ ଭାରତର ପ୍ରଧାନମନ୍ତ୍ରୀ ମୋଦି ଆକସ୍ମିକ ଭାବେ ଅଧିକ କଠୋର ହୋଇ ଚୀନ ବିରୋଧରେ ଆର୍ଥିକ କଟକଣା ଜାରି କରିବା ପରେ ଟ୍ରମ୍ପ ଏସିଆରେ ଜଣେ ଭଲ ସହଯୋଗୀ ପାଇଗଲେ। ଭାରତରେ ପ୍ରଥମେ ଚୀନା କମ୍ପାନୀମାନଙ୍କ ହଜାର ହଜାର କୋଟିର ଠିକା ରଦ୍ଦ କରାଯିବା, ୫୯ଟି ଚୀନା ମୋବାଇଲ ଆପ୍‌କୁ ଭାରତରେ ବନ୍ଦ କରିବା, ଆତ୍ମନିର୍ଭର ଭାରତର ଆହ୍ୱାନ ଦେଇ କୋରୋନା କିଟ୍ ଭାରତରେ ପ୍ରସ୍ତୁତ କରିବା, ୫୦୦ରୁ ଅଧିକ ଅଣଜରୁରୀ ବସ୍ତୁର ଆମଦାନୀକୁ ବନ୍ଦ କରିବା, ପ୍ରତି ଉତ୍ପାଦନ ଉପରେ ଉତ୍ପାଦିତ ରାଷ୍ଟ୍ରର ନାମ ଉଲ୍ଲେଖ କରିବା ନିର୍ଦ୍ଦେଶ ଦେବା ଆଦି ଘଟଣା ଟ୍ରମ୍ପଙ୍କୁ ସାହସ ଯୋଗାଇଲା। ମୋଦିଙ୍କ ପରି ସେ ଟିକ୍‌ଟକ୍‌କୁ ନିଜ ଦେଶରେ ବିରୋଧ କଲେ। ହୁଏୱେଇ କମ୍ପାନୀକୁ କାର୍ଯ୍ୟରୁ ନିବୃତ୍ତ କରାଇଲେ। ଆମେରିକାରେ କୋରୋନା ବୃଦ୍ଧି ପାଇଁ ଚୀନ ସରକାରଙ୍କ ଷଡ଼ଯନ୍ତ୍ରକୁ ଟ୍ରମ୍ପ ଦୋଷ ଦେଇ ଆସୁଥିଲେ। ତେଣୁ ଚୀନର ଔଦ୍ଧତ୍ୟକୁ ଦମନ କରିବା ଲାଗି ଟ୍ରମ୍ପ ଯେଉଁ ପଦକ୍ଷେପ ନେଉଛନ୍ତି ତାହା ଆମେରିକାର ଭୋଟରମାନଙ୍କୁ ସନ୍ତୁଷ୍ଟ କରିବ ବୋଲି ସେ ଆଶା ରଖିଛନ୍ତି। ଚୀନ ବିରୋଧରେ ତାଙ୍କ କଠୋର ଆଭିମୁଖ୍ୟ ଯୋଗୁ ଆମେରିକାରେ ବସବାସ କରୁଥିବା ଏସିଆ ମୂଳର ଅନେକ ଲୋକ ତାଙ୍କୁ ସମର୍ଥନ କରିବେ ବୋଲି ସେ ଆଶା କରୁଛନ୍ତି। ଆଗାମୀ ଦିନରେ ଆଫ୍ରିକୀୟ ମୂଳର ଲୋକେ ଡ଼େମୋକ୍ରାଟିକ୍ ପ୍ରାର୍ଥୀ ଜୋ ବିଡ଼େନଙ୍କ ସମର୍ଥନରେ ଯିବା ସ୍ପଷ୍ଟ ଜଣାପଡୁଛି। ଏହି ପରିସ୍ଥିତିରେ ଏସିଆ ମୂଳର ଲୋକଙ୍କ ସମର୍ଥନ ଟ୍ରମ୍ପଙ୍କ ପାଇଁ ନିହାତି ଆବଶ୍ୟକ ହେଉଥିବା ହେତୁ ଟ୍ରମ୍ପ ସନ୍ତ୍ରାସବାଦ ଏବଂ ଚୀନର ବିସ୍ତାରବାଦ ବିରୋଧରେ ବାରମ୍ବାର କହିବାରେ ଲାଗିଛନ୍ତି। ଏପରିକି ଭାରତ ସରକାରଙ୍କ ବିନା ଆଗ୍ରହରେ ଜେଏଫ୍-୩୫ ଲଢ଼ୁଆ ବିମାନ ଭାରତକୁ ଦେବାଲାଗି ସେ ଆଇନରେ ସଂଶୋଧନ କରିଛନ୍ତି। ଏହି ବିମାନ ଭାରତ ଲାଭକଲେ ଚୀନ ଓ ପାକିସ୍ତାନ ବିରୋଧରେ ଅଧିକ ଶକ୍ତିଶାଳୀ ହେବ। ଟ୍ରମ୍ପଙ୍କ ଏହି ପଦକ୍ଷେପ ଭାରତର ଲୋକଙ୍କୁ ସନ୍ତୁଷ୍ଟ କରିବା ସହ ଆମେରିକାବାସୀ ଭାରତୀୟଙ୍କ ସମର୍ଥନ ଲାଭ କରିବାରେ ସହଜ ହେବ।

କୋରୋନା, ସନ୍ତ୍ରାସବାଦ, ଆର୍ଥିକ ବିକାଶ କ୍ଷେତ୍ରରେ ଚୀନକୁ ଛାଡ଼ିଦେଲେ ଭାରତ ଏକ ବଡ଼ ସହଯୋଗୀ ହେବ ବୋଲି ଟ୍ରମ୍ପ ଆଶା କରୁଛନ୍ତି। ଭାରତର ସାହାଯ୍ୟ ନେଇ ଆଫ୍ରିକା ସମେତ ଅନ୍ୟାନ୍ୟ ଛୋଟ ରାଷ୍ଟ୍ରଗୁଡ଼ିକ ସହ ଅଧିକ ବାଣିଜ୍ୟ କରିବାକୁ ଟ୍ରମ୍ପ ଚାହୁଁଛନ୍ତି। ଏ କ୍ଷେତ୍ରରେ ଭାରତ ଟ୍ରମ୍ପଙ୍କୁ ସାହାଯ୍ୟ କରିବ ବୋଲି ସେ ଆଶା ରଖିଛନ୍ତି। ତିବ୍ବତ, ହଂକଂ ଏବଂ ତାଇୱାନ୍ ମାମଲାରେ ଭାରତ ପ୍ରଥମଥର ପାଇଁ ନିଜ ନୀତିରେ ପରିବର୍ତ୍ତନ ଆଣିଥିବା ହେତୁ ଜାତିସଂଘରେ ଟ୍ରମ୍ପଙ୍କୁ ଭାରତ ସାହାଯ୍ୟ ନିଶ୍ଚୟ କରିବ। ତେଣେ ଋଷିଆରେ ପୁଟିନ ୨୦୩୬ ଯାଏ ରାଷ୍ଟ୍ରପତି ରହିବା ଲାଗି ସମ୍ବିଧାନ ସଂଶୋଧନ ପାଇଁ ବିପୁଳ ଭୋଟ ପାଇଛନ୍ତି। ତେଲଦର ହ୍ରାସ ହେବାପରେ ପଶ୍ଚିମ ଏସିଆର ରାଷ୍ଟ୍ରଗୁଡ଼ିକ ଆଗାମୀ ଦିନରେ ଆମେରିକାକୁ ଅଧିକ ସାହାଯ୍ୟ କରିବା ଆଶ କ୍ଷୀଣ ହୋଇଆସୁଛି। ନାଟୋ ମେଣ୍ଟ ଦୁର୍ବଳ ସ୍ଥିତିରେ ପହଞ୍ଚିଛି। ଜର୍ମାନୀ, ଇଟାଲୀ ସମେତ ଅନେକ ଇଉରୋପୀୟ ରାଷ୍ଟ୍ର ଚୀନପ୍ରତି ଅଧିକ ଢ଼ଳିବା ଏବେ ଟ୍ରମ୍ପଙ୍କ ପାଇଁ ଆହ୍ୱାନ ହୋଇଛି। ତେଣୁ ସେ ଏସିଆକୁ ଅଧିକ ଗୁରୁତ୍ୱ ଦେବାକୁ ଘୋଷଣା କରିଛନ୍ତି। ଚୀନ ସହ ସମକକ୍ଷ ହେବାକୁ ମୋଦି ସରକାର ଆଗାମୀ ଦିନରେ ବହୁ ପରିମାଣର ଅସ୍ତ୍ରଶସ୍ତ୍ର କିଣିବା ଲକ୍ଷ୍ୟରେ ଥିବା ହେତୁ ସେହି ଯୋଗାଣକୁ ଆମେରିକା ସପକ୍ଷରେ ନେବାପାଇଁ ଟ୍ରମ୍ପ ଲକ୍ଷ୍ୟ ରଖିଛନ୍ତି। ଚୀନ ସହ ଆମେରିକାର ବାଣିଜ୍ୟିକ ଯୁଦ୍ଧରେ ବଡ଼ ରାଷ୍ଟ୍ରର ସହଯୋଗ ଆବଶ୍ୟକ। ସେହି ଆବଶ୍ୟକତା ଭାରତ ଏବଂ ଆସିଆନ ଗୋଷ୍ଠୀର ଦେଶମାନେ ପୂରଣ କରିପାରିବେ। ଏହି ଗୋଷ୍ଠୀର ସହାୟତା ଆମେରିକାକୁ ମିଳିପାରିଲେ ଏସିଆରେ ଚୀନ ଅନେକ ପରିମାଣରେ ସଂକୁଚିତ ହେବ।

ଚଳିତ ବର୍ଷ ନିର୍ବାଚନର ବର୍ଷ ଥିବାରୁ ଗୋଟିଏ ପଟେ କୋରୋନାର ନିୟନ୍ତ୍ରଣ, ଅନ୍ୟପଟେ ବିରୋଧୀ ଏବଂ ଚୀନକୁ ନିୟନ୍ତ୍ରଣ କରିବା ଟ୍ରମ୍ପଙ୍କ ପାଇଁ ବଡ଼ ବିଷୟ ହୋଇଛି। କୋରୋନା ପାଇଁ ପ୍ରସ୍ତୁତ ଟୀକା ଓ ଔଷଧଗୁଡ଼ିକର ଆବଶ୍ୟକ ଉତ୍ପାଦନ ତଥା ବିତରଣ ସହ ଆର୍ଥିକ ବ୍ୟବସ୍ଥାକୁ ସଜାଡ଼ିବା ଲାଗି ବନ୍ଦ ପଡ଼ିଥିବା କାରଖାନାର ଉତ୍ପାଦନ ଓ ବିତରଣ ବ୍ୟବସ୍ଥାକୁ ସଜାଡ଼ିବା ଦରକାର। କାରଣ ରେଳ, ବିମାନ ଓ ଜଳପରିବହନ ସ୍ୱାଭାବିକ ନ ହେଲେ ଏସବୁ ସମସ୍ୟାର ସମାଧାନ ସହଜ ହେବ ନାହିଁ। ଆମେରିକାକୁ ବ୍ରିଟେନ୍, ଅଷ୍ଟ୍ରେଲିଆ, ଜାପାନ, ଭାରତ, ଆସିଆନ ଏବଂ ସହଯୋଗୀ ଲାଟିନ ଆମେରିକା ତଥା ଇଉରୋପର ଦେଶଗୁଡ଼ିକୁ ନେଇ ପୃଥିବୀର ବ୍ୟବସ୍ଥାକୁ ସଜାଡ଼ିବା ଉପରେ ଜୋର ଦେବାକୁ ହେବ। ଦେଶର ନେତୃତ୍ୱ ସହ ବିଶ୍ୱର ନେତୃତ୍ୱ ନେବା ପାଇଁ ଏବେ ଯେଉଁ ଅଗ୍ନିପରୀକ୍ଷାର ସମୟ ଆସିଛି ସେଥିରୁ ଟ୍ରମ୍ପଙ୍କୁ ସଫଳତାର ସହ ମୁକୁଳିବାକୁ ହେବ। ସହଯୋଗୀ ରାଷ୍ଟ୍ରଗୁଡ଼ିକର ବିଶ୍ୱାସକୁ ନେଇ ଟ୍ରମ୍ପ ଏ ଦିଗରେ ଉଦ୍ୟମ କରିବା ଆବଶ୍ୟକ।

*ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର - ୭୫୧୦୦୩*

# ବିଶ୍ୱ ଦେଖିବ ୭୦ଲକ୍ଷ ଅବାଞ୍ଛିତ ଗର୍ଭବାସ



ଡାକ୍ତର ଶୁଭଶ୍ରୀ ମିଶ୍ର

ଆଜି ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ସମଗ୍ର ବିଶ୍ୱରେ ୪୫,୮୫,୦୦୦ ଜଣ କରୋନା ସଂକ୍ରମଣ ହୋଇଥିବା ବେଳେ ୩ଲକ୍ଷ୫ହଜାର ଜଣଙ୍କ ମୃତ୍ୟୁ ହୋଇଛି। ସମଗ୍ର ଭାରତରେ ମଧ୍ୟ ସଂକ୍ରମଣ ସଂଖ୍ୟା ୮୫,୫୩୮ ଓ ମୃତ୍ୟୁ ସଂଖ୍ୟା ୨୬୭୯, ସେହିପରି ୩୦ହଜାର ସୁସ୍ଥ ହୋଇ ଫେରିଲେଣି। ସାରା ବିଶ୍ୱରେ ଭାରତ ଏକାଦଶ ସ୍ଥାନରେ ରହିଛି। ପୃଥିବୀରେ ୪୫ଲକ୍ଷ ଲୋକ ସଂକ୍ରମିତ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ୩ଲକ୍ଷ ଉପରେ ରହିଛି। ଓଡ଼ିଶାରେ ଆକ୍ରାନ୍ତଙ୍କ ସଂଖ୍ୟା ୬୭୨ ଓ ୧୬୬ଜଣ ସୁସ୍ଥ ହୋଇ ଘରକୁ ଫେରିଲେଣି। ତେବେ ସମଗ୍ର ବିଶ୍ୱରେ ମହାମହାରୀ କୋଭିଡ଼-୧୯ର ମୁକାବିଲା ପାଇଁ ଯାବତୀୟ ସ୍ୱାସ୍ଥ୍ୟସେବାକୁ କେବଳ ସେ ଦିଗରେ ହିଁ କେନ୍ଦ୍ରିତ କରାଯାଇଥିବାବେଳେ ସେଥିରୁ ଏକ ଭିନ୍ନ ପରିଣାମ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଚିନ୍ତା ବଢ଼ାଇ ଦେଇଛି। କରୋନା ସଂକ୍ରମଣକୁ ପ୍ରତିହିତ କରିବା ଲାଗି ସାମାଜିକ ଦୂରତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ବିଭିନ୍ନ ରାଷ୍ଟ୍ରରେ ଲକ୍‌ଡାଉନ ସ୍ଥିତିକୁ ଗୁରୁତ୍ୱ ଦିଆଯାଇଛି। ଜାତିସଂଘର ଏକ ତଥ୍ୟ ଅନୁଯାୟୀ ସମଗ୍ର ବିଶ୍ୱର ୧୧୪ଟି ନିମ୍ନ ଓ ମଧ୍ୟମ ଆୟବର୍ଗ ରାଷ୍ଟ୍ରରେ ବସବାସ କରୁଥିବା ପାଖାପାଖି ୪୭କୋଟି ମହିଳା ଅନାହୁତ ଗର୍ଭବାସକୁ ରୋକିବା ପାଇଁ ସାଧାରଣତଃ ଗର୍ଭନିରୋଧକ ବ୍ୟବହାର କରିବାପାଇଁ ପସନ୍ଦ କରିଥାନ୍ତି। ଅତ୍ୟାଧୁନିକ ଗର୍ଭନିରୋଧକ ବ୍ୟବହାର ପାଇଁ ସେମାନଙ୍କ ପାଖରେ ସମୟ ନଥିବାବେଳେ ବର୍ତ୍ତମାନ ସ୍ଥିତିରେ ସେମାନଙ୍କ ପାଖରେ ଚାହିଦା ମୁତାବକ ତଥାକଥିତ ସହଜଲବ୍ଧ ଗର୍ଭନୀରୋଧକ ପହଞ୍ଚି ପାରୁନାହିଁ। ଲକ୍‌ଡାଉନ ସ୍ଥିତି ଯୋଗୁଁ ଏକ ରକମ ଗୃହବନ୍ଦୀ ଜୀବନ ଯାପନ କରୁଥିବା ଯୋଗୁଁ ପରିଣତି ସ୍ୱରୂପ ଆଗାମୀ ମାସ ଗୁଡ଼ିକରେ ବିଶ୍ୱବ୍ୟାପୀ ୭୦ଲକ୍ଷ ଅବଞ୍ଛିତ ଗର୍ଭଧାରଣ ସଂଖ୍ୟା ଦେଖିବାକୁ ମିଳିବ। ଅନେକ ମହିଳା ପରିବାର ନିୟୋଜନ ଅସ୍ତ୍ରୋପଚାର କରିନପାରି ଏପରି ସମସ୍ୟା ଭୋଗିବାକୁ ବାଧ ହେଉଛନ୍ତି। ତେବେ କେତେକ କ୍ଷେତ୍ରରେ ସହଜରେ ଲିଙ୍ଗ ବୈଷମ୍ୟର ଶିକାର ହେବା ଆଶଙ୍କାରେ ସେମାନେ ଗର୍ଭପାତ ପାଇଁ ଅନେକ ବିପଦପୂର୍ଣ୍ଣ ପ୍ରକ୍ରିୟାକୁ ଆପଣାଇବା ଦ୍ୱାରା ଏହି ସଂଖ୍ୟା ଯଥେଷ୍ଟ ବଢ଼ିଯିବାର ମଧ୍ୟ ଆଶଙ୍କା ରହିଛି।

ଅନେକ ଦମ୍ପତି ଏହି ସମସ୍ୟାକୁ ଏକ ବିପଜ୍ଜନକ ସମସ୍ୟା ବୋଲି ଭାବନ୍ତି କିନ୍ତୁ ବାସ୍ତବରେ ତାହା ନୁହେଁ ପ୍ରାଥମିକ ଅବସ୍ଥାରେ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞଙ୍କ ସଠିକ ପରାମର୍ଶ, ପରୀକ୍ଷା ନିରୀକ୍ଷା ଓ ଔଷଧ ସେବନ ସହ ଡାକ୍ତରୀ ପରାମର୍ଶରେ ବିଶ୍ରାମ ଓ ଖାଦ୍ୟପେୟ ଗ୍ରହଣ କଲେ ଏହା ସମସ୍ୟା ହୋଇ ରହିବନାହିଁ। ଗର୍ଭନିରୋଧକ ଔଷଧ ଖାଇବାରେ ଅନିୟମିତତା ହିଁ ଅବାଞ୍ଛିତ ଗର୍ଭଧାରଣର ମୁଖ୍ୟ କାରଣ। ଆପଣ ପ୍ରତିଦିନ ଗର୍ଭନିରୋଧକ ଔଷଧ ଖାଉଛନ୍ତି, ହେଲେ ମଝିରେ ଭୁଲି ଯାଇ ଦିନେ କି ଦୁଇଦିନ ଔଷଧ ଖାଇନାହାଁନ୍ତି, ତାପରେ ଖାଇଛନ୍ତି। ଏହାଦ୍ୱାରା ମଧ୍ୟ ଆପଣ ଗର୍ଭଧାରଣର ଶିକାର ହୋଇପାରନ୍ତି। ଅନ୍ୟ ଏକ ଭୁଲ ହେଉଛି ଅସୁରକ୍ଷିତ ସେକ୍ସ ଜୀବନ ବିତାଇଛନ୍ତି ହେଲେ ଦୁଇ ଦିନ ପର୍ଯ୍ୟନ୍ତ ଗର୍ଭନିରୋଧକ ଔଷଧ ଖାଇନାହାଁନ୍ତି, ତେବେ ଗର୍ଭଧାରଣର ଶିକାର ହୋଇପାରନ୍ତି। ଗର୍ଭନିରୋଧକ ଔଷଧ ଖାଇବାର କିଛି ଘଣ୍ଟା ମଧ୍ୟରେ ଯଦି ଆପଣଙ୍କର ବାନ୍ତି ହୋଇଯାଏ, ତେବେ ମଧ୍ୟ ଗର୍ଭଧାରଣର ଶିକାର ହୋଇପାରନ୍ତି। କାରଣ ବାନ୍ତି ହେବା ଦ୍ୱାରା ଆପଣଙ୍କ ଶରୀରରେ ଗର୍ଭନିରୋଧକ ଔଷଧ ଠିକ୍ ଭାବରେ କାମ କରିପାରେ ନାହିଁ। ଦୁଇଟି ଟାବଲେଟ ଖାଇବା ମଧ୍ୟରେ ୨୪ ଘଣ୍ଟାରୁ ଅଧିକ ବ୍ୟବଧାନ ରହିବା ଅନୁଚିତ। ମନେରଖନ୍ତୁ ଆପଣଙ୍କୁ ପ୍ରତିଦିନ ନିୟମିତ ସମୟରେ ହିଁ ଗର୍ଭନିରୋଧକ ଔଷଧ ଖାଇବା ଦରକାର। ଉଦାହରଣ ସ୍ୱରୂପ ଯଦି ଆପଣ ସକାଳେ ଟାବଲେଟ୍ ଖାଇବା ଆରମ୍ଭ କରିଛନ୍ତି, ତେବେ ପ୍ରତିଦିନ ସକାଳେ ହିଁ ଔଷଧ ଖାଆନ୍ତୁ। ନଚେତ୍ ଟାବଲେଟ୍‌ର ପ୍ରଭାବ କମ୍ ପଡ଼ିଥାଏ। ଗର୍ଭନିରୋଧକ ଔଷଧ ଋତୁଚକ୍ରର ତୃତୀୟ କିମ୍ବା ପଞ୍ଚମ ଦିନରୁ ଆରମ୍ଭ କରିବାକୁ ପଡ଼ିଥାଏ। ଯଦି ଆପଣ ଋତୁଚକ୍ର ସମୟରେ ଏପରି ଭାବରେ ଗର୍ଭନିରୋଧକ ଔଷଧ ବ୍ୟବହାର କରୁଥାନ୍ତି, ତାହାଲେ ଅତିକମ୍‌ରେ ସାତ ଦିନ ପର୍ଯ୍ୟନ୍ତ ଅସୁରକ୍ଷିତ ସେକ୍ସ ଜୀବନ ବିତାନ୍ତୁ ନାହିଁ। ନଚେତ୍ ଗର୍ଭଧାରଣର ଶିକାର ହୋଇପାରନ୍ତି।

ଅଧିକ ତାପମାତ୍ରାରେ ଔଷଧ ରଖନ୍ତୁ ନାହିଁ। ଅଧିକ ତାପମାତ୍ରାରେ ଔଷଧ ରଖିଲେ, ତାର କ୍ଷମତା ହ୍ରାସ ହୋଇଥାଏ। ଫଳରେ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରେ ନାହିଁ। କୌଣସି ବାକ୍ସ କି କାର ଭିତରେ ରଖନ୍ତୁ ନାହିଁ। ସିଧା ଖରାପଡୁଥିବା ସ୍ଥାନରେ ମଧ୍ୟ ଔଷଧ ରଖନ୍ତୁ ନାହିଁ। ଏହା ସହିତ ୬ ମାସରୁ ଅଧିକ ସମୟ ଷ୍ଟୋର କରି ରଖନ୍ତୁ ନାହିଁ। ସବୁଠୁ ଭଲ ହେବ ଏକ ମାସ ପାଇଁ ଆବଶ୍ୟକ ଔଷଧ କିଣନ୍ତୁ। ଏହାପରେ ପୁନଃ କିଣନ୍ତୁ। ସଂପ୍ରତି ଭୟାବହ କରୋନାର ପ୍ରକୋପ ଘର ପରିବାର, ବୃତ୍ତିଗତ କ୍ଷେତ୍ର ସବୁକିଛିକୁ ପ୍ରଭାବିତ କରିଥିବାବେଳେ ପାରିବାରିକ ଜୀବନରେ ଏହା କିଛି ପତି-ପତ୍ନିଙ୍କ ଭିତରେ ସୁଖଦ ଆଉ କେତେକ କ୍ଷେତ୍ରରେ ଦୁଃଖଦ ଅନୁଭବ ଆଣି ଦେଉଛି। ଲକ୍‌ଡାଉନ ଜାରି ରହିବା ଦ୍ୱାରା ଘରେ ଏକ ପ୍ରକାର ବାଧ ଜୀବନ ବିତାଉଥିବାରୁ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ସମ୍ପର୍କ ରହିବା ଦ୍ୱାରା ଗର୍ଭଧାରଣ ସମସ୍ୟା ରହିବ ନିଶ୍ଚୟ। ଏ କ୍ଷେତ୍ରରେ ସଂଯମତା ଜରୁରୀ। ଧୈର୍ଯ୍ୟ ରଖନ୍ତୁ ଏବଂ ମନମାଳିନ୍ୟ ନକରି ପ୍ରକୃତିର ଏହି ଆହ୍ୱାନକୁ ଗ୍ରହଣ କରି ଜୀବନ ଆଗେଇ ନେବା ପାଇଁ ନିଜକୁ ପ୍ରସ୍ତୁତ କରନ୍ତୁ।

*ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ*
*ଦୂରଭାଷ : ୯୮୬୧୪୬୩୪୦୬*




ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

## ଦୈବୀ ସମ୍ପଦା



ଅନୁବାଦ- ଉପାଳୀ ଦାଶ

**ତେଜ : -**

କିନ୍ତୁ ସେହି ତେଜୋମୟ ପୁରୁଷର କାୟା କଳା ପଡଇଗଲା ଓ ତାଙ୍କର ସବୁ ପ୍ରକାର ଶକ୍ତି ଅଦୃଶ୍ୟ ହୋଇ ସେ ଭୂମିସ୍ଥ ହୋଇଗଲେ। ସମସ୍ତ ତେଜ ଯିବା ସମୟରେ ସେ ଶେଷ କିରଣକୁ ପଚାରିଲେ, 'ତୁମେ କିଏ? ଅନ୍ତିମ କିରଣ ଉତ୍ତର ଦେଲା, ହେ ଦାନବ ରାଜ ବଳୀ! ତୁମର ପବିତ୍ର ଆଚରଣ ବଶ ଆମେ ତୁମ ଶରୀରରେ ବାସ କରିଥିଲୁ, ଏବେ ତୁମେ ତୁମର ସମସ୍ତ ଐଶ୍ୱର୍ଯ୍ୟ ଇନ୍ଦ୍ରଙ୍କୁ ଦେଇଦେଇଛ ତେଣୁ ଆମେ ପ୍ରସ୍ଥାନ କରୁଛୁ। ତେବେ ଆମେ ଏଥିରୁ ଜାଣୁଛେ ଯେ ଯେଉଁଠାରେ ସତ୍ୟ, ଅହିଂସା, ସଦାଚାର, ବିବେକ, ଶୀଳ ଥାଏ ଓ ଶାନ୍ତି ସୁଖ ସମୃଦ୍ଧି ଥାଏ ସେଠାରେ ଦୈବୀ ସମ୍ପଦାର ପ୍ରଖର ତେଜ ରହିଥାଏ।

୧୯୭୪ ଅଥବା ୧୯୭୫ର ଘଟଣା। ସ୍ୱାମୀ ଆଧ୍ୟାତ୍ମାନନ୍ଦଜୀ ଭାରତୀୟ ବିଦ୍ୟାଭବନରେ ସଂସ୍କୃତ ଅଧ୍ୟୟନ କରୁଥାନ୍ତି। ସେହି ସମୟରେ ମା ଆନନ୍ଦମୟୀଙ୍କର ସଂଯମ ସପ୍ତାହ ଆୟୋଜିତ ହୋଇଥାଏ। ବିଦ୍ୟାଭବନର ଏକ ଯୁବକ ପ୍ରାପ୍ତ ସବୁ ସମୟରେ ସ୍ୱାମିଜୀଙ୍କ ସଙ୍ଗେ ଦେଖା ହେଉଥିଲା। ଥରେ ସେ ସ୍ୱାମିଜୀଙ୍କୁ କହିଲା, ସ୍ୱାମିଜୀ! ମା ଙ୍କର ସଂଯମ ସପ୍ତାହରେ ଅନେକ ସନ୍ଥ, ମହାତ୍ମା, ମହାମଣ୍ଡଳେଶ୍ୱରଙ୍କର ଆଗମନ ହୋଇଛି ପରଂନ୍ତୁ ଦ୍ୱିପହର ଧ୍ୟାନ ବେଳେ ଯେବେ ଚିଦାନନ୍ଦଜୀ ମହାରାଜଙ୍କର ଆଗମନ ହୁଏ ଲାଗେ ସତେଯେମିତି ସୂର୍ଯ୍ୟୋଦୟ ହେଲା। ଅନ୍ୟମାନେ ଫିକା ଲାଗନ୍ତି। ଏମିତି କାହିଁକି କେଉଁ କାରଣରୁ ଲାଗିଥାଏ? ପ୍ରଶ୍ନର ଉତ୍ତର ସ୍ୱାଭାବିକ ଯେ ସ୍ୱୟଂ ଯିଏ ଶହେ ମାତ୍ରାରେ ପ୍ରାମାଣିକ, ଯାହାଙ୍କ ଠାରେ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ, ଅପରିଗ୍ରହ ନିହିତ, ଯିଏ ଯମ ନିୟମର ପାଳନ କରନ୍ତି, ନିଶ୍ଚିତ ଭାବରେ ସେ ତପ ବଳରେ ତପ୍ତ ହୋଇ ତେଜୋମୟ ହୋଇଥାନ୍ତି ଓ ଆକର୍ଷକ ହୋଇଥାନ୍ତି।

ସ୍ୱାମୀ ଆଧ୍ୟାତ୍ମାନନ୍ଦଜୀ କହୁଥିଲେ ଥରେ ଜନରଲ ଟି.ରଣା କରି ଜଣେ ବ୍ୟକ୍ତିଙ୍କର ଏକମାତ୍ର ଝିଅର ମୃତ୍ୟୁ ହୋଇଗଲା। ସ୍ୱାମିଜୀଙ୍କୁ କହିଲେ ସାଧୁ ସନ୍ୟାସୀଙ୍କ ପାଖକୁ ତାଙ୍କୁ ନେଇଯାନ୍ତୁ ହୁଏତ ତାଙ୍କର ମନ ପରିବର୍ତ୍ତନ ହାଇଯିବ। ତେଣୁ ସ୍ୱାମିଜୀ ତାଙ୍କୁ ବଡ ବଡ ସାଧୁ, ସନ୍ୟାସୀ, ମଣ୍ଡଳେଶ୍ୱରଙ୍କ ପାଖକୁ ନେଇଗଲେ। ସମସ୍ତେ କହୁଥାନ୍ତି "ଜାତସ୍ୟ ହି ଧ୍ରୁବୋ ମୃତ୍ୟୁ" ଏଭଳି ଅନେକ କିଛି ଜ୍ଞାନର କଥଣ। ଶେଷରେ ସ୍ୱାମିଜୀ ତାଙ୍କୁ ମା' ଆନନ୍ଦମୟୀଙ୍କ ପାଖକୁ ନେଇଗଲ। ମାତ୍ର ମା ତାଙ୍କୁ କିଛି କହିଲେ ନାହିଁ। ଖାଲି ଚୁପ୍ ହୋଇ କରୁଣା ଭରି ନୟନରେ ଚାହିଁ ରହିଥାନ୍ତି। କିଛି ସମୟ ପରେ ମା ସମସ୍ତଙ୍କ ହାତରେ ପ୍ରସାଦ ରୂପେ କିଛି ଫଳ ଦେଇ ବିଦାୟ କଲେ। ଆନନ୍ଦମୟୀ ମା' କିଛି କହି ନଥିଲେ ମଧ୍ୟ ତାଙ୍କୁ ସେଠାରେ ବସିବାର ସେହି ସମୟତକ ଏଭଳି ଲାଗିଥିଲା ଯେମିତି ଖୁବ ଗରମ ବେଳେ ଶୀତଳ ଜଳରେ କହି ତାଙ୍କୁ ସ୍ନାନ କରାଇ ଦେଉଛି। ଏପରି ଅନୁଭବ କବଳ ତେଜର କାରଣରୁ ହିଁ ହୋଇଥାଏ।

(କ୍ରମଶଃ)

# ସମ୍ପର୍କର ସୂତାଖିଅ

ମାଟିମନସ୍କ କଥକତା, ସ୍ମୃତି ସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀ ଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷା ବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ, ଔପନ୍ୟାସିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକମାନଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରିପକାଇବାର ସାମର୍ଥ୍ୟ ବହନ କରେ। ସଦା ସୃଜନମଗ୍ନ ଏଇ ଔପନ୍ୟାସିକଙ୍କର ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା ଓ ଭୁଷୁଡି ପଡୁଥିବା ସମ୍ପର୍କ ଏବଂ ମୂଲ୍ୟବୋଧ ପାଇଁ ଆଞ୍ଜୁଳା ଆଞ୍ଜୁଳା ଆହାପଣ। 'ସମ୍ପର୍କର ସୂତାଖିଅ' ଉପନ୍ୟାସ ତାଙ୍କର ଏକ ସାର୍ଥକ ସୃଷ୍ଟି, ଯାହା ପାଠକମାନଙ୍କୁ ଚମତ୍କୃତ କରିବ ବୋଲି ଆମର ବିଶ୍ୱାସ।



କ୍ଷୀରୋଦ ଦାସ

ଭାଗ-୨୦

**ସେ** ଇତସ୍ତତଃ ହେଉଥିବା ବେଳେ ସୁରେନ୍ଦ୍ର ଆଗେଇ ଯାଇ ପ୍ରଶାନ୍ତଙ୍କ ସହ କରମର୍ଦ୍ଦନ କରି କହିଲା - ହ୍ୟାଲୋ, ମୁଁ ସୁରେନ୍ଦ୍ର କୁମାର ମହାନ୍ତି, ମମତାର ହଜ୍‌ବ୍ୟାଣ୍ଡ...।"

"ଓଃ ମିଷ୍ଟର ମହାନ୍ତି... ଦି ଗ୍ରେଟ୍ ସିଙ୍ଗର... ରିୟଲି ଭେରି ଗ୍ଲାଡ୍‌ଟୁ ମିଟ୍ ୟୁ...।" -କରମର୍ଦ୍ଦନ କରୁ କରୁ କହିଲେ ପ୍ରଶାନ୍ତ।

ମମତାର ମୁହଁ ଜଳିଗଲା ପରି ଲାଗିଲା। କୋଟ୍, ସୁଟ୍, ଟାଇ, ଚକ୍ ଚକ୍ ଜୋତା ପରିହିତ ପ୍ରଶାନ୍ତଙ୍କ ସାମ୍ନାରେ ମାମୁଲି ପ୍ୟାଣ୍ଟସାର୍ଟ ଓ ହଳେ ଚପଲ ପିନ୍ଧି ଠିଆ ହୋଇଥିବା ସୁରେନ୍ଦ୍ର ଲାଗିଲା ଦୟନୀୟ ଜଣେ ଭିକାରୀ ଭଳି।

'ହସୁଚି କି ସେଫାଳୀ ?' -ମମତା ଭାବିଲା, - ତା' ମନର କ୍ଷତରୁ ଥପ୍ ଥପ୍ ନିଗିଡି ପଡୁଥିବା ତାଜା ରକ୍ତ ଦେଖି ଉଲ୍ଲସିତ ହେଉଛି କି ଭିତରେ ଭିତରେ ?

ଏଇ ସେଫାଳୀ ହଳେ ଚୁଡିଦାର ପିନ୍ଧି ରୋଜ୍ ଆସୁଥିଲା କଲେଜ୍। ଟିଫିନ୍ ଖାଇବା ପାଇଁ ଅଧିକାଂଶ ଦିନ ଟଙ୍କା ପାଞ୍ଚଟା ବି ନଥିଲା ତା' ପର୍ସରେ। ଅଥଚ ସବୁଦିନେ ଭଳିକି ଭଳି ଆଖି ଝଲସା ଡ୍ରେସ୍ ପିନ୍ଧି କାଇନେଟିକ୍ ହୋଣ୍ଡା ଗାଡି ଚଢ଼ି କଲେଜ ଆସୁଥିଲା ମମତା। ବେଳେବେଳେ ଆଶ୍ଚର୍ଯ୍ୟ ହୋଇ ଶେଫାଳୀକୁ ପଚାରୁଥିଲା - ତମର ୱାସିଂ ମେସିନ୍ ନାହିଁ ? କେମିତି ସଫା କରୁଛ ଡ୍ରେସ୍ ? ବ୍ଲାକ୍ ଆଣ୍ଡ ହ୍ୱାଇଟ୍ ଟିଭି ? ଛ୍ୟେ, ଛ୍ୟେ, ସେଗୁଡା ମୁଁ ଜମାରୁ ଦେଖିପାରେନା। ଆମ ଘରେ ଅଠେଇଶ୍ ଇଞ୍ଚର ଓନିଡା କଲର ଟିଭି ଜୋଡେ ଅଛି। ରିମୋଟ୍ କଣ୍ଟ୍ରୋଲର। ମୁଁ ବିଏ ପାସ୍ କଲେ ମୋ ଡ୍ୟାଡି ପ୍ରମିଶ୍ କରିଛନ୍ତି ମୋ ପାଇଁ ମେରୁନ୍ କଲରର ମାରୁତି ଜେନ୍‌ଟିଏ କିଣିଦେବେ। ଏଇ ନେକ୍‌ଲେସ୍‌ଟା ମୋ ମମି ମୋ ବାର୍ଥ ଡେ'ରେ ପ୍ରେଜେଣ୍ଟ କରିଛନ୍ତି...।

ଜମା ଅପମାନିତ ହେଉନଥିଲା ସେଫଳୀ। ହସୁଥିଲା ଖାଲି ଅଳ୍ପ ଅଳ୍ପ।

ଏବେ ଦେଖ ! ସେଫାଳୀ ଦେହରେ ଛାଇଯାଇଛି ଭଳିକି ଭଳି ଗହଣା। ପିନ୍ଧିଛି ବୋମ୍‌କେଇ ପାଟ। ନାଲି ମାରୁତି କାରରେ ମାର୍କେଟିଂ କରିବାକୁ ଆସିଛି ତା' ଓଏଏସ୍ ବର ସହିତ। ଅଥତ ସହରର ପ୍ରତିଷ୍ଠିତ ଶିଳ୍ପପତିର ଝିଅ ହାତ ଲଙ୍ଗଳା, ବେକ ଲଙ୍ଗଳା ଗୋଟେ ଅଢ଼େଇଶହ ଟଙ୍କାର ଶସ୍ତା ଶାଢ଼ୀ ପିନ୍ଧି ସେ ଆସିଛି ମାର୍କେଟ, ଗୋଟେ ରିକ୍ସାରେ !

ସେଫାଳୀ ହସୁଥିଲା। ଏ ହସ ସେ' ଦିନର ହସ ଅପେକ୍ଷା ଆହୁରି କଦାକାର, ଆହୁରି ତାଚ୍ଛଲ୍ୟପୂର୍ଣ୍ଣ ଲାଗିଲା ମମତାକୁ, ସେଇ ମୁହୂର୍ତ୍ତରେ। ଲାଗିଲା ସତେ ଅବା ସେଫାଳୀ ପୁରୁଣା ଅହଙ୍କାର ପ୍ରତିଶୋଧ ନେଉଛି। କାନମୁଣ୍ଡା ଝାଁ ଝାଁ କଲା ମମତାର। ଲାଲ ଚହ ଚହ ମେଞ୍ଚେ ଜଳନ୍ତା କୋଇଲା କିଏ ଯେପରି ଛାଟିଦେଲା ତା ମୁହଁ ଉପରକୁ। ଦେହର ତନ୍ତ୍ରୀରେ ତନ୍ତ୍ରୀରେ ଚରି ଚରି ଯାଉଥିଲା ଥୋଡେ ବିଷାକ୍ତ ବାୟୁ।

ଥପ୍ ଥପ୍ ହୋଇ ପୋଷେ ଲୁହ ଝରି ଆସିଲା ତା' ଆଖିରୁ ପରାଜୟ ଓ ବିଫଳତାର ପ୍ରତୀକ ହୋଇ। ଛାଟିପିଟି ହୋଇ ସେ ପଳାଇ ଆସିଲା ସେ'ଠୁ, ସିଧା ଘରକୁ।

ସେଦିନ ରାତିରେ ସେ ଘର ରୁନ୍ଧି ହୋଇପଡୁଥିଲା ଚାପା ଅଭିମାନ ଓ ରୁଦ୍ଧ କାନ୍ଦଣାରେ। ସୃଷ୍ଟିର ସମସ୍ତ ହାହାକାର ଓ ତିକ୍ତତାକୁ ବହନ କରି ପ୍ରକାଶିତ ହେଉଥିବା ସେ କାନ୍ଦଣା ଏତେ ରକ୍ତାକ୍ତ, ଏତେ ଯନ୍ତ୍ରଣା ଜର୍ଜରିତ ଥିଲାଯେ, ଯେ କେହି ଭାବିବ ଗୋଟେ ନୃଶଂସ ଜାନୁଆର ସତେ ଅବା ନିର୍ଯାତିତ କରୁଛି ଜଣେ ସରଳ, ନିରିମାଖି ସ୍ତ୍ରୀ ଲୋକକୁ, ପ୍ରଚଣ୍ଡ ପାଶବିକତାର ସହିତ !!

ସୁରେନ୍ଦ୍ର ମୂଢ଼ ବନିଗଲା। ବୁଝିପାରିଲାନି ଏ କାନ୍ଦଣାର ହେତୁ କ'ଣ ? ଅନେକ ସଂଶୟ ଓ ଦ୍ୱିଧାର ସହ ସେ ପଚାରିଲା- 'କ'ଣ ହେଲା ? କାନ୍ଦୁଚ କାହିଁକି ଯେ ?

ଅନେକ ଯୁଗର ଜମାଟ ବନ୍ଧା କ୍ରୋଧ, ଘୃଣା ଓ ଅପମାନର ପାହାଡ ସତେ ଯେପରି ବିସ୍ଫୋରିତ ହୋଇଗଲା ଏଇ କଥା ପଦକରେ। ଆହତ ଗୋଖର ସାପ ପରି ଫଁ ଫଁ ହୋଇ ମମତା କହିଲା- "ତମ ମୁହଁକୁ ଟିକେ ଲଜା ନାହିଁ ଯେ ଆହୁରି ପଚାରୁଛ କ'ଣ ହେଲା ! ତମରି ଯୋଗୁଁ ମୋ ଇଜ୍ଜତ ଆଜି ବିଚ୍ ବଜାରରେ ଧୂଳିସାତ୍ ହେଲା। ମୋ ମୁହଁରେ ଚୂନକାଳି ଲାଗିଲା...।"

ତମ ଇଜ୍ଜତ୍ ଧୂଳିସାତ ହେଲା, ପୁଣି ମୋ ପାଇଁ ? କେତେବେଳେ ? ମୋର ଦୋଷ କ'ଣ ? - କିଛି ବୁଝିନପାରି ସୁରେନ୍ଦ୍ର ପଚାରିଲା।

'ନା, ତମର କିଛି ଦୋଷ ନାହିଁ। -ମମତା ଆଖି ଓ ନାକ ପୋଛିଲା- "ସବୁ ଦୋଷ ମୋର, ମୋ କପାଳର। କେଜାଣି କେଉଁ ଅଶୁଭ ଲଗ୍ନରେ ତମ ପରି ଅଯୋଗ୍ୟ ମଣିଷଟିର ପ୍ରେମରେ ପଡିଥିଲି ଯେ ଆଜି ଦାଣ୍ଡର ଭିକାରୁଣୀ ସାଜିଲଇ। ଅଲୀଅଳ ରାଜଜେମା ହୋଇ ତମର ପୋଇଲି ଖଟିଲି !"

ବୋକାଙ୍କ ପରି ସୁରେନ୍ଦ୍ର ଚାହିଁ ରହିଥିଲା ମମତାକୁ।

"ମୋ ସାମ୍ନାରେ ମୁହଁ ଟେକି ଚାଲିପାରୁନଥିବା ସେ ଫୁଲେଇ ଟୋକୀ କେମିତି ଫେସନ ଦେଖାଇ ତା' ଅଫିସର ବର ସହିତ ଚାଲିଗଲା ଦେଖିଲ ତ ! ମହଣେ ଅଳଙ୍କାର ପିନ୍ଧିଛି ! ତିନି ହଜାରିଆ ପାଟ ପିନ୍ଧିଛି। କେମିତି ଷ୍ଟାଇଲରେ ପରିଚୟ ଦେଲା ତା' ବରର ? ଓଏସ୍ - ଅଫିସର ? କ'ଣ ତମର ପରିଚୟ ? କୁହ, ଜବାବ୍ ଦିଅ ମୋ ପ୍ରଶ୍ନର !"

ତା ସ୍ୱରରେ ଯେଉଁ କ୍ରୋଧ ଓ ପ୍ରତିବାଦ ଭରି ରହିଥିଲା, ସାବାଡ୍ କରିଦେଲା ସୁରେନ୍ଦ୍ରକୁ। ଥଣ୍ଡା ସ୍ୱରରେ ସେ କହିଲା- "ପରିଚୟ ଏକ ଆପେକ୍ଷିକ ଶବ୍ଦ ମମତା। ପରିଚୟ କ'ଣ ମଣିଷର ପଦ ପଦବୀରେ ଲେଖାଥାଏ ନା ଧନରତ୍ନ, ଟଙ୍କା ପ୍ରାଚୁର୍ଯ୍ୟ ପରିଚୟର ମାପକାଠି ? ସେ ଯାହାହେଉ, ମୋ ପରିଚୟ କ'ଣ ତମେ ଜାଣିନା ? ଜାଣିନା ଯଦି ଶୁଣ, ମୁଁ ସୁରେନ୍ଦ୍ର କୁମାର ମହାନ୍ତି। ପିତା ଶ୍ରୀ ସନାତନ ମହାନ୍ତି, ଗ୍ରାମ ପାଟପୁର। ଜିଲ୍ଲା ଜଗତସିଂହପୁର। ତମ ସ୍ୱାମୀ। ଜଣେ କବି, ସଙ୍ଗୀତଜ୍ଞ। ମା' ଦୁର୍ଗା ମେଡିସିନ୍ ଷ୍ଟୋରର ଜଣେ ପ୍ରଥମ ଶ୍ରେଣୀ, ସଚ୍ଚୋଟ ସେଲ୍‌ସମ୍ୟାନ୍...।"

"କବି... ସଙ୍ଗୀତଜ୍ଞ...!! ଆହା, କେତେ ବଡବଡ ଉପାଧିଗୁଡାଏ ଲୋ ମା' ! କୋଉଠି ଥୋଇବି ମୁଁ ଏଗୁଡାକ ନେଇ !" - ତାଚ୍ଛଲ୍ୟରେ ଫାଟିପଡୁଥିଲା ମମତା- "ବୁଝିଲ କବିବର, ତମର ଏ ଉପାଧିଗୁଡା ପେଟକୁ ମୁଠାଏ ଦାନା କି ପିଠିକୁ ଖଣ୍ଡିଏ କନା ଦେଇପାରେନା। ଖାଲି ଫୁଲତୋଡା କି ତାଳିମାଡରେ ଦୁଃଖ ଯାଏନା। ଶସ୍ତା ସାବାସିରେ ପେଟ ପୁରେନା। ଧିକ୍ ତମକୁ, ତମ ସଙ୍ଗୀତକୁ। ଧିକ୍ ମତେ। ଶତଧିକ୍ ମୋ ପାଗଳପଣକୁ।"

କଇଁ କଇଁ ହୋଇ କାନ୍ଦି ଉଠିଲା ମମତା, ଅବୋଧ ଛୁଆଟିଏ ପରି।

ଏବେ ନୁହେଁ, ଗାଁ'ରେ ଥିବା ବେଳେ ହିଁ ସୁରେନ୍ଦ୍ର ଜାଣି ସାରିଥିଲା, ଜୀବନରେ ଅସଂଶୋଧନୀୟ ଭୁଲଟାଏ ହୋଇଯାଇଛି, ଯେଉଁଥିପାଇଁ ସାରାଜୀବନଟା ପସ୍ତେଇବାକୁ ପଡିବ। ହାତମୁଠାରୁ ଖସିଯାଇଥିବା ତୀରଟି କ'ଣ ପୁଣି ଫେରିଆସେ ? ଫେରି ଆସେ କି ?

ମମତାର କଥାବାର୍ତ୍ତା ଓ କାର୍ଯ୍ୟକଳାପ ଦିନକୁ ଦିନ ଅସହ୍ୟ ହୋଇ ଉଠୁଥିଲା। ଲଦି ହୋଇପଡୁଥିଲା ପାହାଡ ପରି ସୁରେନ୍ଦ୍ର ମୁଣ୍ଡ ଉପରେ। ଲାଗୁଥିଲା ତା' ଅଭ୍ୟସ୍ତ ଜୀବନ ଭିତରକୁ ଅନୁପ୍ରବେଶ କରି ସାରିଛି ଏକ ଭୟଙ୍କର ରାହୁ। ତା'ର ଦୁର୍ଦ୍ଦାନ୍ତ ଅଟ୍ଟହାସ୍ୟ ଏବଂ ତୀକ୍ଷଣ ପଞ୍ଝାରେ କ୍ଷତବିକ୍ଷତ ହେଉଛି ଦେହ, ମନ, ଆତ୍ମା। ବେଳେବେଳେ ତାର ହୃଦସ୍ପନ୍ଦନ ବଢ଼ିଯାଏ। ଗୋଟେ କୋହ ପ୍ରକମ୍ପିତ କରେ ସାରା ଶରୀରକୁ। ବିଷର୍ଣ୍ଣତା ଓ ଦୟନୀୟତାରେ ଫେଣ୍ଟି ହୋଇ ଯାଉଯାଉ ବିକଳରେ ସେ ଚାହେଁ ଅତୀତକୁ।

କାହିଁ କେତେ ଦୂରରେ ପଡି ରହି, ଅନେକ ଦିନରୁ ଗୋଟେ ହାଡଗଦାରେ ପରିଣତ ହୋଇସାରିଥିବା ଅତୀତଟା ଦେଖାଯାଏ ଝାପସା ଝାପସା।

(କ୍ରମଶଃ)

# ରାକ୍ଷୀ ନାଁରେ ରାକ୍ଷସ

ପ୍ରଦୀପ ବନ୍ଧ





ପରିବାର କହିଲେ ଦୁଇ ଭଉଣୀ, ରୁଗୁଣା ମାଆ ଓ ବାପା ସନା ଜେନା। କରୁଣା ବାରିପାତର ଅକୁପଣ ଗରିବତ୍ୱ ପଣିଆକୁ କେହି ବୁଝିନଥିଲେ ବି ସେଦିନ ବରଯାତ୍ରୀ ସହ ବର ବେଶରେ ଆସିଥିବା ମନୋଜ ଦେଖିଥିଲା ଶ୍ୱଶୁର ଘରର ପରିସ୍ଥିତି। ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ନଡା ଚାଳ ଛପର ଝାଟି ମାଟିର କୁଡିଆ, ଅଧା କାନ୍ଥ ଭୁଶୁଡି ମାଟିରେ ମିଶିଗଲାଣି। ଏଇ ବିଗତ କେତେ ଦିନ ହେଲା ଅମ୍ଫନର ତାଣ୍ଡବରେ ଅଳ୍ପେ ତିଷ୍ଠି ଯାଇଥିବା ଗରିବ ପରିବାରଙ୍କ ଭିତରୁ ସନା ଭାଇ ଜଣେ କହିଲେ ଅତ୍ୟୁକ୍ତି ହେବନାହିଁ। ଚାଳ ଅଧେ ଉଡେଇ ନେଲା ପରେ କେରିମିସି ପାଲ ଖଣ୍ଡେ ଯାହା ସରକାରଙ୍କ ତରଫରୁ ରିଲିଫ ମିଳିଥିଲା ସେଇତକ ହେଉଛି ଖରା ବର୍ଷାରୁ ମୁଣ୍ଡ ଗୋଞ୍ଜିବାକୁ ସାହା।

ମାଆ, ବାପା ଝିଅ ବିଦା କଲା ବେଳେ ଜ୍ୱାଇଁ ମନୋଜର ହାତ ଧରି ବାହୁନି କାନ୍ଦୁଥିଲେ। ଆମେ ଗରିବ ଲୋକ ସାହା ଭରସା କହିଲେ ଆଜିଠାରୁ ହିଁ ତୁମେ। ଗରିବ ଶାଶୁ, ଶ୍ୱଶୁରଙ୍କୁ ବୁଝାଇ ହଁ ସମ୍ମତ କରି ରୀନାକୁ ସ୍ତ୍ରୀ ଭାବରେ ଗ୍ରହଣ କରି ନିଜ ଘରକୁ ଫେରିଲେ। ଯା ଭିତରେ ତିନିମାସ ବିତିଗଲାଣି, ଜ୍ୱାଇଁ ମନୋଜ ଆଉ ରିନାର ସୁଖର ସଂସାର ଦେଖି ସନା ଭାଇ ଆଉ ଲଳିତା ଭାଉଜ ମଧ ବେଶ ଆରାମରେ ଦିନ କାଟୁଥିଲେ। ଏଇତ ଆଷାଢ଼ ପୁରି ଶ୍ରାବଣ ମାସର ଘନଘୋର, ଘମାଘୋଟ ଘନରସର ବର୍ଷା କାଳ ଚାଲିଛି। ଏଠି ସେଠି ସବୁଠି ତାପ ଦଗ୍ଧ ନିଶ୍ୱାସରେ ଆଉ ବିଶ୍ୱାସରେ ମଧ ଚାତକ ମୟୂର ବି ମଳିନ ଆକାଶ ତଳେ ଶୀର୍ଣ୍ଣ ବଧୂ ବେଶରେ ଆସି ଗାଁ ମଥା ବରଗଛ ପାଖରେ ଗାଡି ରଖି ଠିଆ ହୋଇଥାଏ ଲିପା ପରିବାର ଝୁଲା ଟେକି ପାରୁନଥାଏ। ଦୁଇହାତରେ ଦୁଇଟି ଝୁଲା ଧରି ରଖି ରଖି ଚାଲିଥାଏ ଝାଳ ନାଳ ହୋଇ। ମନୋଜ ଦେଖୁ ଦେଖୁ ଲିପା ହାତରୁ ଦୁଇଟି ଝୁଲା ଧରିନେଲା ଲିପା ଭିଣୋଇ ପାଦ ଛୁଇଁ ପ୍ରଣାମଟିଏ କଲା ମନୋଜ ଗାଡିରେ ବସାଇ ଘର ଦୁଆରେ ଛାଡି ବଜାର ଆଡେ ଚାଲିଗଲା। ଲିପା ସେମିତି ଚାହିଁ ବସିଥାଏ ଭିଣୋଇ ଫେରିଲା ବାଟକୁ। ଫେରିଲା ବେଳକୁ ଦ୍ୱିପ୍ରହର ପ୍ରାୟ ସମସ୍ତେ ଖାଇ ଆରାମ କରୁଛନ୍ତି। ମନୋଜ ଗାଧୋଇ ଆସି ଖାଇବାକୁ ବସିଲା। ଲିପା ପୂଜା ଥାଳି ଧରି ଭିଣୋଇକୁ ଫୁଲ, ଦୁବ, ଚନ୍ଦନ ଏମିତି ରୀତିନୀତିରେ ପୂଜା କରି ଆଣିଥିବା ରାକ୍ଷୀଟିଏ ବାନ୍ଧି ମୁଣ୍ଡିଆ ମାରି ଲାଜରେ ଅଳ୍ପ ହସି ଚାଲିଗଲା।

ମନୋଜ ଖାଇସାରି ଲିପାକୁ ଅଟକେଇବ ଆଜି କାଲି ମୁଁ ନେଇ ଛାଡିଦେଇ ଆସିବି ରୀନାକୁ କହିବାରୁ ଲିପା ମଧ ରହିଲା। ଏବେ ମାଟି, ସଚରାଚରରେ ସଂଚରି ଯାଇଛନ୍ତି ନବ ବାରିଧାରାରେ ପହିଲି ପରଶ ସଭିଙ୍କୁ ଶାନ୍ତ କରି ଦେଇଛି। ହେଲେ ବେଙ୍ଗ, କୁମ୍ଭାଟୁଆ ମାନଙ୍କ ନିମନ୍ତ୍ରଣ କରି ମର୍ତ୍ତ୍ୟମଣ୍ଡଳରେ ନିଜେ ଘଳେଇ ପଡିଛି। ଏଇ ସଞ୍ଜ ନଇଁ ରାତି ଦଶଟା ବାଜିଲାଣି ସମସ୍ତେ ଶୋଇ ସାରିଲେଣି ନିଜ ନିଜ ଘରେ। ହେଲେ ମନୋଜ ପେଟେ ଦେଶୀ ମଦ ପିଇ ଆସି କବାଟ ଖୋଲି ଘର ଭିତରକୁ ପାଦ ଥାପି ଧୀରେ ଧୀରେ ଆସୁଥାଏ। ଏସବୁ ନିତିଦିନିଆ ରିନାର ଦିହ ସୁହା ହୋଇଗଲାଣି। କେଉଁଠି ଘୁମେଇ ମାଟି କାମୁଡି ସ୍ୱପ୍ନ ଦେଖୁଛି।

ସେଦିନ ସାନ ଝଅ ଲିପି ବାପାଙ୍କୁ କହି ରାକ୍ଷୀ କିଣିବାକୁ ବଜାର ଚାଲିଗଲା। ବଜାରରୁ ଆସି ପହଞ୍ଚୁ ପହଞ୍ଚୁ କହିଲା ବାପା ଆସନ୍ତାକାଲି ରାକ୍ଷୀ ପୂର୍ଣ୍ଣିମା। ମୁଁ ଦେଇ ଘରକୁ ଯିବି। ସନା ଭାଇର ମୁଣ୍ଡ ଚକର ଖାଇଲା ନୂଆ ବନ୍ଧୁ, ସହଜରେ ଚାଷ କାମ କରି ଯାହା ଦି'ପଇସା ମଜୁରି ଆଣୁଛି ଲିପାର ପଢ଼ା ଖର୍ଚ୍ଚ ତା ସାଙ୍ଗକୁ ରୋଗୀଣା ସ୍ତ୍ରୀ ଲଳିତାର ମେଡିସିନି। ଯାହା ବଳୁଛି ଚାଉଳ, ପନିପରିବା, ତେଲ, ଲୁଣ, ବେଳେ ଅଧେ ପଇସା କମ ପଡିଲେ ପାଉନାକୁ ସାହୁକାରଙ୍କ ଘରୁ ଆଗୁଆ କାମ କରିବି କହି ପଇସା ଆଣିସାରିଛି। ଆହୁରି ଛ'ଟା ମଜୁରୀ ସୁଝିବାକୁ ହେବ। କିଏ ଏ ସମୟରେ ପଇସା ବା ଦେବ ସନାର ନୁଖୁରା ମୁହଁକୁ ଚାହିଁ ? ତଥାପି ! ସନା ଭାଇ ରାତି ଅଧରେ ସ୍ତ୍ରୀର ରୂପା ହାର ଖିଅକ ନେଇ ସାହୁକାରଙ୍କ ଘରକୁ ଯାଇ ପାଞ୍ଚଶହ ଟଙ୍କା ଆଣିଲେ।

ଲକଡାଉନ୍। ଚାରିଆଡେ କରୋନାର ଆତଙ୍କ, ଦିନ ଗୋଟେ ପରେ ଦୋକାନ ବଜାର ସବୁ ବନ୍ଦ। ରାତିସାରା ସନାଭାଇକୁ ନିଦ ନାହିଁ। ସକାଳ ପାଞ୍ଚଟା ପୂର୍ବରୁ ସାଇକେଲ ଧରି ବଜାରରେ ଦିନା ଗୁଡିଆ ମାଆ ମୁହଁ ଧୋଇଛି କି ନାହିଁ କବାଟ ଖୋଲି ବାହାରକୁ ଆସୁ ଆସୁ ସନା କହିଲା ଖୁଡି ମୋତେ ଦି' କେଜି ମିଠା ଦେଇଦିଅ। ରସଗୋଲା ଆଉ ଛେନା ଗଜା କେଜିଲେ ଲେଖାଏଁ। ହଁ ମାଲପୁଆ ବି ତିରିଶି ଟଙ୍କାର ଦିଅ ମୋ ବଡ ଝିଅ ରୀନାଟା ଖାଇବ ସେ ଏସବୁ କିଛି ଖାଏନି ତା'ର ମାଲପୁଆ ଆଉ ଘୁଗୁନି ବରା ଉପରେ ଭାରି ଲୋଭ। ପଥର ସନ୍ଧିରେ ଆକ୍ତାମାକ୍ତା ହୋଇ ସୂର୍ଯ୍ୟ ସୁନେଲି କିରଣ ବିଞ୍ଚିଲେଣି। ଘର ଦୁଆରେ ପହଞ୍ଚୁ ପହଞ୍ଚୁ ଲିପାକୁ ସଅଳ ବାହାରିବାକୁ କହି ରୀନା ବୋଉ ବୋଲି ଡାକଟେ ମାରି ପିଢ଼ାରେ ଲଟିଥିବା ପୋଇ ଗଛଟେ ଟାଣି ଆଣି କାଟିକୁଟି ସାଇଜି କଲେ, ଜହ୍ନି, ବାଇଗଣ, ଶାଗ, ମାରିଷ ଏମିତି ଝୁଲାରେ ଝୁଲେ ଭର୍ତ୍ତି କରି ସାଇକେଲରେ ଲିପାକୁ ବସେଇ ଆର ସାହି ମଥାରେ ଛାଡି ଦେଇଆସିଲେ ଲିପା ଆଧୁନିକ ଯୁଗର ପିଲା ଆଗୁଆ ଖବର କରି ସାରିଛି। ଭିଣୋଇ ମନୋଜ ରୀନା - ଖାଇବ ଆସ।

ମନୋଜ - ନା ଭୋଜି ଖାଇ ଆସିଛି କହି ଶୋଇବା ଘର ଭିତରକୁ ପଶିଗଲା। ଦେଖିଲା ଲିପା ଶୋଇଛି ଫେରି ଆସିଲା। ଲିପା ନବମ ଶ୍ରେଣୀର ଛାତ୍ରୀ। ମାତ୍ର ପନ୍ଦର ବର୍ଷର ହେଲେ ମନୋଜ ପାପ ଆଖିରେ ନାଚୁଥାଏ ତା'ର ଡଉଲଡାଉଳ ଚେହେରା। ରୀନା ଲିପାକୁ ଡାକି ଝିଆରୀ ପାଖରେ ନେଇ ଶୁଆଇ ଦେଇ ଆସିଲା। କାମ ଥକ୍କାରେ ରୀନା ମନୋଜ ଶହ କଥା ହେଉ ହେଉ ଶୋଇଗଲା। ହେଲେ ମନୋଜ ? ଘର ଆର୍ଦ୍ରତା ଭିତରେ ଅସଂଖ୍ୟ ଭସା କଳାମେଘ ପରି ଛାଇଗଲା ଲିପାର ଶୋଇବା ଘର ଆଡକୁ। ଲିପା ସହ ଅଶାଳୀନତା, ଜବରଦସ୍ତି ଗୋଟେ ନୂଆ ଷ୍ଟାମ୍ପ ଲଗେଇ ଲିପାକୁ ଲୁହ ଲହୁରେ ଗାଧୋଇ ସାରି ନିଜେ ଶାନ୍ତ ପୃଥିବୀର ଭଳି ପଡିରହିଥାଏ। କ୍ଷୀଣ ସ୍ୱରରେ ଲିପା କହିଲା କାଲି ଦେଇ ପାଖରେ ସବୁ କହିଦେବ। ଆଉ ଜମା ଆସିବିନି ତୁମ ଘରକୁ। ଏକଥା ଶୁଣୁଶୁଣୁ ମନୋଜ ଲିପାର ତଣ୍ଟି ଚିପି ସେଡିଠି ପକେଇଦେଲା ଗୋଟେ ସ୍ନେହ ସମ୍ପର୍କର ପୂର୍ଣ୍ଣଛେଦ। ଚୁପ୍‌ଚାପ ଆସି ପୁଣି ରୀନା ପାଖରେ ଶୋଇପଡିଲା।

ଝିଆରୀ ଅଙ୍କିତା ସବୁ ଚେଇଁ ଚେଇଁ ଶୁଣିଥିଲା। ତାକୁ ରାତିସାରା ନିଦ ନାହିଁ। ଡରି ଡରି ରାତି ନପାହୁଣୁ ରୀନା ଆଗରେ ସବୁ ସତ ସତ କଥା କହିବା ସଙ୍ଗେ ସଙ୍ଗେ ପରିବାର ଲୋକେ ଜାଣି ମନୋଜକୁ ପୋଲିସରେ ଦେଇଦେଲେ। ଯିଏ ଏହି ମାଟିରୁ ଜନ୍ମ ନେଇ ସ୍ନେହ, ଶ୍ରଦ୍ଧା, ସମ୍ପର୍କର ମଜଭୁତ ଡୋରୀ ରାକ୍ଷୀଟିଏ ବାନ୍ଧିଦେବ ବୋଲି ଧାଇଁ ଯାଇଥିଲା ତା'ର ରାକ୍ଷୀର ପାଉଣା ତାକୁ ଏତେ ସହଜରେ ମିଳିଯିବ ବୋଲି କିଏ ଜାଣିଥିଲା ? ନା ଜାଣିଥିଲା ଗରିବ ବାପ ସନା ଭାଇ, ମାଆ ଲଳିତା ଭାଉଜ ? ନା ବଡ ଝିଅ ରୀନା। ସନା ଭାଇ ଲଳିତା ଭାଉଜ କେତେ ସ୍ୱପ୍ନ ଦେଖିନଥିଲେ ଝିଅ ଦେଇ ଜ୍ୱାଇଁ ବଦଳରେ ପୁଅଟିଏ ଭାବି ଆଜି ସାନ ଝିଅର ମଲା ଶରୀର ଦାହ କରି ଭୋକ ଉପାସରେ ସଢ଼ି ସଢ଼ି କାନ୍ଦୁଛନ୍ତି।

*ସାନମଛୁଆଘାଇ, ରାଜଘର ପୋଖରୀ*
*ବାସୁଦେବପୁର, ଭଦ୍ରକ*
*ଭ୍ରାମ୍ୟଭାଷା : ୮୦୭୨୭୮୩୨୨୦*

# ଧୂନ

କିଶୋର ମହାନ୍ତି



**ଧୂ**ନ ଚାଲିଛି
ଅହୋରାତ୍ର
ଅବିରତ
ଅରୋହ ରୁ ଅବରୋହ
ରାମ ଖମ୍ବାଜ୍
ମିଆଁ ମଲ୍‌ହାର
ଅବା ଗୁଜ୍ଜରି ତୋଡୀ
ଜୀବନକୁ ଅନୁରଣିତ କରୁଛି
ପ୍ରଲମ୍ବିତ ରାଗ
କମ୍ପମାନ ନିଶ୍ୱାସ ପ୍ରଶ୍ୱାସ
ଧୂନର ଏକି ଅମୃତ ଆଲ୍‌ହାଦ
ପ୍ରଣବ ରାଗ ମିଶି ଯାଉଥାଏ,
ଗୋଟାଏ ଆଳାପ
ରହି ରହିଶବ୍ଦୀକ୍ ଚକ୍ରରେ
ଘୂର୍ଣ୍ଣୟ ମାନ ବଳୟ ଭିତରେ
ବିନ୍ଦୁଟିଏ ଧୂନ



ଜୀବନକୁ ସଂଜୀବନୀ ଦେଉଥାଏ
ପ୍ରକାଶ୍ୟ ଓ ଅପ୍ରକାଶ୍ୟରେ
ଧୂନରୁ ସଂଭୁତ ଭୂମି ଓ ଆକାଶ
ଧୂନର ମାୟବର୍ତ୍ତରେ ଆବଦ୍ଧ ମହିମନ ମୁହୂର୍ତ୍ତ।

*ଇ-୫୦, ସେକ୍ଟର -୭, ସିଡିଏ, କଟକ-୧୪*
*ଦୂରଭାଷ : ୯୪୩୭୭୨୮୪୭୫*

# ହେ ଶ୍ରାବଣ ତୁମେ

ସରିତା ମହାପାତ୍ର



**ଶ୍ରା**ବଣ ଝରୁନି ଲାଗେ ସତେ
ଆଜି ଆକାଶ ଯାଇଚି ରଷି
ବର୍ଷା ନାଚୁନି କାହାରି ମନରେ
ତିଳେ ହେଲେ ନାହିଁ ଖୁସି
କି ହେଲା କି ହେଲା
ଭାଲୁଅଛି ମାଟି ଉଦାସ
ଉଦାସ ହୋଇ
ଝୁରୁଚି ଝୁରୁଚି ପହିଲି ପରଶ
ଆଷାଢ଼ ଯା ଥିଲା ଦେଇ
ସବୁଜିମା ଲାଗେ ଧୂସର
ଧୂସର ଶୁଖିଲାଣି ନଦୀ ନାଳ
ଶୁଭୁନାହିଁ ଆଉ ବେଙ୍ଗୁଲୀର
ଡାକ ଶୂନ୍ୟ ସାଗର କୋଳ
ବଜ୍ର ବିଜୁଳି ବର୍ଷାର ଛିଟା
ଲାଗୁଚି ସ୍ୱପ୍ନ ପରି
ଚାହିଁଚି ଚାତକ କାହିଁ
କେତେବେଳେ ବର୍ଷା ପଡିବ ଝରି
ମନ ଚାହୁଁଥାଏ ଶୁଣିବାକୁ
ଥରେ ଝରା ଶ୍ରାବଣର ଗୀତ
ପାଣିର ଫୋଟକା କାଗଜର
ନାଆ ଅଳ୍ପ ଅଳ୍ପ ଶୀତ
କାହିଁକି କେଜାଣି ରତୁ



ବଦଳିଛି ବଦଳି ଯାଇଛି ବାଆ
ଲାଗୁଚି ବୈଶାଖ ରାଜୁତି
କରୁଚି ନେଇ ଶ୍ରାବଣର ନାଆଁ
ମଉନ ବସୁଧା ନୀରବେ
ଚାହିଁଚି ଲୁହେ ଆଖି ଟଳମଳ
ଅଭିମାନ ଛାଡି ଆକାଶ ହେ
ତୁମେ ଛୁଇଁଯାଅ ମାଟି କୋଳ

*ବାଲିତୁଠ, କୁଜଙ୍ଗ, ଜଗତସିଂହପୁର*








କେ ଭୂମିକା
ଷ୍ଟାଣ୍ଡାର୍ଡ-୮
ବିଜେଇଏମ୍ ସ୍କୁଲ
ବିଜେବି ନଗର, ଭୁବନେଶ୍ୱର

# ‘ଗଗନାୟନ’ ପାଇଁ ଜଣେ ଓଡ଼ିଆ

**ବଲାଙ୍ଗିର :** ଭାରତର ପ୍ରଥମ ମାନବ ଅନ୍ତରୀକ୍ଷ ଯାତ୍ରା କାର୍ଯ୍ୟକ୍ରମ ମିଶନ୍ ‘ଗଗନାୟନ’ ପାଇଁ ବଲାଙ୍ଗିରର ନିଖିଲ ରଥ ମନୋନୀତ ହୋଇଥିବା ଜଣାପଡ଼ିଛି। ଏହି ମିଶନ୍ ପାଇଁ ତାଙ୍କ ନାମ ସର୍ଟଲିଷ୍ଟ ହୋଇଥିବା ଜାଣିବା ପରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଟୁଇଟ୍ କରି ନିଖିଲଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ଏହି ବହୁ ପ୍ରତୀକ୍ଷିତ ମିଶନ୍ ପାଇଁ ମନୋନୀତ ୪ ପାଇଲଟ୍‌ଙ୍କ ମଧ୍ୟରେ ନିଖିଲ ରହିଛନ୍ତି। ୨୦୨୨ ମସିହାରେ ଭାରତ ପ୍ରଥମ ମାନବ ଅନ୍ତରୀକ୍ଷ ଯାତ୍ରା କାର୍ଯ୍ୟକ୍ରମ ମିଶନ୍ ‘ଗଗନାୟନ’ରେ ଅନ୍ତରୀକ୍ଷକୁ ମାନବ ପଠାଇବ। ୱିଂଗ୍‌ସ୍



କମାଣ୍ଡର ନିଖିଲ ଆଗକୁ ଆଉ ବର୍ଷେ ଋଷିଆରେ ତାଲିମ ଗ୍ରହଣ କରିବେ। ଏହା ସହିତ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ମଧ୍ୟ ନିଖିଲଙ୍କୁ ମିଶନ ‘ଗଗନାୟନ’ ପାଇଁ ମନୋନୀତ ହେବା ଖବରକୁ ନେଇ ଟୁଇଟ୍ କରି ନିଖିଲ ଓଡ଼ିଶା ପାଇଁ ଗୌରବ ଆଣିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏହି ଖବର ଜଣାପଡ଼ିବା ପରେ ସାରା ଓଡ଼ିଶାରେ ଖୁସିର ଲହରି ଖେଳିଯାଇଛି। ଭାରତୀୟ ବାୟୁସେନାରେ ୱିଂଗ୍‌ସ୍ କମାଣ୍ଡର ଭାବେ କାର୍ଯ୍ୟରତ ନିଖିଲ ରଥ ହେଉଛନ୍ତି ବଲାଙ୍ଗିର ସହରର ଅଶୋକ ରଥ ଏବଂ ମହିଳା କମିଶନ୍ ସଦସ୍ୟା କୁସୁମ ରଥଙ୍କ ପୁତ୍ର।

**ମନ୍ତ୍ରୀ ପ୍ରତାପ ଜେନାଙ୍କ ମୟୂରଭଞ୍ଜ ଗସ୍ତ**

# ଜିଲ୍ଲାର କୋଭିଡ୍ ପରିଚାଳନା ଉପରେ ସମୀକ୍ଷା

**ବାରିପଦା :** ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ମୟୂରଭଞ୍ଜ ଜିଲ୍ଲାଗସ୍ତରେ ଜିଲ୍ଲା କୋଭିଡ୍ ପରିଚଳାନା କାର୍ଯ୍ୟକ୍ରମ ଓ ପ୍ଲାଜମା ଥେରାପି ଚିକିତ୍ସା ପାଇଁ କୋଭିଡ୍ ସୁସ୍ଥ ବ୍ୟକ୍ତଙ୍କ ଠାରୁ ପ୍ଲାଜମା ସଂଗ୍ରହ କରାଯିବା ସକାଶେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସଂପର୍କରେ ବାରିପଦା ଓ ରାଇରଙ୍ଗପୁର ଠାରେ ସମୀକ୍ଷା ମୂଳକ ଆଲୋଚନା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲା ପାଇଁ ପ୍ଲାଜମା ସଂଗ୍ରହ ତଥା ପରିଚାଳନା ଦାୟୀତ୍ୱରେ ଥିବା ପଞ୍ଚାୟତରାଜ ଓ ପାନୀୟ ଜଳ, ଆଇନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀ ଜେନା ଜିଲ୍ଲା ଗ୍ରସ୍ତରେ ଆସି ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ମିନି ଭିଡିଓ କନଫରେନ୍ସିଂ ହଲରେ ଅନୁଷ୍ଠିତ ବୈଠକରେ ଯୋଗ ଦେଇ ସଂପ୍ରତି କୋଭିଡ୍୨୦୧୯ ସଂକ୍ରମଣର ପ୍ରତିରୋଧ ପାଇଁ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା କୋଭିଡ୍ - ୧୯ ପରିଚାଳନା ବିଶେଷ କରି ଟିଏମ୍‌ସି ସ୍ୱାସ୍ଥ୍ୟ କେନ୍ଦ୍ର ପରିଚଳାନ ଏବଂ ପ୍ଲାଜମା ଥେରାପି ଚିକିତ୍ସା ପାଇଁ କୋଭିଡ୍‌ରୁ ସୁସ୍ଥ ଯୋଗ୍ୟ ବ୍ୟକ୍ତିଙ୍କ ଠାରୁ ପ୍ଲାଜମା ସଂଗ୍ରହ କରାଯିବା ଉପରେ ସମୀକ୍ଷାମୂଳକ ଆଲୋଚନା କରିଥିଲେ। ସମୀକ୍ଷାରେ ଜିଲ୍ଲାର ଗ୍ରହଣ କରାଯାଇଥିବା ବ୍ଲକ ସ୍ତରୀୟ / ପଂଚାୟତ କ୍ଲୋଷ୍ଟର ସ୍ତରରେ ପରିଚଳନା କରାଯାଉଥିବା କୋଭିଡ୍ ଟିଏମ୍‌ସି / କେୟାର ହୋମ ପରିଚଳନା ସଂପର୍କରେ ଜିଲ୍ଲାପାଳ ମୟୂରଭଞ୍ଜ ଶ୍ରୀ ବିନୀତ୍ ଭାରଦ୍ୱାଜ୍ ସୂଚାଇଥିଲେ। ଏହା ଉପରେ ମନ୍ତ୍ରୀ ଜିଲ୍ଲାରେ ଅଦ୍ୟାବଧୀ ସୁସ୍ଥ ହୋଇଥିବା ସମସ୍ତ ବ୍ୟକ୍ତିଙ୍କ ନାମ ତାଲିକା ପ୍ରସ୍ତୁତି ଅନଲାଇନରେ ପଞ୍ଜିକୃତ କରାଇବା ସହ ସେମାନଙ୍କୁ ପ୍ଲାଜମା ଦାନ / ସଂଗ୍ରହ ପାଇଁ ପ୍ରଶାସନିକ ସ୍ତରରେ ବିହିତ ପଦକ୍ଷେପ ଗ୍ରହଣ ପୂର୍ବକ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇଥିଲେ। ଏହାର ଏକ ତାଲିକା ବ୍ଲକଓ୍ୱାରୀ ସଂପୃକ୍ତ ମନ୍ତ୍ରୀ, ସାଂସଦ, ବିଧାୟକ ମାନଙ୍କୁ ବିଡିଓ ଙ୍କ ତତ୍ତ୍ୱାବଧାନରେ ପ୍ରଦାନ କରିବାକୁ ପରାମର୍ଶ ଦେବା ସହ ସ୍ୱାସ୍ଥ୍ୟ ବିଭାଗ ନର୍ମ ଅନୁସାରେ ଆସନ୍ତା ୭ ଦିନ ମଧ୍ୟରେ କୋଭିଡ୍ ସୁସ୍ଥ ୧୮ ରୁ ୬୦ ବର୍ଷ ଯୋଗ୍ୟବ୍ୟକ୍ତି ମାନଙ୍କ ଠାରୁ ପ୍ଲାଜମା ସଂଗ୍ରହ କରିବା ପାଇଁ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ପ୍ରସଙ୍ଗ କ୍ରମରେ ପଂଚାୟତିରାଜମନ୍ତ୍ରୀ ଶ୍ରୀ ଜେନା ଗୃହ ଓ ନଗର ଉନ୍ନୟନ ବିଭାଗ ଯୋଜନା କାର୍ଯ୍ୟକ୍ରମରେ ପରିମଳ ବ୍ୟବସ୍ଥା ସୁପରିଚାଳାନା ପାଇଁ ବାରିପଦା ସହାରାଂଚଳରେ କାର୍ଯ୍ୟକାରୀ କରାଯାଉଥିବା ମିନି କପୋଷ୍ଟ ପ୍ରକଳ୍ପ / ମେଟେରିଆଲ୍ ରିକୋଭରି, ଫେସିଲିଟେଡ୍ ସେଣ୍ଟର (ଏମ୍‌ଆର୍‌ଏଫସି) କାର୍ଯ୍ୟକ୍ରମ ଅଗ୍ରଗତିର ସ୍ଥିତି ସଂପର୍କରେ ଗ୍ରହଣ କରାଯାଇ ପଦକ୍ଷେପ ଉପରେ ଆଲୋଚନା କରିବା ସହିତ ଏମ୍‌ଜିଏମ୍‌ଆର୍‌ଇଜିଏ ଯୋଜନା କାର୍ଯ୍ୟକ୍ରମରେ ସହାରଂଚଳ ଓ ଗ୍ରାମାଂଚଳରେ ମିନିପାର୍କ ଉନ୍ନତି କରଣ, ବିଭିନ୍ନ ବିଦ୍ୟାଳୟ / ମହାବିଦ୍ୟାଳୟ କ୍ୟାମ୍ପସ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବା ପାଇଁ ପିଡିଡିଆରଡିଏ ଙ୍କୁ ପରାମର୍ଶ ଦେଇଥିବାବେଳେ ଜିଲ୍ଲାକୁ କେନ୍ଦ୍ରୀୟ ଅର୍ଥ କମିଶନ(ସିଏଫସି) ଓ ରାଜ୍ୟ ଅର୍ଥ କମିଶନ(ଏସ୍‌ଏଫସି) ଅର୍ଥ ଅନୁଦାନ ପାଣ୍ଠି ସହାୟତାରେ ପ୍ରକଳ୍ପ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ।



ଅନୁଷ୍ଠିତ ଉକ୍ତ ବୈଠକରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳାନା ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି, ରାଜ୍ୟସଭା ଏମ୍‌ପି ମୟୂରଭଞ୍ଜ ମମତା ମହାନ୍ତ, ବିଧାୟକ ମୋରଡା ରାଜକିଶୋର ଦାସ, ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ପିଡିଡିଆର୍‌ଡିଏ ସ୍ୱାଧା ଦେବ ସିଂ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ମୟୂରଭଞ୍ଜ ବିବେକାନନ୍ଦ ସାହୁ, ଉପଜିଲ୍ଲାପାଳ ବାରିପଦା ତଥା ନିର୍ବାହୀଅଧିକାରୀ ପି. ଅନ୍ୱେଷା ରେଡ୍ଡି, ଉପଜିଲ୍ଲାପାଳ କପ୍ତିପଦା (ଉଦଳା) ଭଗବାନ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ରୂପଭାନୁ ମିଶ୍ର, ପିଆରଏମ୍, ଏମସିଏଚ୍ ସୁପରିନ୍ଟେଣ୍ଡେଣ୍ଟ ପ୍ରଫେସର ଡା. ରମାରଞ୍ଜନ ମହାନ୍ତି ପ୍ରମୁଖ ସମେତ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଏସ୍‌ଡିସି ଚେୟାରମ୍ୟାନ୍ ଡା. ଦେବାଶିଷ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଫେସିଲେସନ୍ କେନ୍ଦ୍ରଗୃହରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତିରାଜ ଓ ପାନୀୟଜଳ ବୀଭାଗ ମନ୍ତ୍ରୀ ଶ୍ରୀ ଜେନା ଯୋଗଦେଇ ଜିଲ୍ଲାରେ ଜଟିଳ ତଥା ଗୁରୁତ୍ୱର କୋଭିଡ୍ ସଂକ୍ରମିତ ବ୍ୟକ୍ତିଙ୍କ ପ୍ଲାଜମା ଥେରାପି ଚିକିତ୍ସା ପାଇଁ କୋଭିଡ୍ ସୁସ୍ଥ ବ୍ୟକ୍ତି ୧୮ ରୁ ୬୦ ବର୍ଷ ଯୋଗ୍ୟ ବ୍ୟକ୍ତି ମାନଙ୍କ ଠାରୁ ଜିଲ୍ଲାପ୍ରସାଶନ ତତ୍ତ୍ୱାବଧାନରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ଲାଜମା ସଂଗ୍ରହ କରାଯିବା କାର୍ଯ୍ୟକ୍ରମ ସଂପର୍କରେ ସୂଚାଇଥିଲେ। ରାଜ୍ୟରେ ପ୍ଲାଜମା ଥେରାପି ଚିକିତ୍ସାର ସଫଳତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ଚିକିତ୍ସାକୁ ବିଶେଷ ଗୁରୁତ୍ୱ ଦେଇଥିବା ଉଲ୍ଲେଖ କରିବା ସହ ଏହାଦ୍ୱାରା ରୋଗୀଙ୍କୁ ମୃତ୍ୟୁ ମୁଖରୁ ରକ୍ଷା କରାଯାଇ ପାରିବ ବୋଲି ପ୍ରକାଶ କରିଥିଲେ। ଏ ଦିଗରେ କୋଭିଡ୍ ସୁସ୍ଥ୍ୟ ବ୍ୟକ୍ତି ମାନଙ୍କୁ ପ୍ଲାଜମା ଦାନ ପାଇଁ ପ୍ରତ୍ସାହିତ କରିବା ପାଇଁ କାର୍ଯ୍ୟକ୍ରମକୁ ଜିଲ୍ଲାରେ ଗଣମାଧ୍ୟମ ଜରିଆରେ ସଚେତନତା ସୃଷ୍ଟି କରିବା ପାଇଁ ସହଯୋଗ କାମନା କରିଥିଲେ। ତତ୍‌ପରେ ମନ୍ତ୍ରୀ ଶ୍ରୀ ଜେନା ବାମନଘାଟି ରାଇରଙ୍ଗପୁର ଉପଖଣ୍ଡ ଗସ୍ତରେ ଯାଇ ଅପରାହ୍ନରେ ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ସଂପୃକ୍ତ ଉପଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନଙ୍କ ସହିତ କୋଭିଡ୍ ପରିଚଳନା ଏବଂ ପ୍ଲାଜମା ଦାନ ଓ ସଂଗ୍ରହ ସଂପର୍କରେ ସମୀକ୍ଷାମୂଳକ ଆଲୋଚନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବେକାବୁ କରୋନା ...

କରିବା ସହିତ ଲକଡାଉନ୍, ସଟ୍‌ଡାଉନ୍ ଭଳି ନୀତି ଅବଲମ୍ବନ କରିଆସୁଛନ୍ତି। ହେଲେ କେଉଁଥିପାଇଁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଛି ସେ ନେଇ କୌଣସି ଠୋସ୍ ଖବର ଜଣାପଡିନାହିଁ। ଏଭଳି ଧାରା ଜାରି ରହିଲେ ଜୀବିକାକୁ ନେଇ ଚିନ୍ତିତ ହୋଇପଡିଥିବା ଲୋକ କିଭଳି ବଞ୍ଚିବେ ତାକୁ ନେଇ ଆଶଙ୍କା ସୃଷ୍ଟି ହେଲାଣି। ଅନ୍ୟପକ୍ଷରେ କରୋନା ଭ୍ୟାକ୍ସିନ୍‌କୁ ନେଇ ବିଭିନ୍ନ ତଥ୍ୟ ପ୍ରକାଶ ପାଉଥିଲେ ବି ସାଧାରଣ ଲୋକଙ୍କ ନିକଟରେ ଏହା କେବେ ଉପଲବ୍ଧ ହୋଇପାରିବ ତାହା ସ୍ପଷ୍ଟ କରିନାହାନ୍ତି ସରକାର। ତେଣୁ ବେକାବୁ କରୋନା ବେଳେ ଜୀବିକା ଓ ଜୀବନ ଉଭୟର ସୁରକ୍ଷା ଚିନ୍ତା କରାନଗଲେ ପରିସ୍ଥିତ ଅଣାୟତ ହୋଇପଡିବାର ଆଙ୍କା ଦେଖାଦେଇଛି।

### ‘ଉପଯୁକ୍ତ ଚିକିତ୍ସା ...

ସ୍ଥାନରେ କ୍ୟାମ୍ପ୍ ପକାଇ ଟେଷ୍ଟିଂ କରାଯାଉଥିଲା। ଏବେ ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟେଷ୍ଟିଂ ସୁବିଧା କରାଯିବ। ସଂକ୍ରମିତ ଚିହ୍ନଟ ହେଲେ ଯଥାଶୀଘ୍ର ସେମାନଙ୍କୁ କିଭଳି ହସ୍ପିଟାଲ କିମ୍ବା କୋଭିଡ୍ କେୟାର ସେଣ୍ଟରରେ ପହଞ୍ଚାଯିବ ସେଥିଲାଗି ପଦକ୍ଷେପ ନିଆଯାଇଛି। କରୋନା ରୋଗୀଙ୍କୁ ନେବା ଆଣିବା ପାଇଁ ପୂର୍ବରୁ ୧୪ଟି ଗାଡ଼ିର ବ୍ୟବସ୍ଥା ହୋଇଥିଲା। ଏବେ ଏହି ଗାଡ଼ି ସଂଖ୍ୟା ୨୪କୁ ବୃଦ୍ଧି କରାଯାଇଛି। ସରକାରଙ୍କ ପକ୍ଷରୁ ବିଭିନ୍ନ କୋଭିଡ୍ ହସ୍ପିଟାଲ୍, ହୋମ୍ କେୟାର ସେଣ୍ଟର, କମ୍ୟୁନିଟି କେୟର ସେଣ୍ଟର ଏବଂ ହୋମ୍ ଆଇସୋଲେସନ୍‌ର ବ୍ୟବସ୍ଥା କରାଯାଇଛି। ଏବେ ଆବାସିକ କଲ୍ୟାଣ ସଂଘ ବିଏମ୍‌ସି ସହିତ ସହଯୋଗ କରି ୪ଟି କୋଭିଡ୍ କେୟାର ସେଣ୍ଟର ଖୋଲିଛନ୍ତି। ଆଗକୁ ଆହୁରି ଖୋଲାଯିବ। ଲୋକଙ୍କ ଅଧିକ ଟେଷ୍ଟିଂ ଦ୍ୱାରା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସୁସ୍ଥ କରିପାରିବା। ତାହେଲେ ଜାଣିବ କରୋନା ମୁକାବିଲାରେ ସଫଳ ହେବା। ତେଣୁ ଲୋକମାନେ ଟେଷ୍ଟିଂ କରିବା ଲାଗି ଆଗେଇ ଆସନ୍ତୁ ବୋଲି ସେ କହିଛନ୍ତି।

### ଘୁଞ୍ଚିଲା ...

ଜଳ ବିବାଦର ସମସ୍ତ ନଥିପତ୍ର ଓ ତଥ୍ୟକୁ ଗୋଟିଏ ସାଧାରଣ ଫର୍ମାଟରେ ପଞ୍ଜିକୃତ କରାଯିବ ବୋଲି ଟ୍ରିବ୍ୟୁନାଲ କହିଛନ୍ତି। ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୧୧ ତାରିଖରେ ଟ୍ରିବ୍ୟୁନାଲରେ ଏନେଇ ଶୁଣାଣୀ ହୋଇଥିଲେ କୌଣସି ନିଷ୍କର୍ସ ବାହାରିପାରି ନଥିଲା। ଶୁଣାଣି ବେଳେ ଓଡ଼ିଶା ପକ୍ଷରୁ ଦାଖଲ କରାଯାଇଥିବା ମୂଳ ମାମଲାରେ ଇସ୍ୟୁ ଫ୍ରେମ୍ କରିବା ପାଇଁ ଦୁଇ ରାଜ୍ୟମାନଙ୍କ ମଧ୍ୟରେ ସହମତି ହୋଇ ନପାରିବାରୁ ଟ୍ରିବ୍ୟୁନାଲ ଦ୍ୱାରା ପ୍ରସଙ୍ଗ ଗୁଡ଼ିକର ନିର୍ଦ୍ଧାରଣ କରାଯାଇଥିଲା। ଗତମାସରେ ପ୍ରଥମ ଥର ପାଇଁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ହୋଇଥିବା ଏହି ଶୁଣାଣିରେ ୩୬ଟି ପ୍ରସଙ୍ଗକୁ ନିର୍ଦ୍ଧାରଣ କରାଯାଇଥିଲା। ସେଥିମଧ୍ୟରୁ ୨୩ଟି ପ୍ରସଙ୍ଗ ଓଡ଼ିଶା ପକ୍ଷରୁ ଦାଖଲ କରାଯାଇଥିବା ବେଳେ ୧୩ଟି ଛତିଶଗଡ଼ ପକ୍ଷରୁ ଦାଖଲ ହୋଇଥିଲା।

### ପ୍ରଶିକ୍ଷଣ ନେବେ...

ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଷୟଭିତ୍ତିକ ଫର୍ମାଲ ଏବଂ ନନ୍ ଫର୍ମାଲ ଟିଚିଂ ପଦ୍ଧତି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବା ସହ, ସ୍କୁଲ ପରିଚାଳନା, କମ୍ପ୍ୟୁଟର, ସ୍କୁଲ ପରିଚାଳନା ସମ୍ପର୍କରେ ସମସ୍ତ ପ୍ରଶିକ୍ଷଣ ଦିଆଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରର ପ୍ରଶିକ୍ଷକମାନେ ସାମିଲ ହେବାର ବ୍ୟବସ୍ଥା ମଧ୍ୟ ରହିଛି। ବିଶେଷକରି ସବୁ ଶିକ୍ଷକ ଯେପରି ସବୁ ବିଷୟର ଶିକ୍ଷାଦାନ ଦେବାରେ ଦକ୍ଷ ହୋଇପାରିବେ ସେ ନେଇ ମଧ୍ୟ ଏହି ଯୋଜନାରେ ଗୁରୁତ୍ୱ ଦିଆଯିବ। କେବଳ ସରକାରୀ ସ୍କୁଲର ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପ୍ରଧାନଶିକ୍ଷକମାନେ ଏହି ଯୋଜନାରେ ସାମିଲ ହୋଇପାରିବେ। ଏହି ଯୋଜନା ସମ୍ପର୍କରେ ବିଭାଗର ଜଣେ ଅଧିକାରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଚଳିତବର୍ଷ ମାର୍ଚ୍ଚରୁ ଜୁନ ମଧ୍ୟରେ ଏହି ପ୍ରଶିକ୍ଷଣ ପ୍ରଦାନ କରାଯାଇଥାନ୍ତା। ମାତ୍ର କରୋନା ଲାଗି ଲକ୍‌ଡାଉନ୍ ଏବଂ ସଟଡାଉନ୍ ହେଉଥିବାରୁ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ସ୍ଥଗିତ ରଖାଯାଇଛି। ଅନଲାଇନ୍ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ଆଗକୁ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରଶିକ୍ଷଣରେ ମଧ୍ୟ ଅନ୍‌ଲାଇନ୍ ଶିକ୍ଷାଦାନ ଉପରେ ଶିକ୍ଷକଙ୍କୁ ଟ୍ରେଣ୍ଡ କରାଯିବ। ରାଜ୍ୟର ୧୭ଟି ଜିଲ୍ଲା ଶିକ୍ଷା ମଣ୍ଡଳରେ ଆରମ୍ଭ ହେବାକୁ ଥିବା ଏହି ପ୍ରଶିକ୍ଷଣ ପାଇଁ ଶିକ୍ଷକ, ଶିକ୍ଷୟତ୍ରୀ ଏବଂ ପ୍ରଧାନଶିକ୍ଷକଙ୍କ ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣରେ ୬୦ପ୍ରତିଶତ ପ୍ରଧାନଶିକ୍ଷକଙ୍କୁ ସାମିଲ କରାଯାଇଥିବା ବେଳେ ୪୦ପ୍ରତିଶତ ବିଜ୍ଞାନ ଏବଂ ଗଣିତ ଶିକ୍ଷକଙ୍କୁ ସାମିଲ କରାଯିବ। ତେବେ ପ୍ରଶିକ୍ଷଣ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଗିରୀଶ ମୁର୍ମୁ ...

ସଦସ୍ୟମାନେ ଉପସ୍ଥିତ ଥିଲେ। ଜମ୍ମୁ-କଶ୍ମୀର ଲେଫ୍ଟନାଣ୍ଟ ଗଭର୍ଣ୍ଣର ପଦରୁ ଇସ୍ତଫା ଦେବା ପରେ ଗିରୀଶଙ୍କୁ ସିଏଜି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରାଯାଇଛି। ୧୯୮୫ ବ୍ୟାଚ୍ ଗୁଜରାଟ କ୍ୟାଡର୍ ଆଇଏଏସ୍ ଅଧିକାରୀ ମୁର୍ମୁ ବୁଧବାର ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ପଦରୁ ଇସ୍ତଫା ଦେଇଥିଲେ। ମୋଦୀ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବା ବେଳେ ଗିରୀଶ ଚନ୍ଦ୍ର ମୁର୍ମୁ ତାଙ୍କର ପ୍ରଧାନ ସଚିବ ଭାବେ କାମ କରିଥିଲେ। କେନ୍ଦ୍ରର ଅର୍ଥ ବିଭାଗରେ ମଧ୍ୟ ସେ ଦକ୍ଷତାର ସହ କାମ କରିଥିଲେ। ସେ ଗତ ବର୍ଷ ନଭେମ୍ବରରେ ଅବସର ଗ୍ରହଣ କରିବା ପରେ ତାଙ୍କୁ ଜମ୍ମୁ-କଶ୍ମୀରର ଉପ ରାଜ୍ୟପାଳ ଭାବେ ନିଯୁକ୍ତ କରାଯାଇଥିଲା। ଶ୍ରୀ ମୁର୍ମୁଙ୍କ ଘର ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ। ପୂର୍ବତନ ସିଏଜି ରାଜୀବ ମହର୍ଷିଙ୍କ କାର୍ଯ୍ୟକାଳ ଆଜି ଶେଷ ହୋଇଛି। ସିଏଜି ଏକ ସାମ୍ବିଧାନିକ ପଦବୀ ହୋଇଥିବାରୁ ଏହା କୌଣସି କ୍ଷେତ୍ରରେ ଖାଲି ରହିବ ନାହିଁ। ତେଣୁ କେନ୍ଦ୍ର ସରକାର ଏହି ପଦରେ ଶ୍ରୀ ମୁର୍ମୁଙ୍କୁ ନିଯୁକ୍ତ କରିବାକୁ ଉଚିତ ମଣିଥିଲେ। ଶ୍ରୀ ମୁର୍ମୁ ଜମ୍ମୁ-କଶ୍ମୀର ଉପ ରାଜ୍ୟପାଳ ପଦରୁ ଇସ୍ତଫା ଦେବା ପରେ ତାଙ୍କ ସ୍ଥାନରେ ମନୋଜ ସିହ୍ନାଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିଛନ୍ତି।

### କାହିଁକି ...

ସମ୍ପର୍କରେ ସୂଚନା ମିଳିଛି ସେମାନେ ହେଲେ ଡିସିପି ୧୦୭, ୧୦୯ ଓ ୧୧୦ ସିଆରପିସି କୋର୍ଟର ଅରୁପ କୁମାର ଦାସ ଓ ଲାଇସେନ୍ସିଂ ସେକ୍ସନର ଦୁଇଜଣ। ଦୀର୍ଘବର୍ଷ ଧରି ଏହି କନଷ୍ଟେବଲମାନେ ଏଠାରେ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ କୌଣସି ପୋଲିସ ଅଧିକାରୀ ବଦଳି କରୁନାହାନ୍ତି। ଯାହାକି ପୋଲିସ ନିୟମର ବ୍ୟତିକ୍ରମ ବୋଲି ଜଣାପଡେ। ପୋଲିସ ମାନୁଆଲ ଅନୁସାରେ ଜଣେ କନଷ୍ଟେବଲ ଗୋଟିଏ ସ୍ଥାନରେ ତିନିବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରିଥିଲେ ତାଙ୍କର ବଦଳି ହେବା ସୁନିଶ୍ଚିତ। କିନ୍ତୁ ଭୁବନେଶ୍ୱର ଡିସିପି ଅଫିସରେ ଏକାଧିକ କନଷ୍ଟେବଲ ତିନିବର୍ଷରୁ ଉର୍ଦ୍ଧ୍ୱ କାର୍ଯ୍ୟ କରୁଥିଲେ ବି ସେମାନଙ୍କ ପାଇଁ କିଛି ନିୟମ ଥିଲା ଭଳି ଜଣାପଡୁନାହିଁ। ଲୋକଙ୍କ କହିବା କଥା ସାଧାରଣ ଲୋକଙ୍କ କ୍ଷେତ୍ରରେ କିଛି ବେଆଇନ କାର୍ଯ୍ୟ କରାଗଲେ ତୁରନ୍ତ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ହେଲେ ନିଜ ବିଭାଗର ତ୍ରୁଟି ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ କାହିଁକି ବୋଲି ଆନେକ ପ୍ରଶ୍ନ କରୁଛନ୍ତି। ଖବର ଅନୁସାରେ ଡିସିପି ଅଫିସ୍‌ରେ କାଳେ ଲୋକସେବା ଭବନ ଭଳି ବଦଳି ନିୟମ କାର୍ଯ୍ୟକାରୀ ହେଉଛି। ଗୋଟିଏ ସେକ୍ସନରୁ ଆଉ ଗୋଟିଏ ସେକ୍ସନକୁ ବଦଳି କରାଯାଇ ଜଣକୁ ସେହି ନିର୍ଦ୍ଦିଷ୍ଟ ଅଫିସ୍ ଭିତରେ ରଖାଯାଉଛି। ଚର୍ଚ୍ଚା ହେଉଛି, କନଷ୍ଟେବଲଙ୍କୁ କେଉଁ ଉଚ୍ଚ ଅଧିକାରୀ ଏତେ ଅନୁକମ୍ପା ଦେଖାଉଛନ୍ତି ଯେ, ସେମାନେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇପାରୁ ନାହାନ୍ତି।

### ଚର୍ଚ୍ଚାରେ ...

ଶ୍ରୀ ଷଡଙ୍ଗୀଙ୍କ ଭୂମିକା ରହିଛି ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଯାହାକୁ ଏଡାଇ ଦିଆଯାଇ ନପାରେ। ଏଥିସହ କିଛି ଆଖିଦୃଶିଆ ବଡ ପ୍ରକଳ୍ପ ବାଲେଶ୍ୱର ଆସିବାକୁ ଅନାଇ ବସିଛନ୍ତି ବାଲେଶ୍ୱରବାସୀ। ବିଶେଷ କରି ବୃହତ୍ତ କଳ କାରଖାନା, ରସଗୋବନ୍ଦପୁର, ଏୟାର ଷ୍ଟ୍ରିପ୍, ବିଭିନ୍ନ ମାଛ ଉତ୍ପାଦନ କାରି / ବିକ୍ରୟ / ପେକେଜିଙ୍ଗ, ବହୁ ପ୍ରତିକ୍ଷୀତ ନୀଳଗିରିର ପଥର ମୂର୍ତ୍ତି ଶିଳ୍ପ ଯାହାକୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ କିଛି ଚର୍ଚ୍ଚା ଶୁଣିବାକୁ ମିଳୁଛି। ତେବେ ବାଲେଶ୍ୱର ସଂସଦୀୟ କ୍ଷେତ୍ରରୁ ସାଂସଦ ଭାବେ ନିର୍ବାଚିତ ହୋଇ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଥିବା ଏହି ତିନି ବରିଷ୍ଠ ନେତାଙ୍କୁ ନେଇ ବିଭିନ୍ନ ମହଲରେ ଭିନ୍ନ ଭିନ୍ନ ସମୟରେ ଚର୍ଚ୍ଚା ଶୁଣିବାକୁ ମିଳୁଥିବା ବେଳେ, ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀଙ୍କର ବାଲେଶ୍ୱର ପାଇଁ କ’ଣ ରହିବ ସ୍ୱତନ୍ତ୍ର ଅବଦାନ ଏହାକୁ ନେଇ ରହିଛି ବାଲେଶ୍ୱର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଶ୍ରୀ ଷଡଙ୍ଗୀଙ୍କ ପାଇଁ ଏକ ବଡ ଆହ୍ୱାନ। ବାଲେଶ୍ୱର ସଦରର ବିଜେପିର ବିଧାୟକ ମଦନ ମୋହନ ଦତ୍ତଙ୍କ ଅକାଳ ବିୟୋଗରେ ଏଠାରେ ନିର୍ବାଚନ ହେବ। ସାଂସଦ ନିଜର ପ୍ରାର୍ଥୀଙ୍କୁ ବିଧାୟକ ଭାବେ ପୁଣିଥରେ ଜିତାଇବାକୁ ଚେଷ୍ଟା କରିବେ। ଏହା ତାଙ୍କ ପାଇଁ ଏକ ଅଗ୍ନିପରୀକ୍ଷା ସଦୃଶ ହେବ। ଯଦି ସେ ଜିତାଇ ପାରିବେ ତେବେ ତାଙ୍କ କଣ୍ଟ୍ରୋଲରେ ସଦର ବାଲେଶ୍ୱରର ବିକାଶ କରିପାରିବେ ବୋଲି ବହୁ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ଦେଖାଯାଉ ମୋଦିଙ୍କ ଶାସନ କାଳରେ ଆଗାମୀ ଦିନରେ ବାଲେଶ୍ୱରର କିଭଳି ବିକାଶ ହେଉଛି।

# ୟୁରିଆ ସାରର ବ୍ୟାପକ କଳାବଜାର

**ବରଗଡ଼ :** ସାରା ଓଡ଼ିଶାରେ ଏବେ ବ୍ୟାପକ ମାତ୍ରାରେ ୟୁରିଆ ସାର କଳା ବଜାର ଚାଲିଛି। ଅସାଧୁ ବେପାରୀମାନେ ହଜାର ହଜାର କ୍ୱିଣ୍ଟାଲ ସାର ଗଚ୍ଛିତ ରଖି ସାର ବସ୍ତା ପ୍ରତି ୪୫୦ ଟଙ୍କା ରୁ ୫ ଶହ ଟଙ୍କା ପର୍ଯ୍ୟନ୍ତ ଚାଷୀ ମାନଙ୍କୁ କଳା ବଜାରରେ ବିକ୍ରି କରୁଛନ୍ତି। ଚାଷ କାର୍ଯ୍ୟ ପାଇଁ ବିଶେଷ କରି ଧାନ ଚାଷ କାର୍ଯ୍ୟରେ ୟୁରିଆ ସାରର ଆବଶ୍ୟକତା ଥିବାରୁ ଚାଷୀମାନେ ବସ୍ତା ପ୍ରତି ସରକାରୀ ଦର ୨୬୬ ଟଙ୍କା ୫୦ ପଇସା ହୋଇଥିବା ବେଳେ ପାଖଶପାଖି ୨ଶହ ଟଙ୍କାରୁ ଅଧିକ ଦର ଦେଇ କଳାବଜାରୀମାନଙ୍କ ଠାରୁ ସାର କିଣିବାକୁ ବାଧ୍ୟ ହେଉଛନ୍ତି। କୃଷି ବିଭାଗର ଅଧିକାରୀମାନଙ୍କ ମଧୁଚନ୍ଦ୍ରିକାରେ ଖୋଲାଖୋଲି ଭାବେ ବଜାର ମାନଙ୍କରେ ୟୁରିଆ ସାର ବସ୍ତା ପ୍ରତି ୪୫୦ ଟଙ୍କାରୁ ୫ଶହ ଟଙ୍କାରେ ଅବାଧରେ ବିକ୍ରି ଚାଲିଛି। ଲୋକ ଦେଖାଣିଆ ଭାବେ କୃଷି ଅଧିକାରୀମାନେ ନାମକୁ ମାତ୍ର କେତେକ ବ୍ୟବସାୟୀଙ୍କ ଗୋଦାମ ଘର ଯାଞ୍ଚ ଚଳାଇଛନ୍ତି। ଛତିଶଗଡ ରାଜ୍ୟରୁ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲା ବରଗଡ, ସମ୍ବଲପୁର, ଝାରସୁଗୁଡା, କଳାହାଣ୍ଡି, ନୂଆପଡା, ବଲାଙ୍ଗିର, ସୋନପୁର, ନବରଙ୍ଗପୁର ଆଦିକୁ ବ୍ୟାପକ ମାତ୍ରାରେ ୟୁରିଆ ସାର କଳାବଜାରରେ ଆସି ବିକ୍ରି ହେଉଛି। ପ୍ରତି ୟୁରିଆ ବସ୍ତାରେ ୪୫ କେଜି ସାରର ପ୍ୟାକେଟ୍ ହେଉଥିବା ବେଳେ ୪୨ କେଜି ଭର୍ତ୍ତି ୟୁରିଆ ସାର ବିକ୍ରି ହେଉଛି। କରୋନା ସମୟରେ ଚାଷୀ ବସ୍ତା ପ୍ରତି ୩ କେଜି କମ ପାଉଥିବା ବେଳେ ୨ଶହରୁ ଅଧିକ ଟଙ୍କା ଦେଇ ସର୍ବସ୍ୱାନ୍ତ ହୋଇପଡୁଛି। ସାର କିଣାବିକାରେ ଚାଷୀଙ୍କ ଠାରୁ କୋଟି କୋଟି ଟଙ୍କା ଲୁଟ ହେଉଛି। ଉପଯୁକ୍ତ ମୂଲ୍ୟରେ ଚାଷୀଙ୍କୁ ସାର ଯୋଗାଇ ଦେବା ରାଜ୍ୟ ସରକାରଙ୍କ ଦାୟିତ୍ୱ ହୋଇଥିବା ବେଳେ ରାଜ୍ୟ ସରକାର ସାର କଳାବଜାରୀମାନଙ୍କୁ ସୁରକ୍ଷା ଦେଇ ଚାଲିଛନ୍ତି ବୋଲି ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ମତପ୍ରକାଶ କରିବା ସହ ଟେଲିଫୋନ ଯୋଗେ ସାର କଳାବଜାର ରାଜ୍ୟରେ ଚାଲିଥିବା ସମ୍ପର୍କରେ ଓଡ଼ିଶା ସରକାରଙ୍କ କୃଷି ବିଭାଗ ଶାସନ ସଚିବ ଡ. ସୌରଭ ଗର୍ଗଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ଦେଇଛନ୍ତି।

# କୋଭିଡ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା, ଶପଥ ପାଠ




**ନରସିଂହପୁର :** ନରସିଂହପୁର ବ୍ଲକର ସମସ୍ତ ସାଧାରଣ ପ୍ରଶାସନ ଠାରୁ ଆରମ୍ଭ କରି ବିଭିନ୍ନ ସଂଗଠନ ପକ୍ଷରୁ କୋଭିଡ ଯୁଦ୍ଧରେ ମୃତ୍ୟୁ ବରଣ କରିଥିବା ଯୋଦ୍ଧା ମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ କ୍ରମେ କରୋନା ଭୁତାଣୁ ସଂକ୍ରମଣରୁ ଓଡିଶାବାସୀ କିପରି ସୁସ୍ଥ ରହିବେ ଏବଂ ଯୁଦ୍ଧରେ ସଫଳତା ପାଇଁ ଆବଶ୍ୟକୀୟ ସଚେତନତା ଭଳି ବିଭିନ୍ନ ବାର୍ତ୍ତା କୁ ନେଇ ବୁଧବାର ସପଥପାଠ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷିରେ ନରସିଂହପୁର ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଡିଓ ପ୍ରଶାନ୍ତ କୁମାର ତରାଇ , ଏବିଡିଓ ,ସହକାରୀ ଯନ୍ତ୍ରୀ ଦିଲ୍ଲିପ କୁମାର ବେହେରା, ଏବଂ ସମସ୍ତ ବ୍ଲକ କର୍ମକର୍ତ୍ତା ଉପସ୍ଥିତ ରହି ନୀରବ ପ୍ରାର୍ଥନା ସପଥ ଗ୍ରହଣ କରିଥିଲେ। ତହସିଲ ପରିସରରେ ତହସିଲଦାର ଆକାଶ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଲିପିକ ଜନାର୍ଦ୍ଦନ ସେନାପତି , କନିଷ୍ଠ ଲିପିକ ମନୋରଞ୍ଜନ ମହାଭୋଇ, ରାଜସ୍ୱ ନିରିକ୍ଷକ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ନୀରବ ପ୍ରାର୍ଥନା ଓ ସପଥପାଠ କରିଥିଲେ। ସେହିଭଳି ନରସିଂହପୁର ଥାନା ପରିସରରେ ଥାନା ଅଧିକାରୀ ଲିଙ୍ଗରାଜ ଲେଙ୍କାଙ୍କ ନେତୃତ୍ୱରେ ଏସଆଇ ସାବିତ୍ରୀ ଦଳେଇ , ସମ୍ବିତ କୁମାର ବେହେରା,ଏଏସଆଇ ମନମୋହନ କାଜି, ରବୀନ୍ଦ୍ରନାରାୟଣ ପାଠୀ, ପ୍ରସନ୍ନ କୁମାର ଦଳେଇ ପ୍ରମୁଖଙ୍କ ସମେତ ସମସ୍ତ ଗୃହରକ୍ଷୀ ଆଇଆରବି ଫୋର୍ସ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ। ପ୍ରାରମ୍ଭରେ ନୀରବ ପ୍ରାର୍ଥନା କରି ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ରହିଥିବା ଆଠୋଟି କୋଭିଡ ସମ୍ପର୍କିତ ସପଥ କୁ ଗ୍ରହଣ କରିଥିଲେ। ନରସିଂହପୁର ସାମ୍ବାଦିକ ସଂଘ ପକ୍ଷରୁ ପାଇକପଡା ପାଟଣା ସ୍ଥିତ ସଂଘ କାର୍ଯ୍ୟାଳୟ ପରିସରରେ ସଭାପତି ଦେବଦତ୍ତ ମଳୟ କୁମାର ବରାଳ ଙ୍କ ଅଧ୍ୟକ୍ଷତାରେ ଉପସଭାପତି କାର୍ତ୍ତିକେଶ୍ୱର ନାଥ, କାର୍ଯ୍ୟକାରୀ ସଭାପତି ପ୍ରମୋଦ ରାଉତ, ସଂପାଦକ ଭୁପେନ କୁମାର ଦାସ, ସହସଂପାଦକ ସାନ୍ତନୁ କୁମାର ଗାଆଣ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ପାଢ଼ୀ, ସଂଯୋଜକ ପ୍ରମୋଦ ଉପାଧ୍ୟେୟ,ଉପଦେଷ୍ଟା ସାମ୍ବାଦିକ ବିପିନ ବିହାରୀ ପଣ୍ଡା, ଦିଲ୍ଲିପ କୁମାର ପଣ୍ଡା, ମନମୋହନ ସାହୁ, ମେଘନାଦ ପାତ୍ର,ଅଜୟ କୁମାର ସାହୁ,ସୁବାସ ନାୟକ,ଶିବସୁନ୍ଦର ଦାସ,ାଜୟ କୁମାର ପଣ୍ଡା,ଶୁସାନ୍ତ କୁମାର ବାଇ,ରଘୁନାଥ ସ୍ୱାଇଁ,ଗଣେଷ ସାହୁ ,ଲକ୍ଷେରାଜ ବେହେରା ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ରହି କୋଭିଡ ଯୋଦ୍ଧାଙ୍କ ତ୍ୟାଗ ନିଷ୍ଠା ଓ ଉତ୍ସର୍ଗିକୃତ ବଳୀଦାନ କୁ ସ୍ୱାଗତ ଜଣାଇ ଯୋଦ୍ଧାମାନଙ୍କୁ ଉତ୍ସାହିତ କରିବା ସହିତ ଆଗାମୀ ଦିନରେ ସଂଘ ପକ୍ଷରୁ ବିଭିନ୍ନ ଗ୍ରାମଞ୍ଚଳରେ ପହଞ୍ଚି ଏହି କରୋନାରୁ ସୁରକ୍ଷା ସଂପର୍କରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ସଂକଳ୍ପବଦ୍ଧ। କାନପୁର ଥାନା ପରିସରରେ ସସ୍ମିତା ରଣାଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସପଥପାଠ କରିବା ସହିତ ନରସିଂହପୁର ସରକାରୀ ବାଳିକା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ସୌମ୍ୟାଶ୍ରୀ ପଣ୍ଡା, ସ୍କୁଲର ଛାତ୍ରୀ ମାନଙ୍କୁ ଆଜିର ଦିନରେ କରୋନା ଯୋଦ୍ଧାମାନଙ୍କୁ ସମ୍ମାନ ଦେଇ ନୀରବ ପ୍ରାର୍ଥନା ଓ ସପଥନେବା ପାଇଁ ଅନୁପ୍ରାଣୀତ କରାଇଥିଲେ। ସେହିପରି ବିଭିନ୍ନ ପଞ୍ଚାୟତ ଓ ବଜାର, ଗ୍ରାମ ଗୁଡିକରେ କରୋନା ଯୋଦ୍ଧାମାନଙ୍କୁ ସମ୍ମାନ ଜଣାଇ ନୀରବ ପ୍ରାର୍ଥନା ସହିତ ସପଥପାଠ ଗ୍ରହଣ କରିଛନ୍ତି।

# ଆଶୁତୋଷ ସେନଗୁପ୍ତା ସ୍ମାରକ ଦାତବ୍ୟ ଟ୍ରଷ୍ଟ୍ ପକ୍ଷରୁ ସହାୟତା ପ୍ରଦାନ




**ଜଗତସିଂହପୁର,(ସୁଶାନ୍ତ କୁମାର ରାଉତ) :** ଆଶୁତୋଷ ସେନଗୁପ୍ତା ସ୍ମାରକ ଦାତବ୍ୟ ଟ୍ରଷ୍ଟ୍ ପକ୍ଷରୁ ମଧ୍ୟାହ୍ନରେ କୋଶଳସ୍ଥିତ ପଟୁଆରି ନିରାଶ୍ରମର ଅନ୍ତେବାସୀମାନଙ୍କୁ ବସ୍ତ୍ର, ମାସ୍କ ଓ ଫଳ ବଣ୍ଟନ କରାଯିବା ସହିତ ନିରାଶ୍ରମର କର୍ତ୍ତୃପକ୍ଷଙ୍କୁ ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ପ୍ରାକ୍ତନ ପ୍ରଧାନ ଶିକ୍ଷକ ସ୍ୱର୍ଗତଃ ଲକ୍ଷ୍ମିକାନ୍ତ ସେନ୍‌ଙ୍କ ସୁପୁତ୍ର ଡା. ଭାସ୍ୱତ କାନ୍ତି ସେନ୍‌ଗୁପ୍ତା, ପୁତ୍ରବଧୂ ଡା. ଆଦିତୀ ବିଷ୍ଣୁଙ୍କର ଏକମାତ୍ର ପୁତ୍ର ଆଶୁତୋଷଙ୍କର ମସ୍ତିଷ୍କ କର୍କଟ ରୋଗରେ ଅକାଳ ବିୟୋଗ ପରେ ତାଙ୍କ ସ୍ମୃତିରେ ଗଠିତ ଏହି ଟ୍ରଷ୍ଟ୍ ତରଫରୁ ଉକ୍ତ ନିରାଶ୍ରମରେ ଥିବା ସମସ୍ତ ଅସହାୟ ବୃଦ୍ଧ ବୃଦ୍ଧାଙ୍କ ପାଇଁ ୧୦ହଜାର ଟଙ୍କା ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ସମାଜର ବିଭିନ୍ନ ନିରାଶ୍ରୟ ତଥା ଅଭାବି ବର୍ଗର ଲୋକମାନଙ୍କ ଉନ୍ନତି ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଏହି ଟ୍ରଷ୍ଟ୍ ର ପ୍ରତିଷ୍ଠାତା ଡା. ଭାସ୍ୱତ କାନ୍ତି ସେନ୍‌ଗୁପ୍ତା ଜଣାଇଛନ୍ତି।



# ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ପରମହଂସ

**ସ୍ୱର୍ଣ୍ଣପ୍ରଭା ବାରିକ୍**

ନିରାକାର ପରଂବ୍ରହ୍ମ ରୂପାୟ ଜ୍ଞାନହାରିଣେ,
ଆତ୍ମଜ୍ଞାନ ପ୍ରଦାନେନ ତସ୍ମୈ ଶ୍ରୀ ଗୁରବେ ନମଃ ॥
॥ ଜୟଗୁରୁ ଜୟଗୁରୁ ଜୟଗୁରୁ ॥

ପୂଣ୍ୟଭୂମି ଭାରତବର୍ଷ ଭଗବାନଙ୍କ ଅନନ୍ତ କରୁଣାରେ ଚିର ପବିତ୍ର ହୋଇ ଯୁଗ, ଯୁଗ ଧରି ଶୋଭାପାଉଛି। ଭାରତର ଜ୍ଞାନ, ବିଜ୍ଞାନ, କାବ୍ୟ, ଦର୍ଶନ, ପୁରାଣ ସଂହିତା ପୃଥିବୀକୁ ଏପର୍ଯ୍ୟନ୍ତ ମଧ୍ୟ ଶିକ୍ଷା ପ୍ରଦାନ କରୁଅଛି। ଭାରତର ବାୟୁରେ ସତ୍ୟ



ଅଛି, ଧୂଳିରେ ଧର୍ମ ଅଛି, ମାଟିରେ ପ୍ରେମର ସ୍ୱାଦ ଅଛି, ଜଳରେ କରୁଣାର ପ୍ଲାବନ ଅଛି ଭାରତ ତଥା ବିଶ୍ୱଭୂମିରେ ସତ୍ୟ, ଧର୍ମ, ନ୍ୟାୟ, ଶାନ୍ତି, ପ୍ରେମ ଓ ଅହିଂସାର ମନ୍ତ୍ର ବହନ କରି ବିଶ୍ୱରେ ମାନବ ଜାତିକୁ ଦିଗ୍‌ଦର୍ଶନ ଦେଇ ବିଶ୍ୱରେ ଧର୍ମର ପ୍ରଚାର କରିବା ବା ସନାତନ ଧର୍ମକୁ ରକ୍ଷା କରିବା ନିମିତ୍ତ ଯେଉଁ କେତେଜଣ ମହାପୁରୁଷ ଜଗତକୁ ଆସିଛନ୍ତି ତନ୍ମଧ୍ୟରୁ ଆମ୍ଭର ଠାକୁର ଅନ୍ୟତମ। ଭାରତବର୍ଷ ଧର୍ମର ଦେଶ। ଦେବର୍ଷି, ମହର୍ଷି ଓ ବ୍ରହ୍ମର୍ଷିମାନଙ୍କର କ୍ଷେତ୍ର, ମୁମୁକ୍ଷ ଜ୍ଞାନୀ ଓ ଭକ୍ତଙ୍କର ପୂଣ୍ୟ ସାଧନ ଭୂମି। ନୀତିଧର୍ମ ହିଁ ଭାରତର ପ୍ରାଣ। ବଙ୍ଗଦେଶର ନଦୀୟା ଜିଲ୍ଲାର କୁତବପୁର ଗ୍ରାମରେ ୧୨୮୬ ସାଲ ଝୁଲଣ ପୂର୍ଣ୍ଣିମା ତିଥିରେ ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଭୂବନମୋହନ ଭଟ୍ଟାଚାର୍ଯ୍ୟ ଓ ମାତାଙ୍କ ନାମ ମାଣିକ ସୁନ୍ଦରୀ ଦେବି। ତାଙ୍କ ପୂର୍ବାଶ୍ରମର ନାମ ନଳିନୀକାନ୍ତ। ଶ୍ରୀ ଶ୍ରୀ ଠାକୁରଙ୍କ ମାତା ଥିଲେ ଦେବଦ୍ୱିଜଭକ୍ତି ପରାୟଣା ପର ହିତବ୍ରତା ସାକ୍ଷାତ ଦେବୀ ପ୍ରତିମା ପରି ସେ ବିରାଜିତ ଥିଲେ। ବାଲ୍ୟ କାଳରୁ ସିଦ୍ଧିଲାଭ ପର୍ଯ୍ୟନ୍ତ ତାଙ୍କ ଜୀବନରେ ନାରୀମାନଙ୍କର କିଭଳି ପ୍ରଭାବ ଥିଲା ଓ ସେ ମହାଶକ୍ତିଙ୍କୁ କିପରି ଭାବରେ ଲାଭ କରିପାରିଥିଲେ ତାଙ୍କ ଜୀବନ ଚରିତ ମଧ୍ୟରୁ ଜଣାପଡେ। ଅତି ଛୋଟ ବେଳୁ ଶ୍ରୀ ଶ୍ରୀ ଠାକୁରଙ୍କ ମାତୃବିୟୋଗ ହୋଇପାରୁଥିବାରୁ ସେ ମାମୁଁ ଘର ରାଧାକାନ୍ତପୁର ଠାରେ ବିଦ୍ୟାଧ୍ୟୟନ ଶେଷ କରି ସୁଧାଂଶୁବାଳା ନାମ୍ନୀ ପରମାସୁନ୍ଦରୀ କନ୍ୟାଙ୍କର ପାଣିଗ୍ରହଣ କଲେ। ବିବାହ ପରେ ସ୍ତ୍ରୀଙ୍କୁ ପିତାଙ୍କ ସେବା ନିମିତ୍ତ ଗୃହରେ ରଖାଇଦେଲେ ଓ ଦିନାଜପୁର ଠାରେ ଜମିଦାରଙ୍କ ଅଧୀନରେ ଚାକିରୀ କଲେ। ଏହି ଜମିଦାରଙ୍କ ନାରାୟଣପୁରର କଚେରୀରେ କାର୍ଯ୍ୟ କରୁଥିବା ବେଳେ ଦିନେ ହଠାତ୍ ତାଙ୍କ ସ୍ତ୍ରୀ ସୁଧାଂଶୁବାଳାଙ୍କର ଛାୟାମୂର୍ତ୍ତି ଦର୍ଶନକରି ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ। ତତ୍‌ପରେ ସମ୍ବାଦ ପାଇଲେ ଯେ, ସ୍ତ୍ରୀ ଅସୁସ୍ଥ। ଏହାର କିଛି ଦିନ ପରେ ସେ କୁତବପୁର ଯାଇ ଜାଣିଲେ ଯେ, ଯେଉଁଦିନ ଯେଉଁ ସମୟରେ ସେ ସ୍ତ୍ରୀଙ୍କର ଛାୟାମୂର୍ତ୍ତି ଦର୍ଶନ କରିଥିଲେ, ତାହାର ଚାରିଦଣ୍ଡ ପୂର୍ବରୁ ସୁଧାଂଶୁବାଳାଙ୍କର ମୃତ୍ୟୁ ହୋଇଛି। ନଳିନୀକାନ୍ତ ବାଲ୍ୟକାଳରୁ ନାସ୍ତିକ ଭାବାପନ୍ନ ଥିଲେ। ସ୍ତ୍ରୀ ବିୟୋଗ ପୂର୍ବରୁ ଏବଂ ପରେ ସ୍ତ୍ରୀଙ୍କର ଛାୟାମୂର୍ତ୍ତି ଦର୍ଶନ କରି ପରକାଳ ତତ୍ତ୍ୱ ଜାଣିବା ନିମିତ୍ତ ତାଙ୍କର ପ୍ରବଳ ପିପାସା ଜାଗ୍ରତ ହେଲା। ତତ୍‌ପରେ ସେ ମାନ୍ଦ୍ରାଜ ଗମନ କରି ସେଠାରେ ଥିଓସଫି ସମ୍ପ୍ରଦାୟରେ ମିଶି ଆତ୍ମା ଓ ପରକାଳ ସମ୍ବନ୍ଧରେ ବିଶେଷ ଜ୍ଞାନଅର୍ଜନ କଲେ ମଧ୍ୟ ସ୍ତ୍ରୀଙ୍କର ଚକ୍ଷୁଷ ଦର୍ଶନ ନପାଇବାରୁ ସେଥିରେ ତାଙ୍କର ତୃପ୍ତିଲାଭ ହେଲାନାହିଁ। ଏହିପରି ଅବସ୍ଥାରେ ଦିନେ ସେ ସ୍ୱପ୍ନରେ ମନ୍ତ୍ରଲାଭ କଲେ। ସେ ଏହି ମନ୍ତ୍ରର ସାଧନକୌଶଳ ଜାଣିବା ନିମିତ୍ତ ତତ୍‌କାଳୀନ ସିଦ୍ଧପୁରୁଷ ମହାତାନ୍ତ୍ରୀକ ସାଧୁ ବାମାକ୍ଷେପାଙ୍କ ନିକଟକୁ ଗମନ କଲେ। ଏହି ମହାପୁରୁଷଙ୍କ କୃପାରୁ ସେ ଭଗବତୀଙ୍କ ସାକ୍ଷାତ ଦର୍ଶନ ଲାଭ କରି ତାଙ୍କ ଠାରୁ ବିଶେଷ ତତ୍ତ୍ୱ ଜ୍ଞାନ ପ୍ରାପ୍ତ ହେଲେ। କିନ୍ତୁ ସେ ମୂର୍ତ୍ତିଙ୍କୁ କେବଳ ଦର୍ଶନ ଓ ତାଙ୍କ ସହିତ ଆଲୋଚନା କରିବା ବ୍ୟତୀତ ସ୍ପର୍ଶ କରିବାର କ୍ଷମତା ନଥିବାରୁ ତାଙ୍କର ସେଥିରେ ତୃପ୍ତିଲାଭ ହେଲାନାହିଁ। ତେଣୁ ସେ ଗୁରୁ ବାମାକ୍ଷେପାଙ୍କ ଆଦେଶରେ ଜ୍ଞାନୀଗୁରୁ ଅନ୍ୱେଷଣ ନିମିତ୍ତ ବହିର୍ଗତ ହେଲେ। ରାଜସ୍ଥାନର ଆଜମେର ଠାରେ ଅବସ୍ଥିତ ସାବିତ୍ରୀ ପାହାଡରେ ତେଜସ୍ୱୀ ସନ୍ୟାସୀ ସଚ୍ଚିଦାନନ୍ଦ ସରସ୍ୱତୀଙ୍କୁ ଗୁରୁପଦରେ ବରଣ କରି ବେଦବେଦାନ୍ତର ସମସ୍ତ ତତ୍ତ୍ୱ ଅବଗତ ହେଲେ। ବ୍ରହ୍ମଙ୍କୁ ନିଜ ଅନ୍ତର ମଧ୍ୟରେ ଦର୍ଶନ କରିବା ଇଚ୍ଛା ବଳବତୀ ହେବାରୁ ସଚ୍ଚିଦାନନ୍ଦ ସରସ୍ୱତୀଙ୍କ ଆଦେଶ ଅନୁସାରେ ଯୋଗୀଗୁରୁ ଅନ୍ୱେଷଣ କରି ସୁମେରୁ ଦାସଙ୍କ ଠାରୁ ଯୋଗଶିକ୍ଷା ଗ୍ରହଣ କରିଥିଲେ। ତନ୍ତ୍ର, ଜ୍ଞାନ ଓ ଯୋଗସିଦ୍ଧ ନଳିନୀକାନ୍ତଙ୍କୁ ସନ୍ୟାସ ପ୍ରଦାନ କରି ସଚ୍ଚିଦାନନ୍ଦ ସରସ୍ୱତୀ ନାମ ପ୍ରଦାନ କଲେ- 'ନିଗମାନନ୍ଦ'। କୁମ୍ଭମେଳାରେ ଯୋଗଦାନ କରି ଶୃଙ୍ଗେରୀ ମଠର ଶଙ୍କରାଚାର୍ଯ୍ୟଙ୍କୁ ପ୍ରଥମେ ପ୍ରଣାମ ନକରି ନିଜ ଗୁରୁ ସଚ୍ଚିଦାନନ୍ଦ ସରସ୍ୱତୀଙ୍କୁ ପ୍ରଣାମ କରିଥିବାରୁ ଶୃଙ୍ଗେରୀ ମଠାଧିଶ ତାଙ୍କୁ ପରୀକ୍ଷା କରିବା ପରେ ପରମହଂସ ଉପାଧି ପ୍ରଦାନ କରିଥିଲେ। କାମାକ୍ଷା ପାହାଡରେ ନିର୍ବିକଳ୍ପ ସମାଧିରୁ ବ୍ୟୁତ୍‌ଥିତ ସିଦ୍ଧି ଲାଭ କରିବା ପୂର୍ବକ 'ମୁଁ ଗୁରୁ' ଏହି ସ୍ୱରୂପ ଜ୍ଞାନରେ ସମାଧିରୁ ବ୍ୟୁତଥିତ ହେଲେ ଏବଂ ହିମାଳୟର ସିଦ୍ଧ ଯୋଗିନୀ ଗୌରୀ ମା'ଙ୍କ ଠାରୁ ପ୍ରେମ ସାଧନାରେ ସିଦ୍ଧ ହେବା ପରେ ତନ୍ତ୍ର, ଜ୍ଞାନ, ଯୋଗ, ପ୍ରେମରେ ପ୍ରତିଷ୍ଠିତ ହୋଇଥିଲେ। ଲୋକାଳୟକୁ ପ୍ରତ୍ୟାବର୍ତ୍ତନ କରିବାର ଆଦୌ ଆକାଂକ୍ଷା ନଥିବା ସତ୍ତ୍ୱେ ମହାମାୟା ପ୍ରେମମୟୀଙ୍କ ଅନୁରୋଧରେ ସେ ଜନସାଧାରଣ ନିକଟରେ ସଦ୍‌ଗୁରୁ ଭାବରେ ପ୍ରକଟିତ ହେଲେ ଏବଂ ଅସାମ୍ପ୍ରଦାୟିକ ଭାବରେ ସନାତନ ଧର୍ମର ପ୍ରଚାର ଓ ପ୍ରସାର କରିବା ନିମନ୍ତେ ଯୋଗୀଗୁରୁ, ତାନ୍ତ୍ରୀକ ଗୁରୁ, ଜ୍ଞାନୀ ଗୁରୁ ଏବଂ ପ୍ରେମିକ ଗୁରୁ ପ୍ରଣୀତ କରି ଜନ ସମାଜର ମଙ୍ଗଳ ନିମନ୍ତେ ସାଧନଲବ୍ଧ ତତ୍ତ୍ୱକୁ ପ୍ରକାଶିତ କଲେ। ଶ୍ରୀ ଶ୍ରୀ ଠାକୁର ଲୋକାଳୟକୁ ଆସି ଦେଖିଲେ ଯେ, ତ୍ୟାଗ ଓ ବୈରାଗ୍ୟର ବାଣୀ ସମସ୍ତଙ୍କ ନିକଟରେ ଉପେକ୍ଷିତ, ଅନାହତ, ଭୋଗର ଆପାତ ମନୋରମ ଦୃଶ୍ୟରେ ସମସ୍ତେ ବିମୁଗ୍ଧ। ସେ ଭାବିଲେ ଦେଶର ଏହି ଅବସ୍ଥାରେ ଯଦି ଜଗତକୁ ଅନିତ୍ୟ ପ୍ରତିପାଦନ କରିବା ନିମିତ୍ତ ଯୋଗର ବାଣୀ ପ୍ରଚାର କରାଯାଏ, ତେବେ କେହି ତାଙ୍କ ନିକଟକୁ ଆଶ୍ରୟଲାଭ କରିବା ପାଇଁ ଆସିବେ ନାହିଁ। ଯଦି କେହି ତାଙ୍କ ନିକଟକୁ ନଆସନ୍ତି ତେବେ ସେ କିପରି ଭାବରେ ବା ସାଧନାଲବ୍ଧ ସୁଖ ସର୍ବସାଧାରଣଙ୍କ ମଧ୍ୟରେ ପ୍ରଚାର କରିପାରିବେ ? ତେଣୁ ସେ ଗୋଟିଏ ଉପାୟ ଅବଲମ୍ବନ କଲେ, ସାଧାନାର ଅବାନ୍ତର ଫଳ ସ୍ୱରୂପ ତାଙ୍କର ଯେଉଁ ଅଲୌକିକ ଶକ୍ତି ଲାଭ ହୋଇଥିଲା, ସେହି ଶକ୍ତିକୁ ଏକ୍ଷେତ୍ରରେ ପ୍ରୟୋଗ କରିବାକୁ ସେ ମନସ୍ଥ କଲେ। ଶ୍ରୀ ଶ୍ରୀ ଠାକୁରଙ୍କ ଅଲୌକିକ ତପଶକ୍ତି ପ୍ରଭାବରେ କେତେ ନିର୍ଦ୍ଧନ ବ୍ୟକ୍ତି ଧନର ସନ୍ଧାନ ପାଇଲେ। କେତେ ନିଃସନ୍ତାନ ସନ୍ତାନ ଲାଭ କଲେ। କେତେ ଜଟିଳ ରୋଗ ପୀଡିତ ବ୍ୟକ୍ତି ରୋଗମୁକ୍ତ ହେଲେ, ତାହାର ସଂଖ୍ୟା ରହିଲା ନାହିଁ। ଏହିପରି ଭାବରେ ଶ୍ରୀ ଶ୍ରୀ ଠାକୁର କାମକଳୁଷିତ ଚିତ୍ତ ଜନସାଧାରଣଙ୍କର ଅତ୍ୟଧିକ ଐହିକ ସୁଖଲାଭର ଇଚ୍ଛା ପ୍ରତ୍ୟକ୍ଷ କଲେ। ନିତ୍ୟ ବସ୍ତୁର ପ୍ରସଙ୍ଗ ଉ□ାପନ କରିବା ନିମିତ୍ତ କାହାରିକୁ ଅବସର ସୁଦ୍ଧା ମିଳିଲା ନାହିଁ। ଏହି ସମୟରେ ଦିନେ ତାଙ୍କର ଗୁରୁ ସୁମେରୁ ଦାସଜୀ ଆବିର୍ଭୁତ ହୋଇ କହିଲେ "ମୁଁ ତୋତେ ସନାତନ ଧର୍ମ ପ୍ରଚାର, ସତ୍‌ଶିକ୍ଷାର ବିସ୍ତାର ଓ ଜୀବସେବା କରିବା ନିମିତ୍ତ ବିଶେଷ ଭାବରେ ଭାର ଅର୍ପଣ କଲି। ତୁ ଅବିଦ୍ୟା ବିତରଣ କରି ସେମାନଙ୍କ ବନ୍ଧନକୁ ଆହୁରି ଦୃଢ଼ କରିବାରେ ସାହାଯ୍ୟ କରୁଅଛୁ, ଯୋଗୈଶ୍ୱର୍ଯ୍ୟ ସମ୍ବରଣ କର ଏବଂ ଏସବୁ ଅବାନ୍ତର ବିଭୂତି ପରିତ୍ୟାଗ କରି ଯୋଗଶକ୍ତି ପ୍ରଭାବରେ କାମ କଳୁଷିତ ମୋହାଚ୍ଛନ୍ନ ଜୀବମାନଙ୍କର ଅଜ୍ଞାନ ଦୂର କରିଦେ। କୌଣସି ଶକ୍ତିର ବିନାଶ ନକରି, ସ୍ତୁତି ନିନ୍ଦାକୁ ଅପେକ୍ଷା ନରଖି ବ୍ରହ୍ମଭାବରେ ଅନୁପ୍ରାଣିତ ହୋଇ ଜନ-ସାଧାରଣରେ ଜ୍ଞାନ ବିତରଣ କର। ପରବର୍ତ୍ତି ସମୟରେ, ଗୃହୀ ଶିଷ୍ୟମାନେ ଆଦର୍ଶ ଗୃହସ୍ଥ ଜୀବନ ଯାପନ କରି ସନ୍ୟାସୀମାନଙ୍କ ପରି ସିଦ୍ଧିଲାଭ କରିବାକୁ ତାଙ୍କର ନିର୍ଦ୍ଦେଶ ଅସଂଖ୍ୟ ଗୃହିମାନଙ୍କୁ ତାଙ୍କ ନିକଟକୁ ଆକୃଷ୍ଟ କରିଥିଲା। ଗୃହୀ ଓ ସନ୍ୟାସୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ଓ ଆଦର୍ଶ ଗୃହସ୍ଥ ଜୀବନର ମନ୍ତ୍ର ପ୍ରତ୍ୟେକଙ୍କ ମଧ୍ୟରେ ଭାବର ଉଜ୍ଜିବୀତ କରିବା ନିମନ୍ତେ ସେ ଭକ୍ତ ସମ୍ମିଳନୀର ପ୍ରଚଳନ କଲେ। ଜୀବନର ଶେଷ ସମୟ ପ୍ରାୟ ଚଉଦବର୍ଷ ସେ ପୁରୀର ନୀଳାଚଳ କୁଟୀରରେ ଆତ୍ମମଗ୍ନ ଅବସ୍ଥାରେ ଦିନ କଟାଉଥିଲେ। ଏହି ସୁବର୍ଣ୍ଣ ସମୟରେ ଅନେକ ଉତ୍କଳୀୟ ତାଙ୍କର ଶିଷ୍ୟତ୍ୱ ବରଣ କରିଥିଲେ। ୧୯୩୪ ମସିହା ଝୁଲଣ ପୂର୍ଣ୍ଣିମା ତାଙ୍କ ଜନ୍ମତିଥି



ଅବସରରେ ଉତ୍କଳୀୟ ଭକ୍ତ ଶିଷ୍ୟଙ୍କ ନିମନ୍ତେ ନୀଳାଚଳ ସାରସ୍ୱତ ସଂଘ ପ୍ରତିଷ୍ଠା କରି ତାଙ୍କ ଭାବଧାରାକୁ ଉତ୍କଳରେ ପ୍ରଚଳନ କରିବା ନିମନ୍ତେ ନିର୍ଦ୍ଦେଶ ପ୍ରଦାନ କରିଥିଲେ।

'ତୁମେମାନେ ନିତ୍ୟ ମୁକ୍ତ। ମୁଁ ତୁମମାନଙ୍କୁ ଆବରଣଯୁକ୍ତ କରି ନିତ୍ୟ ଧାମରୁ ଆକର୍ଷଣ କରିପାରିଛି। ତୁମମାନଙ୍କର ନିଜର ମୁକ୍ତି ନିମିତ୍ତ କୌଣସି ଭାବନା ନାହିଁ। ଜଗତର ମଙ୍ଗଳସାଧନ ନିମିତ୍ତ ତୁମମାନଙ୍କର ଅବତରଣ ତୁମମାନଙ୍କର କୌଣସି ବନ୍ଧନ ନାହିଁ ବୋଲି ତୁମମାନଙ୍କ ଉପରେ ମୁଁ ଏତେ କର୍ମର ବୋଝ ଲଦି ଦେଉଛି।" ଗୃହସ୍ଥମାନଙ୍କୁ ସଂଯମତା, ସତ୍ୟପରାୟଣତା ଓ ନ୍ୟାୟବାନ ହୋଇ ଆଦର୍ଶ ଗୃହସ୍ଥ ଜୀବନଯାପନ କରିବାରେ ସହାୟକ ହେବା ଶ୍ରୀ ଶ୍ରୀ ଠାକୁରଙ୍କୁ ମୂଳରେ ପ୍ରତିଷ୍ଠା କରି ତାଙ୍କୁ ସ୍ମରଣ, ମନନ, ଧ୍ୟାନ, ଜପ, ଭଜନ କୀର୍ତ୍ତନ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ଭକ୍ତମାନେ ଏକତ୍ରିତ ହୋଇ ତାଙ୍କୁ ହିଁ ସମବେତ ପ୍ରାର୍ଥନା କରିଥାନ୍ତି। ଭକ୍ତ ଶିଷ୍ୟଙ୍କ ମଧ୍ୟରେ ପ୍ରେମ, ସ୍ନେହ, ଶ୍ରଦ୍ଧା ନିମନ୍ତେ ସଂଘ ଶକ୍ତିର ପ୍ରତିଷ୍ଠା, ଭଗବତ୍ ଗୁଣମାହାତ୍ମ୍ୟ ଶ୍ରବଣ ଓ କୀର୍ତ୍ତନ ହେଉଛି କଳିଯୁଗର ଧର୍ମ, ସତ୍ୟ ଯୁଗରେ ଧ୍ୟାନ ଧାରଣା ଦ୍ୱାରା ସମସ୍ତେ ସିଦ୍ଧିଲାଭ କରୁଥିଲେ। କିନ୍ତୁ କଳି ଯୁଗରେ ଦୁର୍ବଳ ଅଧିକାରୀମାନଙ୍କର ସେ ଶକ୍ତି ନାହିଁ। ସୁତରାଂ ଇଷ୍ଟ, ଗୁରୁ ଓ ଭଗବାନଙ୍କ ଗୁଣ ମାହାତ୍ମ୍ୟ ଶ୍ରବଣ କୀର୍ତ୍ତନ ହିଁ କଳିଯୁଗର ଯୁଗଧର୍ମ। ଯେଉଁଠାରେ ଭକ୍ତମାନଙ୍କ ପ୍ରାଣରେ ତାଙ୍କର ଆବିର୍ଭାବର ଅନୁଭୂତି ଜାଗ୍ରତ କରାଇ ଦିଅନ୍ତି, ଶ୍ରୀ ଶ୍ରୀ ଠାକୁରଙ୍କ ଭକ୍ତ ମାତ୍ରକେ ତାଙ୍କର ଆବିର୍ଭାବ କାମନା କରୁଥିବାରୁ ତାଙ୍କ ଗୁଣକୀର୍ତ୍ତନ ଏବଂ ତାଙ୍କ ମାହାତ୍ମ୍ୟ-ଶ୍ରବଣ ହିଁ ଆମ ସମସ୍ତଙ୍କର ମୁଖ୍ୟ ସାଧନା ଶ୍ରୀ ଶ୍ରୀ ଠାକୁରଙ୍କ ଇଚ୍ଛାକୁ ରୂପ ଦେବା ନିମିତ୍ତ ତାଙ୍କ ଭକ୍ତମାନଙ୍କ ପ୍ରାଣ ଯେତେବେଳେ ବ୍ୟାକୁଳ ହୋଇ ଉଠିବ, ଶ୍ରୀ ଗୁରୁଦେବଙ୍କ ବ୍ୟକ୍ତ ଓ ଅବ୍ୟକ୍ତ ଇଚ୍ଛାକୁ ରୂପଦେବା ନିମିତ୍ତ ଶିଷ୍ୟ-ଭକ୍ତମାନଙ୍କ ପ୍ରାଣରେ ଯେଉଁଦିନ ଆକୁଳ ଉନ୍ମାଦନା ଦେଖାଦେବ ସେହିଦିନ ଶ୍ରୀ ଗୁରୁଦେବଙ୍କ ସହିତ ଶିଷ୍ୟ-ଭକ୍ତମାନଙ୍କର ପ୍ରକୃତ ପ୍ରେମସମ୍ବନ୍ଧ ସ୍ଥାପିତ ହେବ। ମାୟାମୋହି ବନ୍ଧନରୁ ଯେ ମୁକ୍ତି ପ୍ରଦାନ କରନ୍ତି, ତାଙ୍କ ପାଦପଦ୍ମରେ ଅନନ୍ତକୋଟି ପ୍ରଣାମ।

*ସଦ୍‌ଗୁରୁଂ ଶରଣଂ ଗଚ୍ଛାମି,*
*ସଂଘଂ ଶରଣଂ ଗଚ୍ଛାମି,*
*ଧର୍ମଂ ଶରଣଂ ଗଚ୍ଛାମି ॥*

*ଶ୍ରୀ ଶ୍ରୀ ଠାକୁରଙ୍କ ଚରଣାଶ୍ରୀତା*

## ପିଆଇବି ପକ୍ଷରୁ 'ଆତ୍ମନିର୍ଭର ଭାରତ ଗଠନରେ ଏମଏସଏମଇ' ଶୀର୍ଷକ ୱେବିନାର

# ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପକୁ ସାକାର କରିବ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର

**ଭୁବନେଶ୍ୱର, (ପିଆଇବି):** ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ସଂକଳ୍ପକୁ ସାକାର କରିବା ଲାଗି ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିବେ। ମାତ୍ର ଅମଲାତନ୍ତ୍ର ଓ ଆର୍ଥିକ ପ୍ରତିଷ୍ଠାନଗୁଡିକର ସହଯୋଗ ଓ ଉଦ୍ୟୋଗୀମାନଙ୍କୁ ଏ ଦିଗରେ ଆକୃଷ୍ଟ କରାଯିବାର ଆବଶ୍ୟକତା ରହିଛି। ଫଳରେ ଏହି କ୍ଷେତ୍ର ଭାରତୀୟ ଅର୍ଥବ୍ୟବସ୍ଥାର ପ୍ରମୁଖ ଶକ୍ତି ତଥା ଆଧାର ହୋଇପାରିବ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତବ୍ୟକ୍ତ କରିଛନ୍ତି। ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ଆଜି (୦୫.୦୮.୨୦୨୦) "ଆତ୍ମନିର୍ଭର ଭାରତ ଗଠନରେ ଏମଏସଏମଇ" ଶୀର୍ଷକ ୱେବିନାରରେ ଅଂଶଗ୍ରହଣ କରି ସେମାନେ ଏହି ମତ ବ୍ୟକ୍ତ କରିଛନ୍ତି।

ପିଆଇବି ମୁଖ୍ୟାଳୟର ମହାନିର୍ଦ୍ଦେଶକ ତଥା କେନ୍ଦ୍ର ଅର୍ଥ ଓ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ଶ୍ରୀ ରାଜେଶ ମାଲହୋତ୍ରା ଏବଂ ଅତିରିକ୍ତ ମହାନିର୍ଦ୍ଦେଶକ ଶୈଳେଶ କୁମାର ମାଲବ୍ୟ ୱେବିନାରର ଆଭିମୁଖ୍ୟ ଓ ଏମଏସଏମଇକୁ ତ୍ୱରାନ୍ୱିତ କରିବାରେ କେନ୍ଦ୍ର ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଥିଲେ। ଶ୍ରୀ ମାଲହୋତ୍ରା ଏହି ଅବସରରେ କହିଥିଲେ ଯେ ଭାରତୀୟ ଅର୍ଥବ୍ୟବସ୍ଥାର ପୁନରୁଦ୍ଧାର ଲାଗି ମେ ୧୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆତ୍ମନିର୍ଭର ଭାରତ ପ୍ୟାକେଜ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରଣ ମେ ୧୩ରୁ ୧୭ ତାରିଖ ମଧ୍ୟରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ୫ଟି ପର୍ଯ୍ୟାୟରେ ଆତ୍ମନିର୍ଭର ଭାରତ ପ୍ୟାକେଜ ବିସ୍ତୃତ ବିବରଣୀ ପ୍ରଦାନ କରିସାରିଛନ୍ତି। ଏହି ପ୍ୟାକେଜ ଅନ୍ତର୍ଗତ ପ୍ରଥମ ପର୍ଯ୍ୟାୟରେ ଏମଏସଏମଇ କ୍ଷେତ୍ର ଲାଗି ବିଶେଷ ଆର୍ଥିକ ସହାୟତାର ବ୍ୟବସ୍ଥା କରାଯାଇଛି। ଏହା ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହିତ ଉତ୍ପାଦନ ଓ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ। ଓଡ଼ିଶାରେ



ଅଗଷ୍ଟ ୩, ୨୦୨୦ ସୁଦ୍ଧା ୧୦୦% ଏମର୍ଜେନ୍ସି କ୍ରେଡିଟ ଲାଇନ ଗ୍ୟାରେଂଟି ଯୋଜନା ଜରିଆରେ ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକ ୨୧୦୫ କୋଟି ଟଙ୍କାର ଋଣ ସହାୟତା ମଞ୍ଜୁର କରିଥିବା ବେଳେ ଏଥିମଧ୍ୟରୁ ୧୪୬୨ କୋଟି ଟଙ୍କା ରାଜ୍ୟର ବିଭିନ୍ନ ଏମଏସଏମଇ ଉଦ୍ୟୋଗଗୁଡ଼ିକୁ ବଂଟନ କରାଯାଇସାରିଛି ବୋଲି ଶ୍ରୀ ମାଲହୋତ୍ରା କହିଥିଲେ। ଏଥିରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଅଧୀନ ଏମଏସଏମଇ ବିକାଶ ସଂସ୍ଥାନର ନିର୍ଦ୍ଦେଶକ ଡ. ସୁକାନ୍ତ କୁମାର ସାହୁ କହିଲେ ଯେ, ଆତ୍ମନିର୍ଭର ଭାରତ ପ୍ୟାକେଜର ଏକ ପ୍ରଧାନ ଅଂଶ ଭାବେ ଏମଏସଏମଇ ଘୋଷଣା କରାଯାଇଥିବା ଆର୍ଥିକ ସହାୟତା ଖୁବ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ ୩ ଲକ୍ଷ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ମାତ୍ର ଏଦିଗରେ ଗତିଶୀଳତା ଏପର୍ଯ୍ୟନ୍ତ ଉତ୍ସାହଜନକ ହୋଇପାରିନାହିଁ। ରାଜ୍ୟସ୍ତରୀୟ ବ୍ୟାଙ୍କିଙ୍ଗ କମିଟି ବୈଠକରେ ଏଦିଗରେ ଅନେକ ଆଲୋଚନା ହୋଇଛି। ବ୍ୟାଙ୍କିଙ୍ଗ ସଂସ୍ଥା ଅଧିକ ସକ୍ରିୟ ଭୂମିକା ଗ୍ରହଣ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏମଏସଏମଇ କ୍ଷେତ୍ରରେ ଆଗ୍ରହୀ ଉଦ୍ୟୋଗୀମାନେ ଏହାର ପୋର୍ଟାଲ ଅନୁସରଣ କରି ଓ ଆବଶ୍ୟକସ୍ଥଳେ ଏହାର କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ଉତ୍କଳ ଶିଳ୍ପ ବଣିକ ସଂଘ ଉପ-ସଭାପତି ଶ୍ରୀ ଅଶୋକ କୁମାର ସାରଦା ୱେବିନାରରେ ଅଂଶଗ୍ରହଣ କରି କହିଲେ ଯେ, କୋଭିଡ-୧୯ ଯୋଗୁଁ ସମଗ୍ର ବିଶ୍ୱ ଏକ ସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତି ମଧ୍ୟରେ ଆର୍ଥିକ ଦୁଃସ୍ଥିତି ଆଡକୁ ମୁହାଁଇଛି। ଏହି ପରିପ୍ରେକ୍ଷୀରେ ଏମଏସଏମଇକୁ ତ୍ୱରାନ୍ୱିତ କରିବା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ଆର୍ଥିକ ପ୍ରତିଷ୍ଠାନଗୁଡିକର ଉଦାସୀନତା ମୁଖ୍ୟ ଅନ୍ତରାୟ ହେଉଛି। ଏମଏସଏମଇ ସଫଳତାର ଶତକଡା ୯୫ ଭାଗ ଅଣୁ ଉଦ୍ୟୋଗ ଉପରେ ନିର୍ଭରଶୀଳ ହେଉଥିବାରୁ ପ୍ରଧାନମନ୍ତ୍ରୀ ଜନ-ଧନ ଯୋଜନା ଭଳି ପ୍ରତ୍ୟକ୍ଷ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ସାମ୍ବାଦିକ ତଥା ଅର୍ଥନୈତିକ ସ୍ତମ୍ଭକାର ନାଗେଶ୍ୱର ପଟ୍ଟନାୟକ କୁଶଳୀ ଶ୍ରମିକଙ୍କ ଭୂମିକା ଓ ବଜାର ଉପଲବ୍ଧତା ଉପରେ ଅଧିକ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟ ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସରୋଜ କୁମାର ହୋତା ପରାମର୍ଶ ଦେଇ କହିଥିଲେ ଯେ ଆଶାୟୀ ଉଦ୍ୟୋଗୀମାନେ ଯେକୌଣସି ସମସ୍ୟାର ସମ୍ମୁଖିନ ହେଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ସହାୟତା ନେଇପାରିବେ। ପିଆଇବି ଭୁବନେଶ୍ୱର କାର୍ଯ୍ୟାଳୟର ଗଣ ଯୋଗାଯୋଗ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଓ ସହାୟକ ଅଧିକାରୀ ସ୍ୱାଧିନ ଶକ୍ତିପ୍ରସାଦ ୱେବିନାର ସଂଯୋଜନା କରିଥିଲେ। ଏହି ୱେବିନାରରେ ପିଆଇବି ସମେତ ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟ (ଆରଓବି), ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଏହାବ୍ୟତୀତ ବହୁ ଏମଏସଏମଇ ଉଦ୍ୟୋଗୀ, ଅର୍ଥନୀତି ବିଶେଷଜ୍ଞ ଓ ବୁଦ୍ଧିଜୀବୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ।



# ମାଗିବିନି କି ଦେଲେ ଛାଡିବିନି : ତାରାପ୍ରସାଦ

## ଅନ୍ତରଙ୍ଗ ଆଳାପ



*ଓଡ଼ିଶା ବିଧାନସଭାରେ ପ୍ରସଙ୍ଗ ଭିତ୍ତିକ ତଥ୍ୟ ଉପସ୍ଥାପନା ହେଉ ଅବା ଦୁର୍ନୀତିର ଭିତିରିକଥା ସବୁକୁ ସଠିକ ଭାବେ ଉପସ୍ଥାପିତ କରି ରାଜ୍ୟ ସରକାରଙ୍କୁ ହରତଘଣାରେ ପକାଉଥିବା ନେତା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବିଧାୟକ ହେଉଛନ୍ତି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି। ରାଜ୍ୟ ରାଜନୀତିରେ ସେ ଧୂରୀଣ, ବିଚକ୍ଷଣ ଓ କଂଗ୍ରେସର ଜଣେ ଆଗଧାଡିର ବିଧାୟକ ଭାବେ ଜଣାଶୁଣା। ବିରୋଧୀ ଦଳରେ ଥାଇ ସେ ସର୍ବଦା ସାଧାରଣ ଲୋକଙ୍କ ସ୍ୱାର୍ଥ ଓ ରାଜ୍ୟ ସ୍ୱାର୍ଥ ପାଇଁ ଲଢ଼େଇ କରୁଛନ୍ତି। ତାଙ୍କର କାର୍ଯ୍ୟଧାରା ରାଜନୈତିକ ପୃଷ୍ଠଭୂମିରେ ବେଶ ଉଲ୍ଲେଖଯୋଗ୍ୟ। କୋରାପୁଟ ଓ ଜୟପୁର ବିଧାନସଭା ଆସନରୁ ସେ ଚାରିଥର ବିଧାୟକ ଭାବେ ନିର୍ବାଚିତ ହେବା ସହିତ ବିଧାନସଭାରେ ବିରୋଧୀ ଦଳର ଉପ ମୁଖ୍ୟ ସଚେତକ ଭାବେ ଦାୟିତ୍ୱ ନିର୍ବାହ କରିବା ସହ ପ୍ରଦେଶ କଂଗ୍ରେସ କମିଟିର ଉପ-ସଭାପତି ପଦରେ ମଧ୍ୟ ରହିଥିଲେ। ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ସର୍ବଦା ଶ୍ରୀ ବାହିନୀପତି ସମର୍ପିତ। ଓଡ଼ିଶାରେ ଦୀର୍ଘବର୍ଷ ହେବ ଯଦିଓ କଂଗ୍ରେସ ଦଳ ରାଜ୍ୟ ଶାସନ କ୍ଷମତା ଠାରୁ ଦୂରରେ ଅଛି, ତଥାପି ଶ୍ରୀ ବାହିନୀପତି ନିଜ ନିର୍ବାଚନ ମଣ୍ଡଳୀରେ ନିଜର ଲୋକପ୍ରିୟତା ଓ ଦକ୍ଷତା ପାଇଁ ବାରମ୍ବାର ନିର୍ବାଚନ ଜିଣି ଆସୁଛନ୍ତି। ସୂଚନାଯୋଗ୍ୟ, ଜୟପୁର ବିଧାନସଭା ଆସନରେ ଶ୍ରୀ ବାହିନୀପତିଙ୍କ ପ୍ରତିପକ୍ଷ ଭାବେ ବିଜୁ ଜନତା ଦଳର ଜଣେ ଟାଣୁଆ ନେତା ତଥା ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ନିର୍ବାଚନରେ ପରାଜିତ କରି ଭୋଟରଙ୍କ ନିକଟରେ ନିଜ ଲୋକପ୍ରିୟତାର ପ୍ରମାଣ ଦେଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ରାଜନୀତି ପାଇଁ ବେଶ ଜଟିଳ ହୋଇଥିଲା ବେଳେ ଶ୍ରୀ ବାହିନୀପତି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ କରିବାରେ ସକ୍ଷମ ହୋଇ ପାରନ୍ତି। ରାଜନୀତି ସହିତ ସଙ୍ଗୀତ, ନାଟକ ଓ କ୍ରୀଡା କ୍ଷେତ୍ରରେ ମଧ୍ୟ ତାଙ୍କର ଉଲ୍ଲେଖଯୋଗ୍ୟ ଅବଦାନ ରହିଛି। ତାଙ୍କ ଭଳି ଜଣେ ତୁଙ୍ଗ ରାଜନେତାଙ୍କ ସହ ଏ ସପ୍ତାହର ଅନ୍ତରଙ୍ଗ ଆଳାପ।*

**ସାକ୍ଷାତକାର : ତାରକ ମହାନ୍ତି**

**ସମ୍ପ୍ରତି ଦେଶରେ ଭାରତୀୟ ଜନତା ପାର୍ଟି ଓ ଓଡ଼ିଶାରେ ବିଜୁ ଜନତା ଦଳ ଯେଭଳି ସୁଦୃଢ଼ ଅଛନ୍ତି, ଏଭଳି ପରିସ୍ଥିତିରେ କଂଗ୍ରେସର ଆଉ ଭବିଷ୍ୟତ ଅଛି ବୋଲି କହିହେବ କି ?**

ଭାରତରେ ଯେତେ ରାଜନୈତିକ ଦଳ ଥିଲେ ବି କଂଗ୍ରେସର ଇତିହାସ ଓ ଐତିହ୍ୟ ଅତି ପୁରୁଣା। ତେଣୁ ବିଜେପି ହେଉ କି ଅନ୍ୟ ଯେକୌଣସି ଦଳ କଂଗ୍ରେସ ସମକକ୍ଷ ନୁହନ୍ତି। ଆଉ କଂଗ୍ରେସର ଭବିଷ୍ୟତକୁ ନେଇ ଯେଉଁ ପ୍ରଶ୍ନ କରିଛନ୍ତି, ମୁଁ କହିବି ଏହାର ଭବିଷ୍ୟତ ଉଜ୍ଜ୍ୱଳ। ତେଣୁ କଂଗ୍ରେସ ରାଜନୀତିର ଶେଷ ନାହିଁ। ଯେତେଦିନ ପର୍ଯ୍ୟନ୍ତ ଧରାପୃଷ୍ଠରେ ସୂର୍ଯ୍ୟ-ଚନ୍ଦ୍ର ଅଛନ୍ତି ସେତେଦିନ ପର୍ଯ୍ୟନ୍ତ ଦେଶରେ କଂଗ୍ରେସ ଅଛି ଓ ରହିବ, ଏହା ନିଃସନ୍ଦେହ।

**ରାଜ୍ୟରେ କଂଗ୍ରେସ ଏବେ ଯେଉଁ ସ୍ଥିତିରେ ଅଛି, ଆପଣ କହିବେ କି ଓଡ଼ିଶା ରାଜନୀତିରେ କଂଗ୍ରେସ ପୁଣି ଶାସନ କ୍ଷମତାକୁ ଫେରିପାରିବ ?**

କଂଗ୍ରେସ ଦୁର୍ବଳ ନଥିଲା କି ନୁହେଁ। ତେବେ ଅତୀତରେ କଂଗ୍ରେସ ନେତୃତ୍ୱ ଯେଭଳି ସୁଦୃଢ଼ ଥିଲା ସେଥିରେ ହୁଏତ କିଛି ବ୍ୟତିକ୍ରମ ଦେଖାଯାଉଛି। ଲୋକ ଆମ ସହ ଥିଲେ ବି ଆମେ ସେମାନଙ୍କ ନିକଟର ପୂର୍ବଭଳି ନିଜକୁ ଉପସ୍ଥାପିତ କରି ନପାରିବାରୁ ଅନ୍ୟ ରାଜନୈତିକ ଦଳ ଆମ ଭୋଟକୁ ବିଭାଜିତ କରିବାରେ ସକ୍ଷମ ହେଉଛନ୍ତି। ଦଳ ଭିତରେ ଆଗ ପରି ଏକତା ରହିଲେ ଓଡ଼ିଶାରେ କଂଗ୍ରେସ ନିଶ୍ଚୟ ସୁଦୃଢ଼ ହୋଇପାରିବା ସହ ଶାସନ କ୍ଷମତାକୁ ଫେରିପାରିବ।

**ତେବେ ଆପଣ କଣ ଭାବୁଛନ୍ତି ରାଜ୍ୟରେ କଂଗ୍ରେସ ବିଜୁ ଜନତା ଦଳ ଓ ଭାରତୀୟ ଜନତା ପାର୍ଟି ପାଇଁ ଦବିଯିବା ସହ ଭୋଟରେ ପରାଜୟର ସାମ୍ନା କରୁଛି ?**

ନା, କଂଗ୍ରେସ କାହା ପାଇଁ ଦବିନି। ଯାହା ଦବିଛି ନିଜ ଦଳର ନେତାଙ୍କ ପାଇଁ ଏହା ଘଟିଛି। ସବୁବେଳେ ଗୋଷ୍ଠୀ କନ୍ଦଳ ହିଁ ଓଡ଼ିଶାରେ କଂଗ୍ରେସର ସ୍ଥିତିକୁ ଦୁର୍ବଳ କରିଦେଇଛି। ଏଥିରୁ ନମୁକୁଳିଲେ ନିର୍ବାଚନରେ ବିଜୟ ହେବା ସହଜ ନୁହେଁ। ତେଣୁ ଯେତେଦିନ ପର୍ଯ୍ୟନ୍ତ ଦଳ ଭିତରେ ସନ୍ତୁଳନ ଫେରିଆସିନି ସେତଦିନ ଏଭଳି ଧାରା ଜାରି ରହିବ। ତେଣୁ ବର୍ତ୍ତମାନ ସମୟ ଆସିଛି ଦଳକୁ ଦୃଢ଼ ନେତୃତ୍ୱ ଦେଇ ଆଗାମୀ ଦିନରେ ରାଜ୍ୟବାସୀଙ୍କ ବିଶ୍ୱାସ ଜିତିବା। ମୋର ଦୃଢ଼ ବିଶ୍ୱାସ ଅଛି, ଆଗାମୀ ଦିନରେ ନିଶ୍ଚୟ ସେ ସୁଦିନ ଆସିବ।

**ଭୋଟରଙ୍କ ଉପରେ ଆପଣଙ୍କ ଦୃଢ଼ ବିଶ୍ୱାସ ଥିଲେ ବି ଯେବେଠାରୁ ରାଜ୍ୟରେ ବିଜୁ ଜନତା ଦଳ ଶାସନ କ୍ଷମତାରେ ରହିଛି, ସେବେଠାରୁ ଓଡ଼ିଶାରେ କଂଗ୍ରେସ କ୍ଷମତା ଠାରୁ ଧୀରେ ଧୀରେ ଦୂରେଇ ଗଲାଣି। ତେଣୁ ଏହାର କାରଣ କ'ଣ ?**

କ୍ଷମତା ଓ ରାଜନୀତିର ପରିଭାଷା ଏବେ ବଦଳି ଗଲାଣି। ଅନ୍ୟ ରାଜନୈତିକ ଦଳମାନେ ଏବେ ନିର୍ବାଚନରେ ସ୍ୱଚ୍ଛତା ଅବଲମ୍ବନ କରୁନାହାନ୍ତି। ଅର୍ଥ ବଳ, ବାହୁ ବଳ ଜରିଆରେ ଲୋକଙ୍କ ଉପରେ ପ୍ରଭାବ ବିସ୍ତାର କରି ଭୋଟ ହାସଲରେ ଲାଗି ପଡିଛନ୍ତି। କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି କଂଗ୍ରେସ ଭୋଟ ହାତେଇବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ବି କରୁଛନ୍ତି। କଂଗ୍ରେସ ସର୍ବଦା ଜନମତକୁ ସମ୍ମାନ ଦେଇଆସିଛି। ତେଣୁ ଜନତା ହେଲେ ଜନାର୍ଦ୍ଦନ। ସେମାନେ ଯାହାକୁ ଭୋଟ ଦେବେ ସେ ଦଳ ଜିତିବ। ତେଣୁ ଏତିକି କହିବି, ଜୋ ଜିତା ଓ ସିକନ୍ଦର। ସେଥିପାଇଁ ୨୨ ବର୍ଷ ହେଲା କଂଗ୍ରେସ ଆଶାନୁରୂପ ସଫଳତା ପାଉନି।

**ବର୍ତ୍ତମାନ ଦେଖାଯାଉଛି ଯେ, ରାଜ୍ୟ କଂଗ୍ରେସର ନେତୃତ୍ୱ ପାଇବାକୁ ହାଇକମାଣ୍ଡ ବା ଗାନ୍ଧୀ ପରିବାର ନିକଟରେ ଯିଏ ନିଜର ପ୍ରଭାବ ଅଧିକ ଜାହିର କରୁଛି, ପଦବୀ ତାଙ୍କ ନିକଟକୁ ଆସୁଛି। ଏଥିରେ ଦଳ ପାଇଁ ସମର୍ପିତ ନେତା ଯୋଗ୍ୟତା ଥିଲେ ବି ପିସିସି ଦାୟିତ୍ୱ ପାଉନାହାନ୍ତି, ଏହା କେତେଦୂର ସତ୍ୟ ?**

ହାଇକମାଣ୍ଡ ସବୁ ଦଳରେ ଅଛନ୍ତି, କେବଳ କଂଗ୍ରେସ କାହିଁକି। ହେଲେ ଓଡ଼ିଶା କଂଗ୍ରେସରେ ଯେଉଁ ବିପର୍ଯ୍ୟୟ ଘଟୁଛି, ତାହା ମୂଳରେ ସଭାପତି ପଦ ଅପେକ୍ଷା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀକୁ ନେଇ। ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ ଭଳି ଏ କଥା। ଯିଏ ରାଜ୍ୟ ନେତୃତ୍ୱ ନେବେ, ସିଏ ଦଳକୁ ସଂଗଠିତ କରି ବରିଷ୍ଠ କନିଷ୍ଠ ନେତାଙ୍କୁ ନେଇ କିଭଳି ନିର୍ବାଚନ ଜିଣି ହେବ ସେ ରଣକୌଶଳ ପ୍ରସ୍ତୁତ ନକରି ନିଜେ କିଭଳି ସିଏମ୍ ହେବେ ଚିନ୍ତା କରାଗଲେ ଏଥିରେ ଦଳ ଜିତିବ କିଭଳି। ତେଣୁ ଏଭଳି ମାନସିକତାରେ ପରିବର୍ତ୍ତନ ନ ଆସିଲେ ବିଶେଷ କିଛି ଉନ୍ନତି ହୋଇପାରିବନାହିଁ। ଅନ୍ୟକଥାଟି ହେଉଛି, ଯାହାକୁ ଯେଉଁ ଦାୟିତ୍ୱ ମିଳୁଛି ସେଥିରେ ସମସ୍ତଙ୍କ ସହଯୋଗ ରହିବା ଦରକାର। ଯଦି ଯିଏ ଦାୟିତ୍ୱ ନେଲା ପରେ ତା ଗୋଡ ଟାଣିବା ଆରମ୍ଭ ହୋଇଯାଉଛି।

**ଓଡ଼ିଶାରେ ଯେଉଁ କେତେଜଣ କଂଗ୍ରେସ ନେତା ବାରମ୍ବାର ନିର୍ବାଚନ ଜିତିଛନ୍ତି ସେମାନଙ୍କ ମଧ୍ୟରେ ଆପଣ ଆଗରେ ଅଛନ୍ତି। ବିଜେଡି ଶାସନ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭାବମୂର୍ତ୍ତି ସତ୍ତ୍ୱେ ଆପଣ ଭୋଟରଙ୍କ ପ୍ରିୟପାତ୍ର ହେବା ଓ ନିର୍ବାଚନ ଜିତିବାର ରହସ୍ୟ କ'ଣ ?**

ପ୍ରଥମ କଥା କଂଗ୍ରେସ ମୋ ଉପରେ ଭରସା କରି ୪ଥର ଟିକଟ ଦେଇଛି ଓ ମୁଁ ନିର୍ବାଚନ ଜିତିଛି। ପ୍ରଥମ କଥା ହେଉଛି, ଜନସାଧାରଣ ଯେଉଁ ବିଶ୍ୱାସ ଓ ଭରସା ନେଇ ମୋତେ ବିଧାନସଭା ପଠାଇଛନ୍ତି ସେ ବିଶ୍ୱାସ ଓ ଭରସା ରଖିବା ମୋର ନୈତିକ ଦାୟିତ୍ୱ। ଏଥିରେ ଜାଣିଶୁଣି ମୁଁ ଅବହେଳା କରେନି। ସାଧାରଣଲୋକଙ୍କ ସବୁ ସମସ୍ୟା ବିଧାନସଭାରେ ଉପସ୍ଥାପିତ କରିଛି ଓ ସମସ୍ୟାର ସମାଧାନ ଦିଗରେ ସର୍ବଦା ଚେଷ୍ଟା କରିଆସିଛି। ଏତଦ୍‌ବ୍ୟତୀତ ରାଜ୍ୟବାସୀଙ୍କ ଅନେକ ସମସ୍ୟା ସହ ସରକାରଙ୍କ ଖଣି, ପାଣି, ଡାଳି, ମହାନଦୀ, କୋଇଲା, ଚିଟ୍‌ଫଣ୍ଡ ଠାରୁ ଆରମ୍ଭ କରି ଅନେକ ଦୁର୍ନୀତି ବିଷୟ ବିଧାନସଭାରେ ଉପସ୍ଥାପିତ କରିଛି। ରାଜ୍ୟ ସରକାର ଯେତେ ଦୁର୍ନୀତି କରିଛନ୍ତି ସବୁଥିରେ ମୁଁ ବିରୋଧ କରି ଆସିଛି। ଏ ସରକାର ତ ସବୁଥିରେ ଏକ ନମ୍ବର ବୋଲି କହୁଛି, ଦୁର୍ନୀତିରେ ବି ଏକ ନମ୍ବର ବୋଲି ମୁଁ କହୁଛି। ଭାରତବର୍ଷରେ ବିଜେଡି ସରକାର ଦୁର୍ନୀତିରେ ବି ଇତିହାସ ରଚିବ।

**ତେବେ ବର୍ତ୍ତମାନ ରାଜ୍ୟରେ ଏକ ଦୁର୍ନୀତିଗ୍ରସ୍ତ ସରକାର ଅଛି ବୋଲି ଆପଣ ସ୍ୱୀକାର କରିଛନ୍ତି ନା ବିରୋଧୀ ଦଳର ନେତା ହେତୁ ଏଭଳି କହୁଛନ୍ତି ?**

ଗଣତନ୍ତ୍ରରେ ସାଧାରଣ ଲୋକ ହେଲେ ସର୍ବେସର୍ବା। ହେଲେ ଏ ସରକାର ଗଣତନ୍ତ୍ର ଅପେକ୍ଷା ନୋଟ ବଦଳରେ ଭୋଟ ହାତେଇବା କୌଶଳ ଅବଲମ୍ବନ କରିଆସୁଛି। ଦେଶର ଅନ୍ୟ ରାଜ୍ୟ ଠାରୁ ଦୁର୍ନୀତିରେ ଓଡ଼ିଶା ଏକ ନମ୍ବର ବୋଲି ଯାହାକୁ ପଚାରିଲେ କହିବେ। ବିଭିନ୍ନ ବିଭାଗରେ କେବଳ ଦୁର୍ନୀତି ହିଁ ଦୁର୍ନୀତି ଚାଲିଛି। ମହାମାରୀ କରୋନା ସଙ୍କଟ ବେଳେ ମଧ୍ୟ ମାସ୍କ କିଣା, ସାନିଟାଇଜର, ସ୍ୱାସ୍ଥ୍ୟ ସୁରକ୍ଷା ଉପକରଣ କିଣାରେ ବ୍ୟାପକ ହରିଲୁଟ୍ ହୋଇଚାଲିଛି। କିନ୍ତୁ ସାଧାରଣ ଲୋକ ଏ କଥା ବୁଝିପାରୁନାହାନ୍ତି। ରାଜ୍ୟର ଜନତା ସରକାରଙ୍କ ଦୁର୍ନୀତି ବୁଝିବାକୁ ପ୍ରସ୍ତୁତ ନୁହନ୍ତି। ଯାହା ଆଶ୍ଚର୍ଯ୍ୟ ମୋତେ ଲାଗୁଛି।

**ରାଜ୍ୟ ସରକାର ଶାସନରେ ସ୍ୱଚ୍ଛତା ଆଣିବାକୁ ଯେଉଁ ୫-ଟି' ବ୍ୟବସ୍ଥାର ପ୍ରଚଳନ କରିଛନ୍ତି, ଏହାଦ୍ୱାରା ସାଧାରଣ ଲୋକଙ୍କର ଲାଭ ହେଉଛି ବୋଲି ଆପଣ ଭାବୁଛନ୍ତି କି ?**

୫-ଟି' ଆଦୌ ନୂଆ କଥା ନୁହେଁ। ଭାରତୀୟ ପ୍ରଶାସନିକ ସେବା ଆରମ୍ଭରୁ ହିଁ ତାଲିମର ଏହା ଏକ ଅଂଶବିଶେଷ। ଏଥିରେ କିଛି ନୂତନତା ନାହିଁ। ବରଂ ସରକାର କରିଥିବା ଦୁର୍ନୀତି ଘୋଡାଇବାକୁ ଏଭଳି ଏକ ବିଭାଗର ସୃଷ୍ଟି କରାଯାଇଛି। ଏହା ରାଜ୍ୟ ସରକାରଙ୍କ ଅନ୍ୟ ନାଟକ ଅପେକ୍ଷା ଏହା ଏକ ମହାନାଟକ। ଗ୍ରାମ ପଞ୍ଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ପରିଷଦ ସବୁଠି ପିସିକୁ ନେଇ ଗଣ୍ଡଗୋଳ। ବିଧାନସଭାରେ ମୁଖ୍ୟମନ୍ତ୍ରୀ ପିସି ବନ୍ଦ କରିବାକୁ ଘୋଷଣା କରି ପ୍ରକାରାନ୍ତରେ ଏହାକୁ ସ୍ୱୀକାର କରିଛନ୍ତି। ହେଲେ ପିସି କାରବାର ବନ୍ଦ ହୋଇଛି କି ? ବରଂ ଜିଲ୍ଲା ସ୍ତରରୁ ରାଜଧାନୀ ପର୍ଯ୍ୟନ୍ତ ୨୫% ପ୍ରତିଶତ ପିସି କାରବାର ଏବେ ୩୫%ରେ ପହଞ୍ଚିଛି। ଧନ୍ୟବାଦ ମାନ୍ୟବର ମୁଖ୍ୟମନ୍ତ୍ରୀ।

**ଦୁର୍ନୀତିକୁ ନେଇ ରାଜ୍ୟ ସରକାର ବିଭିନ୍ନ ତଦନ୍ତ କମିଶନ ବସାନ୍ତି। ହେଲେ କମିଶନ ରିପୋର୍ଟ ସାଧାରଣ ଜନତା ଜାଣିପାରନ୍ତି ନାହିଁ। ବିରୋଧୀ ଦଳର ଜଣେ ବରିଷ୍ଠ ଓ ଦକ୍ଷ ନେତା ଭାବେ ଆପଣ କହିବେ କି ଏ ରିପୋର୍ଟ କିଭଳି ?**

ବିଧି ଅନୁଯାୟୀ ଅଭିଯୋଗ ଆଧାରରେ ମୁଖ୍ୟମନ୍ତ୍ରୀ କମିଶନ ପରେ କମିଶନ ବସାନ୍ତି। ଲୋକ ଭାବନ୍ତି ସିଏମ୍ କମିଶନ ବସାଇ ଦୁର୍ନୀତିକୁ ଲୋପ କରିଦେବେ। ହେଲେ ବିଧାନସଭାରେ ଏ ସରକାରଙ୍କ ଅମଳରେ କୌଣସି କମିଶନଙ୍କ ରିପୋର୍ଟ ଉପସ୍ଥାପିତ ହୁଏନାହିଁ। ବିଧାନସଭାରେ ବାରମ୍ବାର ଏନେଇ କଂଗ୍ରେସ ପକ୍ଷରୁ ମୁଁ ସ୍ୱର ଉଠାଇଛି। ହେଲେ ଫଳ ଶୂନ୍। ଏହା ନିଶ୍ଚୟ ଦୁର୍ଭାଗ୍ୟର କଥା। ଗତ ୨୧ ବର୍ଷ ହେଲା ଏ ସରକାର ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ସୁଯୋଗ ଦେଇଚାଲିଛି।

**ବର୍ତ୍ତମାନ ମହାମାରୀ କରୋନା ରାଜ୍ୟର ସବୁ ଜିଲ୍ଲାରେ କାୟା ବିସ୍ତାର କରିଚାଲିଥିଲା ବେଳେ ସରକାରଙ୍କ କୋଭିଡ ପରିଚାଳନା ସନ୍ତୋଷଜନକ ବୋଲି ଆପଣ କହିବେ କି ?**

ରାଜ୍ୟ ସରକାର ଏବେ ଯେଉଁ ଢ଼ଙ୍ଗରେ କୋଭିଡ ପରିଚାଳନା କରୁଛନ୍ତି, ଏହା ଏକ ଭଙ୍ଗା ଦର୍ପଣ ସଦୃଶ। କୋଭିଡ୍ ସଞ୍ଚାଳନ କରୁଥିବା ସୁବ୍ରତ ବାଗଚି ଯେବେଠୁ ଲୋକଙ୍କୁ ମହାମାରୀ କରୋନା ସମ୍ପର୍କରେ କହିବା ଆରମ୍ଭ କଲେଣି ସେବେଠୁ ପୁରାଣ, ରାମାୟଣ ଚର୍ଚ୍ଚା ସହ ମୁଖ୍ୟମନ୍ତ୍ରୀଙ୍କ ସ୍ତୁତିଗାନ ଓ ନବୀନ ବାବୁଙ୍କ ନାଁ ଧରି ବହୁତ କଥା କହୁଛନ୍ତି। ପ୍ରଚାରସର୍ବସ୍ୱ କୋଭିଡ ପରିଚାଳନା ଆରମ୍ଭରୁ ଥାଳି ମାଡ, ତାଳି ମାଡ ଓ ଗୀତ ବୋଲାରେ ଚାଲିଛି। କେନ୍ଦ୍ର-ରାଜ୍ୟ ମିଳିତ ଭାବେ ଲୋକଙ୍କୁ ପ୍ରକୃତ ତଥ୍ୟ ନ ଦେଇ କେବଳ କାହାଣୀ କହିଚାଲିଛନ୍ତି। ଲକଡାଉନ, ସଟ୍‌ଡାଉନ ହେଉଛି, ହେଲେ ଏ ମହାମାରୀରୁ ରକ୍ଷା ପାଇବାରେ ବାସ୍ତବ ଯୋଜନା କିଛି ନାହିଁ।

**ଦଳ ଭିତରେ ଆପଣଙ୍କ ଦକ୍ଷତା ଓ ପ୍ରଭାବ ବେଶ ସ୍ପଷ୍ଟ। ରାଜ୍ୟର ଜଣେ ଟାଣୁଆ ନେତା ଭାବେ ଆପଣଙ୍କୁ ସମସ୍ତେ ଜାଣିଛନ୍ତି। ତେବେ ଆପଣଙ୍କୁ ଯେବେ ଦଳ ପକ୍ଷରୁ ପିସିସି ସଭାପତି କିମ୍ବା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଚୟନ କରାଯାଏ, ଆପଣ କେଉଁ ପଦବୀ ପାଇଁ ଆଗ୍ରହ ପ୍ରକାଶ କରିବେ ?**

ଯୋଗ୍ୟତା ଭିତ୍ତିରେ କଂଗ୍ରେସ ହାଇକମାଣ୍ଡ ଯଦି ସ୍ୱଇଚ୍ଛାରେ ମୋତେ କୌଣସି ପଦ ପାଇଁ ସ୍ଥିର କରିବେ ଆପତ୍ତି କରିବି ନାହିଁ। 'ମାଗିବିନି କି ମିଳିଲେ ଛାଡିବିନି'। ଲବି କରି ପଦ ପଦବୀ ହାତେଇବା ଗୁଣ ମୋର ନାହିଁ। ମୁଁ ସ୍ୱଚ୍ଛ ରାଜନୀତିରେ ବିଶ୍ୱାସ କରେ। ଲୋକଙ୍କ ପାଇଁ କାମ କଲେ ଲୋକ ଭୋଟ ଦେବେ। ସେମାନଙ୍କ ସମସ୍ୟାର ସମାଧାନକୁ ପ୍ରାଥମିକତା ଦେବା ମୋର କର୍ତ୍ତବ୍ୟ। ଆଜି ପର୍ଯ୍ୟନ୍ତ ତାହା ମୁଁ କରିଚାଲିଛି। ଅନ୍ୟକଥା ହେଉଛି କଂଗ୍ରେସ ଦଳରେ କିଭଳି ଶୃଙ୍ଖଳା ଫେରିବ ଏବଂ ଦଳୀୟ ନେତା ଏକଜୁଟ୍ ହୋଇ ବିଜେଡିକୁ ପରାସ୍ତ କରିବା ପାଇଁ ରଣନୀତି ପ୍ରସ୍ତୁତ କରିବେ ତାହା ଆଜିର ଦିନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ତେଣୁ କଂଗ୍ରେସ ନେତାମାନେ ଏକଜୁଟ ହୋଇ ଏବେଠାରୁ କାର୍ଯ୍ୟ ଆରମ୍ଭ କଲେ ଏବଂ ନିଜର କର୍ମୀମାନଙ୍କୁ ପୂର୍ବଭଳି ବିଶ୍ୱାସକୁ ନେଇ ଆଗକୁ ବଢ଼ିବାକୁ ପ୍ରେରଣା ଯୋଗାଇଲେ ଆଗାମୀ ଦିନରେ କଂଗ୍ରେସ ପୁଣିଥରେ ଚମକିବ।



କଂଗ୍ରେସର ବରିଷ୍ଠ ନେତା ତଥା ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ 'ଏକମାତ୍ର' ସମ୍ପାଦକ ତାରକ ମହାନ୍ତି।

# ୧୦ କୋଟି ଟଙ୍କାର ଲୁଗା କିଣିଲା 'ବୟନିକା'

**ଭୁବନେଶ୍ୱର :** 'ବୟନିକା' ଦୀର୍ଘ ୬୪ବର୍ଷ ଧରି ବୁଣାକାରଙ୍କ ସେବାରେ ଅନବରତ ଭାବେ ନିଜକୁ ଉତ୍ସର୍ଗୀକୃତ କରି ଆସିଛି। ଏହି ପରିପ୍ରେକ୍ଷୀରେ ବୁଣାକାରଙ୍କ ପ୍ରତି 'ବୟନିକା'ର ଦାୟିତ୍ୱବୋଧତା ବହୁଗୁଣିତ ହୋଇଛି। ଏହି ପରିସ୍ଥିତିରେ ବୁଣାକାରମାନେ ନିଜର ବୃତ୍ତିକୁ କିପରି ବଞ୍ଚାଇ ରଖି ନିଜର ଜୀବନ ଜୀବିକା ନିର୍ବାହ କରିପାରିବେ ସେଥିପାଇଁ 'ବୟନିକା' ବିଶେଷ ଯତ୍ନବାନ। ଅପ୍ରେଲ ୨୦ତାରିଖରୁ ଏଯାବତ୍ 'ବୟନିକା' ବିଭିନ୍ନ ବୁଣାକାର ସମବାୟ ସମିତିକୁ ୪ କୋଟି ୩୦ଲକ୍ଷ ଟଙ୍କାର ସୂତା ଯୋଗାଇ ଦେଇଛି ଏବଂ ସେମାନଙ୍କଠାରୁ ପ୍ରାୟ ୧୦ କୋଟି ଟଙ୍କାର ଲୁଗା କ୍ରୟ କରିଛି। ମଜୁରୀ ଓ ଲୁଗା ବକେୟା ବାବଦକୁ ସମିତିମାନଙ୍କୁ ୧୨ କୋଟି ୩୮ ଲକ୍ଷ ଟଙ୍କା ପ୍ରଦାନ କରିଛି। ଏହାଦ୍ୱାରା ଓଡ଼ିଶାର ବୁଣାକାରମାନେ ନିଜର କୌଳିକ ବୃତ୍ତିକୁ ବଞ୍ଚାଇ ରଖିବାରେ ସକ୍ଷମ ହୋଇପାରିଛନ୍ତି। କୋଭିଡ୍ ପାଇଁ ଗତବର୍ଷ ତୁଳନାରେ 'ବୟନିକା' ଚଳିତବର୍ଷ ୨୦ କୋଟି ଟଙ୍କାର ବ୍ୟବସାୟ ହରାଇବ। ଏହାକୁ ଦୃଷ୍ଟିରେ ରଖି ଏବଂ ବୁଣାକାରଙ୍କୁ ନିୟମିତ କାମ ଯୋଗାଇ ତାଙ୍କଠାରୁ ବସ୍ତ୍ର କିଣିବା ପାଇଁ ଜାତୀୟ ହସ୍ତତନ୍ତ ଦିବସ ଅବସରରେ ଓଡ଼ିଶା ସରକାର 'ବୟନିକା'କୁ ୧୫କୋଟି ଟଙ୍କାର ସୁଧମୁକ୍ତ କାର୍ଯ୍ୟକାରୀ ମୂଳଧନ ଯୋଗାଇଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହା 'ବୟନିକା' ଓ ବୁଣାକାରଙ୍କ ପାଇଁ ରାଜ୍ୟ ସରକାରଙ୍କ ଏକ ବଡ଼ ପଦକ୍ଷେପ। ସୂଚନାଯୋଗ୍ୟ ସମଗ୍ର ଦେଶରେ ଅଗଷ୍ଟ ୭ ତାରିଖକୁ ଜାତୀୟ ହସ୍ତତନ୍ତ ଦିବସ ଭାବେ ପାଳନ କରାଯାଇଥାଏ। ତେବେ କୋଭିଡ୍ ପାଇଁ ଚଳିତବର୍ଷ ଏହି ଦିବସକୁ ଓଡ଼ିଶାରେ ପାଳନ କରାଯାଇନାହିଁ।


PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College,
Chandaka, Bhubaneswar, Odisha
Contact : 8658607286



PLOT FOR SALE
MOUZA : JUJHAGADA
(Back side of Nandankanan Zoo)
BHUBANESWAR
Contact : 865807286 / 8917571455



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
Contact : 8658607286 / 8917571455

PLOT FOR SALE@BHUBANESWAR



30ft Internal Road
Mouza : Pandiapada
Contact Immediately :
8658607286 / 8917571455

Yellow Zone, 30ft wide Road
Mouza : Dakhina Mundamuhan
(Near CV Raman College)
100ft Proposed BDA Road
Contact Immediately :
8658607286 / 8917571455





Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି